Split by PDF Splitter

ERED No. C. 81

201

# ଉତ୍କଳ ଦୀପିକା

## ସାପ୍ତାହିକ ସମାଚାରପତ୍ରିକା

ଭାଗ ୩୪ । ସଂଖ୍ୟା ୨୪ । ତା ୧୭ ଋଣ ମାହେ ଜୁନ ସନ ୧୮୯୯ ମସିହା । ମୁ । ୭ ଅଙ୍କ ଆଷାଢ଼ ୨ ଦିନ ଶନିବାର । ଅଗ୍ରିମ ଟ ୩। ପଶ୍ଚାଦେୟ ଟ ୬।

ଆସନ୍ତା ଶୁକ୍ରବାର ସ୍ନାନ ପୂର୍ଣ୍ଣିମା ଦିନ ଠିକ ସନ୍ଧ୍ୟା ବେଳେ ଚନ୍ଦ୍ରଗ୍ରହଣ ହେବ । ଏ ଗ୍ରହଣ ଚନ୍ଦ୍ରମଣ୍ଡଳକୁ ଗ୍ରାସି ଥିବାଠାରୁ ପ୍ରାୟ ✱ ଅଙ୍ଗୁଳ ଗ୍ରାସ କରିବ । ଠିକ ଘ ୮ ଘଣ୍ଟା ବେଳେ ପରମ ଗ୍ରାସ ଏବଂ ଘ ୯।୪୬ ମିନିଟରେ ସର୍ବମୋକ୍ଷ ହେବ । ଦିବା ଘ ୮।୩୮ ମିନିଟ ଉତ୍ତାରୁ ହାଣ୍ଡିଛଡ଼ା ... ଅନୁଷ୍ଠେୟ ନାହିଁ ।

———

ଗତ ସରକାରୀ ରିପୋର୍ଟରୁ ପ୍ରକାଶ ଯେ ମଧ୍ୟପ୍ରଦେଶରେ ୫୬୫୫ ଏବଂ ରାଜପୁତାନାରେ ୨୪୦୨ ଜଣ ଦୁର୍ଭିକ୍ଷ ସାହାଯ୍ୟ ପାଇବା ଭାଲିକାଭୁକ୍ତ ଥିଲେ । ଭାରତର ଅନ୍ୟ ସମସ୍ତ ସ୍ଥାନରେ ବୃଷ୍ଟିର ଅବସ୍ଥା ଅନୁକୂଳ ଅଟେ କେବଳ ପଞ୍ଜାବରେ ବୃଷ୍ଟିର ବିଶେଷ ଲୋଡ଼ା ଅଛି । ବ୍ରହ୍ମ ରାଜ୍ୟରେ ଗୃହିଲର ଦରି ସାଧାରଣ ବର୍ଷାପେକ୍ଷା ଉଣା ହୋଇଅଛି

———

ପଣ୍ଡିଚେରୀରେ ଚିନାବାଦାମର ଏତେ ଆଦର ହୋଇଅଛି ଯେ ସେଠାର ଚାଷିମାନେ ସେହି କ୍ଷେତ କରିବ କାରଣ ଭଲ ଅଗ୍ରହ ସହିତ ପୂର୍ବରୁ ବାହଳ ସଂଗ୍ରହ କରୁଅଛନ୍ତି । ଅନୁଦିନ ହେଲା ୧୬ ଶତ ମହଣ ଚିନାବାଦାମ ବାହାର କ୍ଷେତଗଲଠାରୁ ସେଠାରୁ ଅମଦାନି ହୋଇଅଛି ।

ଦକ୍ଷିଣରେ ତାହା ଗୋଟିଏ ଲାଭକର ଫସଲ ଅଟେ ।

———

ବିଲାତରେ ଇଞ୍ଜିନିୟରୀ ବିଦ୍ୟାଶିକ୍ଷା ନିମନ୍ତେ କୁପରହିଲ କଲେଜ ନାମରେ ଗୋଟିଏ ବିଦ୍ୟାଳୟ ଅଛି । ସେହି କଲେଜରୁ ଉତ୍ତୀର୍ଣ୍ଣ ହେବା ବ୍ୟକ୍ତିମାନେ ଭାରତକୁ ଇଞ୍ଜିନିୟର ହୋଇ ଆସନ୍ତି ଏବଂ ଭାରତକୋଷରୁ ସେ କଲେଜର ବ୍ୟୟ ନିର୍ବାହ ହୁଅଇ । ପୂର୍ବେ ବହୁତ ଅଧିକା ବ୍ୟୟ ପଡ଼ୁଥିଲା । ମାତ୍ର ସନ ୧୮୯୭ ସାଲର ହେସାବରୁ ପ୍ରକାଶ ଯେ ସେହି କଲେଜର ଆୟରୁ ସମସ୍ତ ବ୍ୟୟ ନିର୍ବାହ ହୋଇ ପ୍ରାୟ ୩୦ ହଜାର ଟଙ୍କା ବଳିଥିଲା । ଏହା ଅବଶ୍ୟ ସୁଖର ବିଷୟ ଅଟେ ।

———

ଇଂଲଣ୍ଡମାନରେ ଦୁଃଖର ସହିତ ପାଠ କଲୁଁ ଯେ ମହାରାଜା ହୋଲକାରଙ୍କର ଅତ୍ୟାଚାର ଘଟିତ ଅନେକ ଦରଖାସ୍ତ ପଡ଼ିଅଛି । ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଅବଶ୍ୟ କେତେକ ବିଷୟ ଜାଣି ପାରି ଅଛନ୍ତି ଏବଂ ବଡ଼ଲାଟ ଲର୍ଡ କର୍ଜନ ବାହାଦୁର ଏମନ୍ତ ଲୋକ ନୁହନ୍ତି ଯେ ତାହାଙ୍କ ନିକଟକୁ ପଠା ଯିବା କୌଣସି ଯୁକ୍ତିସଙ୍ଗତ ଆବେଦନପତ୍ର ବୃଥା ହେବ । ଆମ୍ଭେମାନେ ଆଶା କରୁଁ ହୋଲକାର ମହାରାଜା ସାବଧାନ ହେବେ ! ଇଂରାଜ ଗବର୍ଣ୍ଣମେଣ୍ଟଙ୍କର ଧୈର୍ଯ୍ୟ ଲଙ୍ଘନ ହେଲେ ରକ୍ଷା ପଡ଼ିବ ନାହିଁ ।

———

କଲିକତାର ମ୍ୟୁନିସିପଲ କମିଶନରମାନଙ୍କ ପକ୍ଷରୁ ଲେଫ୍ଟେନାଣ୍ଟ ଗବର୍ଣ୍ଣର ସାହେବଙ୍କୁ ବଙ୍ଗୀୟ ବ୍ୟବସ୍ଥାପକ ସଭାର ସଭ୍ୟ ହେବା କାରଣ ନିର୍ବାଚନ କରିଅଛନ୍ତି । ବାବୁ ନରେନ୍ଦ୍ରନାଥ ସେନଙ୍କ ନିମନ୍ତେ କେତେକ କମିଶନର ମତ ଦେଇଥିଲେ ମାତ୍ର ଅଧିକ ମତ ଲେଫ୍ଟେନାଣ୍ଟ ସାହେବଙ୍କ ସପକ୍ଷରେ ହେଲା । ମିଉନିସିପାଲିଟିର କାର୍ଯ୍ୟରେ ଲେଫ୍ଟେନାଣ୍ଟ ସାହେବ ନରେନ୍ଦ୍ରବାବୁଙ୍କଠାରୁ ଉଣା ନୁହନ୍ତି ଏବଂ ତାହାଙ୍କ ନିର୍ବାଚନଦ୍ୱାରା ପ୍ରକାଶ ପାଉଅଛି ଯେ ବଙ୍ଗାଳୀ କମିଶନରମାନେ ସ୍ୱଜାତିର ପକ୍ଷପାତୀ ନ ଥାଇ ଗୁଣର ପକ୍ଷପାତୀ ଅଟନ୍ତି । ମିଉନିସିପଲ ଆଇନର ଯେ ସମସ୍ତ ଦୋଷ ନରେନ୍ଦ୍ର ବାବୁ ଦେଖାଇଅଛନ୍ତି ଯେବେ ଲେଫ୍ଟେନାଣ୍ଟ ସାହେବ ତାହା ଅନୁମୋଦନ କରିବେ ତେବେ ଗବର୍ଣ୍ଣମେଣ୍ଟ ସ୍ପଷ୍ଟ ବୁଝିପାରିବେ ଯେ ସେ ଦୋଷମାନ ଅତ୍ୟନ୍ତ ଗୁରୁତର ଅଟେ ।

—✱—

ଇଂରାଜଙ୍କ ଅଧିକାର ବହିର୍ଭୂତ ଭାରତୀୟ ରାଜାମାନଙ୍କଠାରୁ ମହାରାଣୀଙ୍କର ପାର୍ଣ୍ଣ

Digitized by srujanika@gmail.com

Split by PDF Splitter



ଅଦାୟ କରିବା ଅତ୍ୟନ୍ତ କଠିନ ବୋଲି ଜଣେ ଭାରତବାସୀ ଇଂରାଜ ସମ୍ପାଦକ ସ୍ୱୀକାର କରି ଅଛନ୍ତି । ଦେଶୀୟ ରାଜାମାନେ ଭାରତ ପ୍ରଚଳିତ ସରକାରୀ ଆଇନର ଅଧୀନ ନୁହନ୍ତି । ସଉଦାଗର ମାନେ ସେମାନଙ୍କ ନାମରେ ବ୍ରିଟିଶ ଭାରତ ଅନ୍ତର୍ଗତ କୌଣସି ଅଦାଲତରେ ମୋକଦ୍ଦମା କରି ନ ପାରନ୍ତି । ଏହା ଜାଣି ଯେବେ ସଉଦାଗରମାନେ ରାଜାମାନଙ୍କୁ ନଗଦ ମୂଲ୍ୟନେ ଦ୍ରବ୍ୟ ନ ଦେଇ ଧାର ଦେବେ ତେବେ ସେ ଦୋଷ ସେମାନଙ୍କର ନା ଆଉ କାହାର ହେବ ? ଯେ ସ୍ଥଳେ ଅଧିକ ଲାଭ ନିମନ୍ତେ ଉଧାର ଦଅନ୍ତି ସେ ସ୍ଥଳେ ତହିଁର ଦାୟ ଗ୍ରହଣ କରିବା ଉଚିତ । ଯାହା ହେଉ ଦେଶୀୟ ରାଜାଙ୍କର ଆତ୍ମମର୍ଯ୍ୟାଦା ରକ୍ଷା କରିବ ଉଚିତ ଏବଂ ତାହା ଯେ ଅନେକେ କରୁଅଛନ୍ତି ତହିଁରେ ସନ୍ଦେହ ନାହିଁ । କେବେ କେବେ ଲୋକଙ୍କର ହେଲା ହେତୁ ଗୋଟିଏ ଶ୍ରେଣୀର ଲୋକଙ୍କପ୍ରତି ଅବିଶ୍ୱାସର କଥା ଶୁଣା ଯାଏ ।

---

ହାଇଲେଭଲ କେନାଲ ଗତ ତା ୧୮ ରିଖରୁ ଫିଟିଅଛି । ପୂର୍ବପରି ପ୍ରତି ସପ୍ତାହରେ ଦୁଇଥର ଏଠାରୁ ଭଦ୍ରକ ପର୍ଯ୍ୟନ୍ତ ସରକାରୀ ବୋଟ ଚାଲିବାର ଆରମ୍ଭ ହୋଇଅଛି । ମାତ୍ର ବାର ବଦଳ ଯାଇଅଛି ଅର୍ଥାତ୍ ମଙ୍ଗଳବାର ଓ ଶନିବାର ପରିବର୍ତ୍ତେ ସୋମବାର ଓ ଶୁକ୍ରବାର ସକାଳ ସ ୮ ଘ ବେଳେ ଯୋବରା ଘାଟଠାରୁ ଏବଂ ମଙ୍ଗଳବାର ଓ ଶୁକ୍ରବାର ସେହି ସମୟରେ ଭଦ୍ରକଠାରୁ ବୋଟ ଯାତ୍ରା କରିବ ଏବଂ ବାଟରେ କେବଳ ପ ୬୬ ଘଣ୍ଟା ଲାଗିବ । ନଦୀବନ୍ଧିରେ ବିଳମ୍ବ ଘଟିପାରେ । ମାଲଦପୁରଠାରୁ ଯାଜପୁର ପର୍ଯ୍ୟନ୍ତ ବର୍ତ୍ତମାନ ବୋଟ ଯିବା ଆସିବା କରିବ ନାହିଁ । ବୋଧ ହୁଅଇ ଜଳ କମ ହେତୁ ଯାଜପୁରଯାତ୍ରୀଙ୍କର ସୁବିଧା ଆପାତତଃ ହୋଇ ପାରିଲା ନାହିଁ । ଯାହାହେଉ ଭଦ୍ରକ ବାଟ ଫିଟିବାଦ୍ୱାରା ରେଲ ଯାତ୍ରୀଙ୍କର କଷ୍ଟ କେତେକ ପରିମାଣରେ ଲାଘବ ହେଲା କଟକ ଓ ଭଦ୍ରକ ମଧ୍ୟରେ ପ୍ରକୃତରେ ରେଲ ନ ଚାଲିବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁବିଧା ହେବ ନାହିଁ ଏବଂ ସେ ସମ୍ବନ୍ଧରେ ଶୀଘ୍ର ବନ୍ଦୋବସ୍ତ ହେବାର ଅବସ୍ଥା ଜଣା ପଡ଼ୁ ନାହିଁ ।

---

ଦାରଜିଲିଂଠାରେ ଇଡ଼ନସାନି ଟେରିଅମ ନାମରେ ଯେଉଁ ସାଧାରଣ ସ୍ୱାସ୍ଥ୍ୟାଗାର କେତୁବର୍ଷ ହେଲା ସ୍ଥାପିତ ହୋଇଅଛି ତହିଁର ଉପକାରିତା କ୍ରମଶଃ ବୃଦ୍ଧି ହେବା ବଡ଼ ଆନନ୍ଦର ବିଷୟ ଅଟେ । ସନ ୧୮୯୮ ସାଲର ରିପୋର୍ଟରୁ ପ୍ରକାଶ ଯେ ଗତ ବ ୧୦ ବର୍ଷଠାରୁ ଅଧିକ ରୋଗୀ ସ୍ୱାସ୍ଥ୍ୟଲାଭ ନିମନ୍ତେ ସେଠାରେ ଆଶ୍ରୟ ନେଇଥିଲେ । ସେମାନଙ୍କ ସଂଖ୍ୟା ୩୭୪ ଥିଲା । କେବଳ ସେମାନଙ୍କ ଜାତି ଓ ବୃତ୍ତିର ସଂଖ୍ୟା ଜଣା ପଡ଼ିଥିଲା । ସମ୍ଭବତଃ ସେହି ଆଶ୍ରମରେ ବାସ କରିବାର ଅଧିକ ସୁବିଧା ହେତୁ ଆପଣା ଲୋକ ବା ଗୃହର ଅଧିକ ସଙ୍ଗେ ନେବାର ଆବଶ୍ୟକ ହୋଇ ନାହିଁ । ମୋଟରେ ରୋଗୀ ସଂଖ୍ୟା ବୃଦ୍ଧି ହେଲେହେଁ ତାହା କେବଳ ୧ମ ଓ ୨ୟ ଶ୍ରେଣୀରେ ଘଟିଅଛି ମାତ୍ର ଅନ୍ୟ ଶ୍ରେଣୀରେ ଊଣା ପଡ଼ିଅଛି । ଶେଷ ଶ୍ରେଣୀର ରୋଗୀଙ୍କ ସୁଖ ଓ ସୁବିଧା ବିଷୟରେ କିଛି ଅଭାବ ଥିଲେ ତହିଁପ୍ରତି ମନୋଯୋଗୀ ହେବାକାରଣ ମାନ୍ୟବର ଲେପ୍ଟେନାଣ୍ଟ ସେହି ଆଶ୍ରମର କମିଟୀକୁ ଅନୁରୋଧ କରୁଅଛନ୍ତି ।

---

ପାରଲା ଖେମଣ୍ଡି ରେଲବାଟ ନିର୍ମାଣ କାର୍ଯ୍ୟ ଅତି ବେଗରେ ଚାଲୁଅଛି । ଏ ବାଟରେ ମହେନ୍ଦ୍ରତନୟା ନାମକ ଗୋଟିଏ ମାତ୍ର ନଦୀ ଉପରେ ପୁଲ ତିଆର କରିବା ଖର୍ଚ୍ଚ ୬୦ ହଜାର ଟଙ୍କା ଇଷ୍ଟିମେଟ ହୋଇଅଛି । ପୁଲବନ୍ଧ ସହିତ ସମସ୍ତ ରେଲବାଟର ଖରଚ ମାଇଲପ୍ରତି ୨୧ ହଜାର ଟଙ୍କାରୁ ଅଧିକ ପଡ଼ିବ ନାହିଁ ଏବଂ ଏହି ବାଟର ଅଧିକାଂଶ ପାହାଡ଼ିଆ ଉଚ୍ଚ ସମତଳ ଭୂମିରେ ନିର୍ମିତ ହେଉଥିବାରୁ ଏହାକୁ ଭାରତର ଗୋଟିଏ ଅତି ସୁଲଭ ଦରର ରେଲବାଟ ବୋଲିବାକୁ ହେବ ଅମ୍ଭେମାନେ ଅବଗତ ହୋଇଅଛୁଁ ଯେ ପାରଲା ଖେମଣ୍ଡି ରେଲ ବାଟ ଶସ୍ତା ଦରରେ ନିର୍ମିତ ହେବା ସୁତରାଂ ତାହା ଲାଭ ଜନକ ହେବାର ଆଶା ଦେଖି ଏହିପରି ଅନ୍ୟାନ୍ୟ ଶାଖା ରେଲବାଟ ନିର୍ମାଣ ନିମନ୍ତେ କଲିକତାରେ ଗୋଟିଏ କମ୍ପାନୀ ଗଠିତ ହେବାର ପ୍ରସ୍ତାବ ହେଉଅଛି । ଯେବେ ଦେଶୀୟ ଲୋକମାନେ ଶୀଘ୍ର ଏହିପରି ରେଲବାଟ ନିର୍ମାଣ ବିଷୟରେ ମନୋଯୋଗୀ ନ ହେବେ ତେବେ ପଶ୍ଚାତାପ କରିବାକୁ ହେବ ସନ୍ଦେହ ନାହିଁ ।

---

ମାନ୍ଦ୍ରାଜ ଅନ୍ତର୍ଗତ ଟେନାଭେଲି ଜିଲ୍ଲାରେ ଉପ୍ରୁଲିତ ଦଙ୍ଗା ହୋଇଥିବାର ସମ୍ବାଦ ଆସିଅଛି । ଏହି ଦଙ୍ଗାର ଏକ ପକ୍ଷ ଚନାର (ଶନାର, ଅର୍ଥାତ୍ ଖଜୁରୀ ଗଛରୁ ତାଡ଼ି କାଟିବା ଜାତିମାନେ ଏବଂ ଅପରପକ୍ଷ ମାରୱାର ଜାତିମାନେ ଅଟନ୍ତି । ଦଙ୍ଗାର ଉତ୍ପତ୍ତି ଗତ ଏପ୍ରେଲମାସ ତା ୨୬ ରିଖରେ ଚନାର୍‌ମାନେ ମାରୱାରଙ୍କ ଶାହିରେ ପ୍ରବେଶ କରିବା ହେତୁରେ ହୋଇଥିଲା ଏବଂ ତେତେବେଳେ ମାରୱାର ମାନଙ୍କର କ ୪୫ ଖଣ୍ଡ ଘର ପୋଡ଼ି ଦେଇଥିଲେ ଏବଂ ତତ୍ପରକ୍ଷଣରେ ଶାନ୍ତି ରକ୍ଷାର ଜାମିନ ଦେଇଥିଲେ । ସେହି ଜାତୀୟ ବିବାଦର ବଶବର୍ତ୍ତୀ ହୋଇ ପ୍ରାୟ ଏକ ସହସ୍ର ମାରୱାର ଉଦେବେଲ ଉତ୍ତରର ଟିବକାଶି ଗ୍ରାମରେ ଦଳବଦ୍ଧ ହୋଇ ସେହି ଗ୍ରାମ ଓ ନିକଟସ୍ଥ କେତେକ ଗ୍ରାମ ପୋଡ଼ି ଦେଲେ କଠିନ୍‌ମାନ ଧ୍ୱଂସ କଲେ ଏବଂ ଶତାଧିକ ଲୋକ ପ୍ରାଣେ ମାରିଲେ । ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ପୁଲିସ ସାହେବମାନେ ଯଥାସମୟରେ ଉପସ୍ଥିତ ହେଲେ ସୁଦ୍ଧା କେହି ମାନିଲେ ନାହିଁ ତହୁଁ ଜଏଣ୍ଟ ପଲଟନ ଆସି ଦଙ୍ଗାକାରମାନଙ୍କୁ ଘଉଡ଼ାଇ ଦେଲେ । ଏତେବେଳେ ପୁଲିସ ତଦନ୍ତ ଓ ଆସାମୀ ଧରା ଲାଗିଅଛି । ସେ ଅଞ୍ଚଳର ଚନାର ମାନଙ୍କର ଜାତୀୟ ବନ୍ଧନ ଦୃଢ଼ ଏବଂ ସେମାନଙ୍କ ମଧ୍ୟରେ ଅନେକ ଧନବନ୍ତ ଅଛନ୍ତି । ଜାତୀୟ ବୃଥା ଅହଙ୍କାର ତହିଁ ବିରୋଧର ମୂଳ କାରଣ ବୋଲି ଜଣା ଯାଏ ଏବଂ ଏହାର ଭାରତର ଅବନତିର ପ୍ରଧାନ ହେତୁ । ଏକ ଜାତିର ଅନ୍ୟ ଜାତିର ସାହି ଅଥବା ଦେବାଳୟରେ ପ୍ରବେଶ କରିବାର ଅଧିକାର ଅଛି କି ନାହିଁ ସେ ବିଷୟ ଗବର୍ଣ୍ଣମେଣ୍ଟଙ୍କ ଦ୍ୱାରା ଦେବାନୀ ଅଦାଲତରେ ସହଜରେ ନିଷ୍ପତ୍ତି ହୋଇ ପାରନ୍ତା । ତାହା ନ କରି ବଳ ଦେଖାଇବାର ପ୍ରୟୋଜନ କିସ ?

---

ସରକାରୀ ବତୁ ପରୀକ୍ଷକଙ୍କର ଭବିଷ୍ୟଦ୍‌ବାଣୀର ବୃଷ୍ଟିଗଣନା ବାହାରିଅଛି । ସେ ଲେଖିଅଛନ୍ତି ଯେ ମୌସୁମି ବୃଷ୍ଟି ଚଳିତ ଜୁନମାସ ତା ୭ ରିଖରେ କନ୍ୟାକୁମାରୀରେ ବମ୍ବେଇ ଉପକୂଳରେ ପହଞ୍ଚିଅଛି ଏବଂ ତା ୧୫ ରିଖ ଅଥବା ତହିଁର କେତେକ ପରେ ବଙ୍ଗ ଉପକୂଳରେ ପ୍ରବେଶ କରିବ । ବର୍ଷାକାଳ ସମୟରେ ପ୍ରବେଶ ହେଲେହେଁ ତହିଁର ବଳ ସାଧାରଣ ପ୍ରକାର ହେବ ଅର୍ଥାତ୍ ଅନ୍ୟାନ୍ୟ ବର୍ଷଠାରୁ ବିଶେଷ ପ୍ରବଳ ବା ଦୁର୍ବଳ ହେବ ନାହିଁ ସମ୍ଭବତଃ ବମ୍ବେଇରେ ବଙ୍ଗଳାଠାରୁ କିଛି ପ୍ରବଳ ହୋଇପାରେ । ସମସ୍ତ ଭାରତରେ ବାୟୁର ବୃଷ୍ଟିର ପରିମାଣ ସାଧାରଣ ପ୍ରକାର ହେଲେହେଁ ଆସାମ, ଉତ୍ତର ବଙ୍ଗ, ବିହାର, ଗୁଜରାଟ, ବମ୍ବେ, ଦାକ୍ଷିଣାତ୍ୟ ଏବଂ ମହୀଶୂରରେ ତହିଁର ବଳ କିଛି ଊଣା ହେବ

Digitized by srujanika@gmail.com

ନାଗପୁର, ଓଡ଼ିଶା, ପଶ୍ଚିମବଙ୍ଗ, ଉତ୍ତରପଶ୍ଚିମ ପ୍ରଦେଶ, ମଧ୍ୟପ୍ରଦେଶ ଏବଂ ହାଇଦରାବାଦରେ ସମାନ ଏବଂ ନିମ୍ନବ୍ରହ୍ମ, ଦକ୍ଷିଣବଙ୍ଗ, ପଞ୍ଜାବ, ରାଜପୁତାନା ଏବଂ ମଧ୍ୟଭାରତରେ ଢେର ଅଧିକ ହେବ । ମୌସୁମି ବୃଷ୍ଟିର ପ୍ରବେଶ ହେବାରୁ ଜୁଲାଇ ଅଥବା ଅଗଷ୍ଟମାସରେ ଦୀର୍ଘକାଳ ମେଘ ଛାଡ଼ିଯିବାର ଆଶଙ୍କା ନାହିଁ । ଏଥିରୁ ଜଣାଯାଏ ଯେ ଗତବର୍ଷ ଓଡ଼ିଶାରେ ଯେପରି ବୃଷ୍ଟି ହୋଇଥିଲା ଏବର୍ଷ ତହିଁରୁ ଊଣା ନ ହୋଇ ବରଂ କିଞ୍ଚିତ ଅଧିକ ହେବ ଏବଂ ବୃଷ୍ଟି ଅଭାବ ଫସଲକୁ ବାଧିବାର ଆଶଙ୍କା ନାହିଁ । ଏପର୍ଯ୍ୟନ୍ତ ଓଡ଼ିଶା, ବଙ୍ଗଳାରେ ବୃଷ୍ଟି ଫସଲପ୍ରତି ଅନୁକୂଳ ହୋଇଅଛି ଏବଂ ବୁଣାବୁଣି କାର୍ଯ୍ୟ ପ୍ରାୟ ଶେଷ ହୋଇଅଛି । ଅତି ଅଳ୍ପସ୍ଥାନରେ ଜଳ ଅଭାବରୁ ବିଲରେ ଲାଙ୍ଗଳ ପଡ଼ିବାର ବାଧା ଘଟିବାର କଥିତ ହୁଅଇ । ଯାହାହେଉ ଗତ ସୋମବାରଠାରୁ ମୌସୁମ ବୃଷ୍ଟି ଆରମ୍ଭ ହୋଇ ଏ ସପ୍ତାହରେ ପ୍ରାୟ ସର୍ବତ୍ରେ ପ୍ରଚୁର ବୃଷ୍ଟି ହୋଇଅଛି ।

---

## ପ୍ରଜାସ୍ୱତ୍ୱ ବିକ୍ରୟ ।

ବର୍ତ୍ତମାନ ବନ୍ଦୋବସ୍ତ ମହକୁମାର କାର୍ଯ୍ୟ ପ୍ରାୟ ଶେଷ ହୋଇ ଆସିଲାଣି । ଯାହାବାକି ଅବଶିଷ୍ଟ ଅଛି ତାହା ବୋଧ ହୁଏ ଆଉ ମା. ୪ ସ ମଧ୍ୟରେ ଶେଷ ହୋଇଯିବ । ସୁତରାଂ ଏହି ବନ୍ଦୋବସ୍ତ କାର୍ଯ୍ୟର ଫଳକୁ ସମସ୍ତେ ତୀକ୍ଷ୍ଣଦୃଷ୍ଟିରେ ଦେଖୁଅଛନ୍ତି । ଅମ୍ଭେମାନେ ଇତିପୂର୍ବେ ପ୍ରଜାମାନଙ୍କଠାରୁ ବାକି ଖଜଣା ଅବାଧ୍ୟସମ୍ବନ୍ଧରେ ବଙ୍ଗୀୟ ପ୍ରଜାସ୍ୱତ୍ୱ ଆଇନ ଜାରିହେବାରୁ ଯହିଁ ଅନୀତ ହୋଇଅଛି ତାହା ଦେଖାଇ ଦେଇଅଛୁ । ଅଛି ପ୍ରଜାଙ୍କର ସ୍ୱତ୍ୱ ବିକ୍ରୟ ସମ୍ବନ୍ଧରେ ବିରୂପ ଗୋଳମାଳ ଉପସ୍ଥିତ ହୋଇଅଛି ତାହା ଦେଖାଉଅଛୁଁ । ପୂର୍ବ ବନ୍ଦୋବସ୍ତମାନଙ୍କରେ ଥାନି ପ୍ରଜାଙ୍କୁ ସରକାରୀ ପଟ୍ଟା ମିଳିଥିଲା ଏବଂ ପାହି ପ୍ରଜାମାନଙ୍କୁ ଜମିଦାରି [illegible]ଆ କସ ଯାଉଥିଲା । ବର୍ତ୍ତମାନ ବନ୍ଦୋବସ୍ତରେ କାହାରିକି ପଟ୍ଟା ମିଳିଲା ନାହିଁ । ଥାନି ପାହି ନିର୍ବିଶେଷରେ ସମସ୍ତ ପ୍ରଜାମାନଙ୍କୁ ଖତିୟାନର ନକଲ ମିଳିଅଛି ଏବଂ ତହିଁର ଶେଷରେ ତାହାର ସ୍ୱତ୍ୱର ବିବରଣ ଲେଖା ଯାଇଅଛି ଅର୍ଥାତ୍ ଥାନି, କି ସ୍ଥିତିବାନ୍ ପାହି କି ଅବା ଦଖଲସ୍ୱତ୍ୱ ଶୂନ୍ୟ ବଳିଷ୍ଠ ରୟତ ତାହା ନିର୍ଦ୍ଦିଷ୍ଟ ହୋଇଅଛି । ପ୍ରଜାସ୍ୱତ୍ୱ ଆଇନରେ ରୟତ ଯୋତ ଜମି ବିକ୍ରୟ କରିପାରିବ କି ନାହିଁ ତାହା କିଛି ନିର୍ଦ୍ଦିଷ୍ଟ ନ ହୋଇ ଯେଉଁ ସ୍ଥାନର ରୟତ ସେ ସ୍ଥାନର ପ୍ରଚଳିତ ଦସ୍ତୁର ଉପରେ ତାହାକୁ ବର୍ତ୍ତ ଦିଆଯାଇଅଛି । ମାତ୍ର ପ୍ରଚଳିତ ଦସ୍ତୁର ପ୍ରମାଣ କରିବା ସହଜକଥା ନୁହଇ ଏବଂ କୌଣସିଠାରେ ବାସ୍ତବରେ ଦସ୍ତୁର ଥିଲେ ମଧ୍ୟ ମୋକଦ୍ଦମାରେ ତାହା ଅପ୍ରମାଣ କରିବା ଜମିଦାରଙ୍କୁ କଠିନ ନୁହେ କିମ୍ବା ଜମିଦାର ଅକ୍ଷମ ଥିଲେ କୌଣସି ବଳବାନ୍ ପ୍ରଜା ମଧ୍ୟ ମୋକଦ୍ଦମାରେ ମିଥ୍ୟାରେ ଦସ୍ତୁର ଥିବା ସମ୍ବନ୍ଧୀୟ ପ୍ରମାଣ ଅଗତ କରିପାରେ । ଦସ୍ତୁର ଉପରେ ବର୍ତ୍ତ ଦିଆ ଯାଇଥିବା ସ୍ଥଳେ ପ୍ରମାଣର ଭାର ଖରିଦଦାର ଉପରେ ପଡ଼ିବାର ନଜିର ହୋଇଅଛି ଏବଂ ଜମିଦାରଙ୍କ ବିନା ଅନୁମତିରେ ପ୍ରଜାସ୍ୱତ୍ୱ ବିକ୍ରୟ ହୋଇ ନ ପାରିବାର ନଜିର ହେଉଅଛି । ନଜିର ବା ଆଇନର କଥା ଅବଶ୍ୟ ମୋଫସଲ ଲୋକମାନଙ୍କୁ ଜଣା ନାହିଁ । ସୁତରାଂ ପ୍ରଜାମାନେ ଖତିଅନ ନକଲ ପାଇଲା ମାତ୍ରକେ ମାତିଉଠିଲେ । ଏହି ଖତିଅନ ନକଲ ମଫସଲର ସର୍ବତ୍ର ପଟ୍ଟାନାମରେ ଅଭିହିତ । ପ୍ରଜାଏ ଖତିଅନ ନକଲ ପାଇ ଆପଣା ଯୋତ ଜମି ବିକ୍ରୟ କରିପାରିବାର ଜ୍ଞାନ କରି ବିକ୍ରୟ କରିବାର ଆରମ୍ଭ କଲେ ଏବଂ ଏହି ସ୍ଥାନରେ ଲିଖିତ ବାଜେୟାପ୍ତ ଜମିର ପୂର୍ବ ଦରଠାରୁ ରୟତି ଯୋତ ଜମିର ମୂଲ୍ୟ ଅଧିକ ହୋଇଗଲା । ପ୍ରଜାଏ ଯେମନ୍ତ ମାତି ଜମିଦାରଙ୍କୁ ନ ପଚାରି ବିକ୍ରୟ କଲେ ତେମନ୍ତ ଜମିଦାରଙ୍କ ପକ୍ଷରୁ ମଧ୍ୟ ବିକ୍ରୟ ଅସିଦ୍ଧ ପୂର୍ବକ ଯୋତ ଜମିରେ ଖାସ ଦଖଲ କରିବାର ମାମଲା ଆରମ୍ଭ ହେଲା । [illegible]ଯତ ଅଥବା ଖରିଦଦାର ଜମିଦାରଙ୍କ ଜ[illegible] ଇଛା କଲେ । କେହି ଜମିଦାର ଅଦାଲତରୁ ଡିକ୍ରୀ ପାଇଲେ ଏବଂ ଅବଧି ଅନେକ ଗୁଡ଼ିଏ ମୋକଦ୍ଦମା ଦାଏର ଅଛି । ଫଳତଃ ଜମିଦାର ଏବଂ ପ୍ରଜା ଉଭୟେ ଖର୍ଚ୍ଚାନ୍ତ ହୋଇ ଲଣ୍ଡଭଣ୍ଡ ହେଲେ । ଅଦାଲତ ଖର୍ଚ୍ଚାର କଥା ଯେ ମାମଲା କରୁଅଛି ସେହି ଜାଣେ । ଯଦି ସ୍ୱତ୍ୱ [illegible]ର ସ୍ଥାନବିଶେଷର ଦସ୍ତୁର ବୁଝି ରୟତକୁ [illegible] ବିକ୍ରୟ କରିବାର ଅଧିକାର ଅଛି କି ନାହିଁ ବନ୍ଦୋବସ୍ତ କର୍ତ୍ତା ସ୍ଥିର ଯଦି [illegible] କରିଥାନ୍ତେ ତେବେ ଏତେସବୁ [illegible] କଥା ଯାଇ ନ ଥାନ୍ତା । ଏ ଦେଶର ଅବସ୍ଥା ଆମ୍ଭମାନଙ୍କୁ ଯେତେଦୂର ଜଣାଅଛି ପ୍ରଜାଙ୍କୁ ସ୍ୱତ୍ୱ ବିକ୍ରୟକରିବାର ଅଧିକାର ଦେବା ଅଦୌ ଉଚିତ ନୁହେ । ତଥାପି ଯଦି ସରକାର ଦସ୍ତୁର ଉପରେ ନିର୍ଭର କରିବାର ଆଇନ କଲେ ତେବେ ସେପରି ଦସ୍ତୁର କେଉଁଠାରେ ପ୍ରଚଳିତ ଅଛି ଅବା ନାହିଁ ତାହା ସ୍ଥିର କରି ସ୍ୱତ୍ୱଧର ପୂରଣ କରିଥିଲେ ସନ୍ତୋଷଜନକ ହୋଇଥାନ୍ତା । ଏପରି ଅତ୍ୟାବଶ୍ୟକୀୟ ବିଷୟ ସ୍ଥିର ନ କଲେ ସ୍ୱତ୍ୱଲିପି ପ୍ରସ୍ତୁତ କରିବାର ପ୍ରୟୋଜନ କିସ ? ଉତ୍ତର ପଶ୍ଚିମାଞ୍ଚଳରେ ଏହି ସ୍ୱତ୍ୱ ବିଶେଷ ସାବଧାନତା ସହିତରେ ପ୍ରସ୍ତୁତ ହୋଇଥିବାର ନଜିରମାନଙ୍କରୁ ପ୍ରକାଶ ପାଏ । ଏଠାରେ ତାହା ନ ହେଲା କାହିଁକି ? ଯଦି ଦଖଲିସ୍ୱତ୍ୱ ଅଛି କି ନାହିଁ ଏହାକି ନିର୍ଦ୍ଦିଷ୍ଟ କରିବା ସ୍ୱତ୍ୱଲିପି ପ୍ରସ୍ତୁତ କରିବା ଅଭିପ୍ରାୟ ତେବେତ ତାହା ପ୍ରସ୍ତୁତ କରି ନ ଥିଲେ ହୋଇଥାନ୍ତା । କେଉଁ ପ୍ରଜା ଦଖଲିସ୍ୱତ୍ୱ ପାଇବ ତାହା ଆଇନରେ ସ୍ପଷ୍ଟରୂପେ ଲେଖା ହୋଇଅଛି । ସୁତରାଂ ବିକ୍ରୟସ୍ୱତ୍ୱ ପ୍ରଜାର ଅଛି କି ନାହିଁ ଏହା ସ୍ଥିର ନ କରିବା ବନ୍ଦୋବସ୍ତ ମହକୁମାର ଦୋଷ ବୋଲି ଆମ୍ଭମାନଙ୍କର ବିଶ୍ୱାସ ଏବଂ ସେହେତୁରୁ ପ୍ରଜା ଜମିଦାର ଉଭୟେ ଲଣ୍ଡଭଣ୍ଡରେ ପଡ଼ିଲେ । ଯାହାହେଉ କେତେଗୁଡ଼ାଏ ମାମଲାମକଦ୍ଦମା ହେବା ପରେ ଦସ୍ତୁର ନ ଥିବା ସ୍ଥାନରେ ବର୍ତ୍ତମାନ ଜମିଦାର ବିନା ଅନୁମତିରେ ପ୍ରଜାସ୍ୱତ୍ୱ ବିକ୍ରୟ ହୋଇ ନ ପାରିବାର ପ୍ରଜାମାନେ ଅବଗତ ହେବାରୁ ଅନେକ ସ୍ଥାନରେ ବିକ୍ରୟ ବନ୍ଦ ହୋଇଅଛି । ମାତ୍ର ଅମ୍ଭେମାନେ ପଚାରୁଁ ପ୍ରଜା ଏବଂ ଜମିଦାର ଯେ ଏତେ ଲଣ୍ଡଭଣ୍ଡ ହେଲେ ଏଥିର ଦାୟୀ କିଏ ?

---

ଉଦ୍ଧୃତ ।

## ସୌର କଳଙ୍କ ।

ସୂର୍ଯ୍ୟମଣ୍ଡଳରେ ପ୍ରତିନିୟତ ମହାପ୍ରଳୟକାଣ୍ଡ ଘଟୁଅଛି । ଏହି ପ୍ରଳୟ କାଣ୍ଡ ପ୍ରତି ଏଗାର ବର୍ଷରେ ବର୍ଦ୍ଧିତ ହୋଇଥାଏ । ଏହାର ଫଳ ସମୟରେ ସୂର୍ଯ୍ୟମଣ୍ଡଳରେ କଳଙ୍କରେଖା ଦୃଷ୍ଟିଗୋଚର ହୁଅଇ । ହେଲମ ହୋଲଜ୍ ସାହେବ କହନ୍ତି, "ସୂର୍ଯ୍ୟର ବାଷ୍ପମୟ ଦେହର ସଙ୍କୋଚନ କାଳରେ ବାୟୁମଣ୍ଡଳରେ ବିଶାଳ ଆବର୍ତ୍ତ ଉପସ୍ଥିତ ହୁଏ । ଆବର୍ତ୍ତନ କାଳରେ ସୂର୍ଯ୍ୟମଣ୍ଡଳରେ ଯେଉଁ ଗମ୍ଭୀର କଳଙ୍କରେଖା ଦୃଷ୍ଟିଗୋଚର ହୁଏ, ତାହାକୁ ସୌରକଳଙ୍କ କହନ୍ତି ।" କକ୍ଷମଣ୍ଡଳର ଯେଉଁ ସ୍ଥାନରେ ରବିଚକ୍ର ପରସ୍ପର ଛେଦ କରୁଅଛି, ସେମାନଙ୍କୁ ଇଂରାଜୀରେ ମୁନସ ନୋଡସ୍ ( Moon's nodes ) କହନ୍ତି

Split by PDF Splitter



ଏହି ମୁଳସ୍ ଫ୍ରେଞ୍ଜ୍ଭିଷ୍ ବନ୍ଧୁଗଣ ସୂର୍ଯ୍ୟ ବା ଚନ୍ଦ୍ରର ଜ୍ୟୋତିର ଆବରଣକାରୀ ପଦାର୍ଥକୁ ସ୍ପଷ୍ଟ ଓ କେତୁ କହନ୍ତି । ବସନ୍ତ ମିହିର ପ୍ରଣୀତ ବୃହତ୍ ସଂହିତା ନାମକ ଜ୍ୟୋତିଷଗ୍ରନ୍ଥରେ କେତୁ ଶବ୍ଦର ଯେଉଁପରି ପ୍ରୟୋଗ ଦେଖାଯାଏ, ଆଜିକାଲିର ଇଉରୋପୀୟ ପଣ୍ଡିତମାନେ ଠିକ ସେହି କେତୁକୁ ( Solar spots ) ବା ସୌର କଳଙ୍କ ବୋଲି କହନ୍ତି ! ମେଲଡ୍ରାମ୍, ଲକ୍ୟୁର, ସାର ଉଇଲିୟମ ହର୍ଶେଲ ଭଲଫ୍ ପ୍ରଭୃତି ପାଶ୍ଚାତ୍ୟ ପଣ୍ଡିତଗଣ ସ୍ଥିର କରିଅଛନ୍ତି ଯେ, ସୌର କଳଙ୍କର ତାରତମ୍ୟର ସହିତ ଭୂପୃଷ୍ଠର ବୃଷ୍ଟ୍ୟାଦି ତାରତମ୍ୟ ହୋଇଥାଏ । ଯେଉଁ ବର୍ଷରେ ଏହି ସୌରକଳଙ୍କ ଅତ୍ୟନ୍ତ ବୃଦ୍ଧି ପ୍ରାପ୍ତ ହୁଏ, ସେହି ବର୍ଷରେ ଭୂ-ପୃଷ୍ଠରେ ଅତି ଶୀତ, ଅତିବୃଷ୍ଟି, ଝଟିକା, ବାତାବର୍ତ୍ତ, ଭୂମିକମ୍ପ ପ୍ରଭୃତି ହୁଏ । ଗତବର୍ଷଠାରୁ ସୌରକଳଙ୍କ ବର୍ଦ୍ଧିତ ହୋଇ ବର୍ତ୍ତମାନ୍ ବର୍ଷରେ ଶେଷ ହେଲେ, ଏହାର ଆୟତନ ହ୍ରାସ ପ୍ରାପ୍ତ ହେଉଥିବ । ସୁତରାଂ ଏହି ବର୍ଷ ଉକ୍ତ ନୈସର୍ଗିକ ବ୍ୟାପାର ସବୁ ଭୂ-ପୃଷ୍ଠରେ ଦେଖାଯିବ । ଏହି କାରଣରୁ ଗତ ବର୍ଷରେ ଅତ୍ୟନ୍ତ ଶୀତ ଅନୁଭୂତ ହୋଇ ଥିଲା, ଏବଂ ଆଗାମୀ ବର୍ଷରେ ମଧ୍ୟ ଅତ୍ୟନ୍ତ ଶୀତ ହେବ । ବର୍ତ୍ତମାନ୍ ବର୍ଷରେ ଝଡ଼, ବୃଷ୍ଟି, ତାପ, ଭୂମିକମ୍ପାଦି ଅଧିକ ପରିମାଣରେ ହେବାର ସମ୍ଭାବନା ।—ପ୍ରୀତବାସୀ

---

# ସପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ମିଃ ଡି ଏଚ କଙ୍ଗ୍ସ୍ ବୋର୍ଡ ଓଡ଼ିଶାର ଇନ୍ଦୋକଷ୍ଟ କାର୍ଯ୍ୟକୁ ଲକ୍ଷ୍ୟାଦିତ ପାଇବା ତାହାଙ୍କୁ ୩ ମାସ ଛୁଟି ପ୍ରାପ୍ତ ହେଲେ ।

ସବ୍ ଡେପୁଟୀ କଲେକ୍ଟର ବାବୁ ଅଭୟପ୍ରସାଦ ଦାସ ବାଲେଶ୍ୱର ଜିଲ୍ଲାର ଭଦ୍ରକ ସବ୍‌ଡିଭିଜନରେ ଅବସ୍ଥାପିତ ହେଲେ ଓ ସେ ସେଠି ପନ୍ଦମାସର ଅନୁଗ୍ରହ ଛୁଟି ଗତ ଅକ୍ଟୋବର୍‌ରୁ ନେଇଥିଲେ ତାହା ପରିତ୍ୟାଗ କଲେ ।

---

ଏ ଜିଲ୍ଲାର ସାହେବଲୋକ ନଗରରେ ଗତ ପୂର୍ବ ଶୁକ୍ରବାରେ ଶେଷ ହେଲେ ପ୍ରାୟ ୫ ଟଙ୍କା ଏବଂ ଏବଂ ତହିଁ ଅଲ ଭଳ ପ୍ରଣିବାର ଘର୍ଷ [illegible] ଦଶଟି ବଜାରରେ ୫ ଟା ଏବଂ ସବ ଯୋଗାଇଲା ।

ଏଠା ବଟଲବୃନ୍ଦ ସାହେବ ସପ୍ତାହ ରୋଗ ଭୋଗ କରିଅଛନ୍ତି ।

ଶୁଣାଯାଏ ଅତ ମାଜେଷ୍ଟର ପ୍ରତ୍ତୋଙ୍କର ଜଜ ସପେଲ ମୋକଦ୍ଦମାରେ କଲିକତାରୁ ଜଣେ ବାରିଷ୍ଟର ଆସୁଅଛନ୍ତି ।

ଗତ ତା ୧୨ ରିଖଠାରୁ ଭାରତର ପ୍ରାୟ ସର୍ବତ୍ରରେ ପ୍ରଚୁର ବୃଷ୍ଟି ହୋଇ ମୌସୁମ ଆଗମନ ବାର୍ତ୍ତା ପ୍ରଚାର କରିଅଛି ।

ଏ ସପ୍ତାହରେ ଭାରତର ସକଳ ପ୍ରଦେଶରେ ପ୍ରେଗ ସେନ୍ସ ଅଳ୍ପ ଶୁଣା ପଡୁଅଛି ।

ବୋମ୍ବାଇଠାରେ ସେଉଂର ନାମକ ଜଣେ ଲୋକ ମହାମାରି ରୋଗରେ ଆକ୍ରାନ୍ତ ହୋଇଥିଲା । ଡାକ୍ତର ଭୁସିଲର ସେ ବିଷୟର କୌଣସି ରିପୋର୍ଟ ନ କରିବା ଅପରାଧରେ ପୌଲିସ ଦାସ ଅଦାଲତ କର୍ତ୍ତୃକ ୫ ୫୦ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ ହୋଇଅଛନ୍ତି । ଡାକ୍ତର ଜବାବ ଦେଇଥିଲେ ଯେ ୮ ଦିନ ପର୍ଯ୍ୟନ୍ତ ଉକ୍ତ ରୋଗର ଚିହ୍ନମାନ ଦେଖାଯାଇ ନ ଥିଲା । ଧାନ୍ନୀ ନୟ ସେ କଥା ପ୍ରମାଣ କଲେ । ମାଜିଷ୍ଟ୍ରେଟ ମତ ଦେଲେ ଯେ ଡାକ୍ତର କାର୍ଯ୍ୟର ଭିଡ଼ ହେତୁ ରିପୋର୍ଟ କରିବାକୁ ଭୁଲି ଯାଇଥିଲେ ମାତ୍ର ତାହାର ଦେବଳ ଦଣ୍ଡ ଲଘୁ ହୋଇ ପାରେ ।

କଲିକତା ମୁଚିଲଞ୍ଜ ଘରରେ ଜଣେ କର ସାହେବ ବାସ କରନ୍ତି । ଗତମାସ ତା ୪ ଶୁକ୍ର ପ୍ରାତଃକାଳ ଭୋଜନ ପରେ ଉକ୍ତ ସାହେବ, ତାଙ୍କର ମେମ ଓ ଗୋ ୫ ଟି ସନ୍ତାନ ସମସ୍ତେ ଅସୁସ୍ଥ ହୋଇଥିବାର ପ୍ରକାଶ କଲେ । ସାହେବଙ୍କର ନ ୭ ଣ ଚାକର ଏବଂ ପାଚକାର ମଧ୍ୟ ସେହିପରି ଅସୁସ୍ଥ ହୋଇଥିଲେ ଏବଂ ପାଚକା ଓ ସାହେବଙ୍କର ୧୫ ବର୍ଷ ବୟସ୍କ ପୁଅ ପ୍ରାଣ ହରାଇଲେ । କାଫି ଏବଂ ସୁଜାରେ ଯେଉଁ ଚାକ ରଖା ଯାଇଥିଲା ତହିଁରେ ଶଙ୍ଖିଆ ମିଶ୍ରିତ ହୋଇଥିବା କଥା ଯେଉଁ ପାତ୍ରରେ ପାଣି ଗରମ ହୋଇଥିଲା ତହିଁରେ ଶଙ୍ଖିଆ ପଡ଼ିଥିବାର ଅନୁମାନ ହୁଏ । ଉକ୍ତ ପାତ୍ରରେ ଧଳା ଗୁଣମାନ ଦେଖା ଦେବାରୁ ତାହା ପରୀକ୍ଷା କାରଣ କେମିକାଲ ପରୀକ୍ଷକଙ୍କ ସମୀପକୁ ପଠା ଯାଉଅଛି ।

ଗତ ମଇ ମାସ ତା ୩୧ ଋଣ ବେଳ ସ ୮।୪୫ ମିନିଟ ସମୟରେ ଚଇଁବାସାଠାରେ ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ମିଳଇ । ଉକ୍ତ ସେକଣ୍ଡ ପର୍ଯ୍ୟନ୍ତ ତାହା ସ୍ଥାୟୀ ହୋଇ ଥିଲା ଏବଂ ବାଡ଼ମାନଙ୍କରେ ବେ ଘଣ୍ଟା ଓ ପଲସ୍ତରମାନ ଖସିଲା ହୋଇ ଯାଇଥିଲା ତାହା ଶବ୍ଦ ପଡ଼ିଥିଲା । ଏହାର ଗତି ପଶ୍ଚିମରୁ ପୂର୍ବକୁ ଥିଲା । ଗୋବିନ୍ଦପୁରଠାରେ ମଧ୍ୟ ସେହିକଳ ଭୂମିକମ୍ପ ଅନୁଭୂତ ହୋଇଥିଲା ଏବଂ ତହିଁର ଗ[illegible] ଅଳ୍ପ ଲାଗିଥିଲା ।

ପ୍ରୀନ୍ସର ଗ୍ରେଟିକ୍ରେଶ ଗତମାସ ତା [illegible]ରେ ଘୋଡ଼ାଦୌଡ଼ ଦେଖିବାକୁ ଯାଉଥିବା ସମୟରେ କେତେକ ଲୋକ ତାଙ୍କ ଦଳରେ ସମୁପସ୍ଥିତ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ଏକଜଣ ତାଙ୍କ କାନ୍ଧରେ ମାଡ଼ ଛୋଟି ଶବ୍ଦ କରି ପଳାଇଥିଲା । ପୋଲିସ ସାହାଯ୍ୟରେ ତାହାଙ୍କୁ ଧରା ଗଲା । ଅନେକ ଲୋକ ଗ୍ରେପ୍ତାର ହୋଇଅଛନ୍ତି ।

ବୋମ୍ବାଇଠାରେ ମହାମାରୀ ରୋଗର ପରିବାରବର୍ଗ ସେଠାରେ ପ୍ରବଳ ଭାବ ଲଗିଥିଲେ ସେ ସବୁ ଅତ୍ୟନ୍ତ ଜଳିଥିବାର ସମ୍ବାଦ ମିଳଇ । ତେବେ ବେଳେ ଗୋ ୧୨ ଟି ପରିବାର ସେଠାରେ ବାସ କରୁଥିଲେ ଏବଂ ତିନି ପର୍ବତ ମାନଙ୍କ ସେମାନେ ପଳାଇ ଗଲେ ସତ୍ୟ ମାତ୍ର ତାଙ୍କର ସମସ୍ତ ଦ୍ରବ୍ୟାଦି ଭସ୍ମୀଭୂତ ହୋଇଗଲା ।

ଅନନ୍ତାଠାରେ ପ୍ରବଳ ଶତ୍ରୁ ଭୂମି ହେଉ କଳକ ତହିଁ ସାହେବ "ଭ୍ରମଦିଦାସ" ବଡ଼ାବର ମୂଲ୍ୟରେ ସମସ୍ତ କଳରେ ଯଥାର୍ଥ କଲ ସେ କହି ଯାଇ ପଣ୍ଡିତାଙ୍କ ପଠାଇ

ପ୍ରାପ୍ତ ହେଉ । ଅଷ୍ଟମୀ ଧର୍ମ କୋଟର ବସ୍ତୁସ୍ଥାଳରେ ଅଛି । ସ୍ଥଳରେ କେତେପ୍ରକାର ଅନିଷ୍ଟ ଜାତ ହୁଏ ତାହା କଏ କଳନା କରି ପାରେ ?

ଜଣେ ଲୋକ କଷ୍ଟପ୍ରାପ୍ତ ଲୋକମାନଙ୍କୁ ଦଣ୍ଡ କରିଥିବା ହେତୁ ହାବଡ଼ା ଫୌଜଦାରୀରୁ ତାହାର ୬ ମାସ କଠିନ ପରିଶ୍ରମ ସହିତ କାରାଦଣ୍ଡର ଆଦେଶ ହୋଇଅଛି ।

ଶାଇନଷ୍ଟଠାରେ ଜଣେ ଇଷ୍ଟାବାଗର ଘରେ ଅକସ୍ମାତ ଡକାଏତି ହୋଇଥିଲା । ଉକ୍ତ ସ୍ଥାନରେ ଡକାଏତମାନେ କ୍ଲୋରୋଫର୍ମ ( Chloform ) ର ସୋଡ଼ିଏ ଶିଶି ଛାଡ଼ି ଯିବାରୁ ତହିଁରେ ସେଇ ଡାକ୍ତରର ନାମ ଲେଖାଥିଲା ତାହାର ଦୋକାନ ତଦନ୍ତ ପୂର୍ବକ କେଉଁ ଲୋକ ଏ ଶିଶି ନେଇଥିବାର ସମ୍ବାଦ ମିଳଇ । ପାଣିକଷାରୁ ଲେଖ କରି ଡକାଏତମାନଙ୍କ ନାମ ଯୋଗାଡ଼ କରିବାକୁ ଦ୍ୱାର ପାଇଥିଲେ ।

ଫଳକଳଠାରେ ନଗରରେ ଡକାଏତମାନେ ଜଣେ ମହାଜନର ଦୋକାନ ଲୁଟ କରି ନେଇଥିଲେ । ଲୁଟ ନେଇଥିବା ଦ୍ରବ୍ୟ ମଧ୍ୟରେ ଅନେକଗୁଡ଼ିଏ ହୀରା ମୋତି ଥିଲା । ଜଣେ ଡକାଏତ ଅଳ୍ପଦିନ ପରେ କହାଇ ୫ ୧୦୦ ଟଙ୍କାର ଏକ ନୋଟ ଭଙ୍ଗାଇବାକୁ ଯିବାରେ ସନ୍ଦେହକ୍ରମେ ପୋଲିସ ତାହାକୁ ଧରିଅଛନ୍ତି ଏବଂ ଅନ୍ୟ ଏକଜଣ ଡକାଏତ ମଧ୍ୟ ଧରା ହୋଇଅଛି ।

ପୃଥ୍ୱୀ କ୍ଷେତ୍ରର ସରକାର ବ୍ରିଟିଶଙ୍କୁ ବଙ୍ଗଳା ପାର୍ଲିଆମେଣ୍ଟ ପୁରସ୍କାର ସ୍ୱରୂପ ୩୦ ହଜାର ପାଉଣ୍ଡ ( ପ୍ରାୟ ୪ ଲକ୍ଷ ଟଙ୍କା ) ଦେବାର ଧାର୍ଯ୍ୟ କରିଅଛନ୍ତି । ସେ ବିଷୟର ପ୍ରସ୍ତାବ ତର୍କ ବିତର୍କ ହେଲାବେଳେ ସମୟରେ [illegible] ପ୍ରତି ଦେଶର ସମ୍ବନ୍ଧରେ ଅନୁସନ୍ଧାନ କରିଥିବା ସମ୍ବନ୍ଧରେ ତର୍କ ଉଠିଥିଲା ମାତ୍ର ତାହା କଥାରେ କଥାରେ ସେଷ ପାଇଲା ।

ହାଇକୋର୍ଟର ଜଜମାନେ ଛୁଟି ହେଲେ ବାରିଷ୍ଟରମାନଙ୍କ ଏକାସଙ୍ଗେ ଛୁଟି ହୁଏ ଯାଇଥିଲା । ବର୍ତ୍ତମାନ ସେହି [illegible] ଓ [illegible] ଏକମତ ହୋଇ ସ୍ଥିର କରିଅଛନ୍ତି ଯେ ବାରିଷ୍ଟରମାନେ ଯେଉଁ ହାଇକୋର୍ଟରେ କାର୍ଯ୍ୟ କରନ୍ତି ସେହି ହାଇକୋର୍ଟରେ ସେମାନଙ୍କ ଏକ ସ୍ୱତନ୍ତ୍ର [illegible] ହୁଏ ।

## ଯାଜପୁର—ସମ୍ବାଦ ।

ଏଠା ଦେୱାନୀ ଅଦାଲତର କାର୍ଯ୍ୟ ଚଳିଥିବା ପ୍ରସଙ୍ଗ ମକଦ୍ଦମାର ବିଚାର ନିମନ୍ତେ ଏଡ଼ିସନ ମୁନସଫ ପ୍ରାପ୍ତ ବାବୁ [illegible] ଚୌଧୁରୀ ଗତ ତା ୬ ଦିନରେ ଏଠାରେ ପହଞ୍ଚି କାର୍ଯ୍ୟ [illegible] । ବୋଧ ହୁଏ ଦୁର୍ଗାପୂଜା ଛୁଟି ପର୍ଯ୍ୟନ୍ତ ସେ ଏଠାରେ ରହିବେ ।

ଗତ ତା ୧୨ ରିଖ ପ୍ରଥମରେ ସୋମବାର ଏଠାର H·C.E. ସ୍କୁଲ ଗ୍ରୀଷ୍ମାବକାଶ ପରେ ଖୋଲିଲା । ଏହି [illegible] ସମ୍ବାଦରେ ଉତ୍ତର ଥିଲା । ଏ ଦେଶରେ [illegible] କାର୍ଯ୍ୟମାନଙ୍କର ପ୍ରଧାନ ପଦ ଅଟେ ।

ଉତ୍କଳଠାରୁ କଟକ ପର୍ଯ୍ୟନ୍ତ ରେଲ ଏବଂ ବୋଟ ଭଡ଼ା ପୂର୍ବାପେକ୍ଷା ସସ୍ତା ୫ ୩୪ ଟଙ୍କା ସ୍ଥଳେ ୫ ୧।୧୮ ହୋଇଅଛି ।

Digitized by srujanika@gmail.com

ଉକ୍ତ ତାଲୁକ ମଧ୍ୟରେ ପ୍ରାୟ ୫୮୦ ଣ ଗ୍ରାମ ଥିବା କାରଣ ଲଙ୍ଖିଥିବା ଗାଈ ଅଛି ମାତ୍ର ତେଲେଙ୍ଗ ବଳଦେଇ ପ୍ରତ୍ୟହ ଦେଉଥିବାରୁ ସୁଦ୍ଧାର ଯେଉଁମାନେ ଗ୍ରାମ ଗାଁର ଉପଲକ୍ଷେ ପିଣ୍ଡଙ୍କୁ ଟ ୦।୵ ଟ ୦। ହିସାବ ଉତ୍ତା ସାଧ ମୁଣ୍ଡା ବସା ନ ପାର ବନ୍ଦୋବସ୍ତ କରୁଅଛନ୍ତି ।

ଅନ୍ତ ତାଲୁକ ଅନ୍ତର୍ଗତ ପୁରୁଷୋତ୍ତମପୁର (ସାହବଜାର) ପାଳକଙ୍କ ସ୍ଥାନ ନାମକ ବଣିଅ ଶୋଭାର ଧନ ମୋହନ ନାରେ ସାତକଣ ଅଖାନୀ ପୁଲସ ଶ୍ରକ ତେଲଙ୍ଗ ସବ୍ ଇନ୍ସପେକ୍ଟର ମାଜିଷ୍ଟ୍ରେଟଙ୍କ ଦସ୍ତରରେ ଏକଜଣ ଫରସ ଖାଉ ଅବଟିଶ ଜ ୭ ଣ ଦୌରସୁପଦ ହୋଇଅଛନ୍ତି ଏବେ ଗତ ତା ୧୩ ରଖଠାରୁ ବମ୍ପର ଅଧମ ହୋଇଅଛି ।

ଅଲ୍ପଜନୃପଙ୍କ ଏକାଧୋଲ୍ ସେ ୧୩ ର ଗ୍ରଲନ କଟସ୍ ହେଉଅଛି । ବର୍ତ୍ତମାନ ସେ ୧୧ ରକ୍ ଫସି ଅଛିଅଛି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ ମାନେ ଦାୟୀ ନୋହୁଁ

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ଉଦାର ଚରଣେଷୁ ।

ମହାଶୟ !

ଅଧଃ ପ୍ରକଟିତ କତିପୟ ପଙ୍କ୍ତିକୁ ଆପଣଙ୍କର ପତ୍ରିକାରେ ସ୍ଥାନପ୍ରଦାନ କଲେ ମହୋପକୃତ ହେବ ।

ମହୋଦୟଙ୍କ ଜଗଦ୍‌ବ୍ୟାପିନୀ ପତ୍ରିକାରେ ସାମାଜିକ ବିଷୟମାନ ପ୍ରକାଶିତ ହେଉଥିବାରୁ ଅମ୍ଭମାନଙ୍କର ମହୋପକାର ସାଧିତ ହେଉଅଛି । ଏଣୁକରି ମହୋଦୟ ଅମ୍ଭମାନଙ୍କର ଧନ୍ୟବାଦର ପାତ୍ର ଅଟନ୍ତି । ବର୍ତ୍ତମାନକାଳର ବ୍ରାହ୍ମଣମାନେ ଅଧ୍ୟୟନ, ଅଧ୍ୟାପନପ୍ରଭୃତି ବ୍ରାହ୍ମଣୋଚିତ ସତ୍କାର୍ଯ୍ୟାବଳୀରେ ଜଳାଞ୍ଜଳି ଦେଇ, ଇଚ୍ଛାବୃତ୍ତିସଙ୍ଗେ ନାନାଦି ଅନ୍ୟାୟକାର୍ଯ୍ୟ କରି କେତେ ଯେ ଲାଞ୍ଛନା ସହ୍ୟ କରୁଅଛନ୍ତି ତାହା ଶ୍ରବଣ କରିବା ଦୂରେ ଥାଉ ତାଙ୍କର ଅନ୍ୟାୟ କାର୍ଯ୍ୟ ସ୍ୱଚକ୍ଷୁରେ ଦେଖି ମସ୍ତକ ଅବନତ କରି ରହିହେଉ ନାହିଁ । ବ୍ରାହ୍ମଣମାନଙ୍କୁ ସମସ୍ତ ଗର୍ହିତ କାର୍ଯ୍ୟରୁ ରହିତ କରିବାସକାଶେ ବାଙ୍କି ଥାନାନ୍ତର୍ଗତ ଶ୍ରୀ ଚର୍ଚ୍ଚିକା ଠାକୁରାଣୀଙ୍କ ମଣ୍ଡପରେ ଶ୍ରୀ ଚନ୍ଦ୍ରମଣି ରାଜଗୁରୁ ମହାପାତ୍ର, ଶ୍ରୀ ନୀଳାଦ୍ରି ରାଜଗୁରୁ ମହାପାତ୍ର, ଶ୍ରୀ ସୁନ୍ଦରଚନ୍ଦ୍ର ରଥ, ଶ୍ରୀ ରଘୁନାଥ ରାଜଗୁରୁ ମହାପାତ୍ର ପ୍ରଭୃତି ପଣ୍ଡିତ ପ୍ରମୁଖଙ୍କ ଯତ୍ନରେ ଗତ ମଇମାସ ତା ୨୮ ରିଖରେ ଗୋଟିଏ ସଭା ସଂଗଠିତ ହୋଇଥିଲା । ଉକ୍ତ ସଭାକୁ ବାଙ୍କିର ଅନ୍ତର୍ଗତ ସମସ୍ତ ବ୍ରାହ୍ମଣ ଶାସନରୁ ବ୍ରାହ୍ମଣମାନେ ଉପସ୍ଥିତ ହୋଇ ନିମ୍ନଲିଖିତ ନିୟମମାନ ସ୍ଥିର କରି ଅଶେଷ ଧନ୍ୟବାଦର ପାତ୍ର ହୋଇ ଅଛନ୍ତି ।

ନିୟମଃ—

୧ମତଃ ।—ବିନା ଆମନ୍ତ୍ରଣରେ ଶନ୍ତ୍ରବ୍ୟ ସ୍ଥାନକୁ କେହି ଭୋଜ ଖାଇବାକୁ ଯିବେ ନାହିଁ ।

୨ୟତଃ ।—ଆହାର ସ୍ୱଜାତି ମଧ୍ୟରେ ବସି କରିବେ ।

୩ୟତଃ ।—ପ୍ରତିଗ୍ରାମରେ ଏକ ୨ ନିୟନ୍ତା ହେବେ ।

୪ର୍ଥତଃ ।—ଅମାନିତ ବ୍ୟକ୍ତିକୁ ସମାଜଚ୍ୟୁତ କରିବାକୁ ହେବ ।

୫ମତଃ ।—ଯେଉଁମାନେ ଯଜମାନୀ କରନ୍ତି ସେମାନେ ଯଜମାନଦ୍ୱାରରେ ଆମନ୍ତ୍ରିତ ଓ ଅନାମନ୍ତ୍ରିତଙ୍କର ଆହାର ଓ ଦକ୍ଷିଣାରେ ତାରତମ୍ୟ କରିବେ ଅଥବା ଅନାମନ୍ତ୍ରିତମାନଙ୍କୁ ଏକବାରେ ନିରାକରଣ କରିବେ ।

୬ଷ୍ଠତଃ ।—ଏହି ସମାଜର ଦୃଢ଼ତାସମ୍ପାଦନରେ ଗୋଟିଏ ସଭା ନିର୍ଦ୍ଦିଷ୍ଟ ରହିଲା ଯେ ଏହାର ଷାଣ୍ମାସିକ ଓ ବାର୍ଷିକ ଦୁଇବାର ଅଧିବେଶନ ହେବ । ଉକ୍ତ ଅଧିବେଶନରେ ଅମାନିତ ଅପରାଧୀମାନଙ୍କର ଦୋଷସମ୍ବନ୍ଧୀୟ କର୍ତ୍ତବ୍ୟ ସ୍ଥିର ହେବ ।

ଉପରୋକ୍ତ ନିୟମମାନ କେବଳ ବାଙ୍କିରେ ପ୍ରବର୍ତ୍ତିତ ହେବ ଏହା ଅମ୍ଭମାନଙ୍କର ଉଦ୍ଦେଶ୍ୟ ନୁହେ । ଅମ୍ଭମାନଙ୍କର ଜନ୍ମଭୂମି ଉତ୍କଳପ୍ରଦେଶରେ ଏହି ନିୟମମାନ ପାଳନ କରିବାକୁ ସମସ୍ତ ସଦ୍‌ବଂଶୋଦ୍ଭବ ବ୍ରାହ୍ମଣ ସନ୍ତାନମାନଙ୍କୁ ଅନୁରୋଧ କରୁଅଛୁ । ଇତି ।

ବାଙ୍କିର ଅନ୍ତର୍ଗତ ଚର୍ଚ୍ଚିକା ୧।୬।୯୯ } ଭବଦୀୟ ବଶମ୍ବଦ ଶ୍ରୀ ରାମଚନ୍ଦ୍ର ମିଶ୍ର

## ମୂଲ୍ୟ-ପ୍ରାପ୍ତି ।

| | |
|---|---|
| ମହାରଜା । କ । କେନ୍ଦୁଝର | ଟ ୨ |
| ବାବୁ ବାଞ୍ଛାନିଧି ସାହୁ କଟକ | ଟ ୩ ୧ |
| „ ଲୋକନାଥ ପଣ୍ଡା ଅସୁରେଶ୍ୱର | ଟ ୩ ୮ |
| ମହନ୍ତ ପୀତାମ୍ବର ଗୋସ୍ୱାମୀ ନୂଆଁଗ୍ରୀ ମଠ | ଟ ୭ । |
| ବାବୁ ନଟବର ମହାପାତ୍ର କୋରେଇ | ଟ ୩ ୧ |
| „ ବନମାଳୀ ସିଂହ | ଟ ୩ ୧ |
| ରଜା । କ । ଦଶପଲ୍ଲା | ଟ ୭ । |
| ବାବୁ ନିମାଇଚରଣ ମିତ୍ର କଟକ | ଟ ୧ ୧ |

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

ବ୍ୟାକରଣ ଦର୍ପଣ ରାୟ ଶ୍ରୀ ରାଧାନାଥ ରାୟ ବାହାଦୁର ପ୍ରଣୀତ ମୂଲ୍ୟ ଟ ୦ ।୵ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

## ବିଜ୍ଞାପନ ।



## ଦେଶୀୟ ଡ୍ରିଲ ।

ଅର୍ଥାତ୍ ନାନାବିଧ ଦେଶୀ କସରତଶିକ୍ଷା ମୂଲ୍ୟ ଏକଟଙ୍କା ଓ ଭାରତୀୟ ସର୍କସ । ମୂଲ୍ୟ ଦୁଇଅଣା । ଶ୍ରୀ ଭଗବାନଚନ୍ଦ୍ର ସିଂହ ପ୍ରଣୀତ । ଯନ୍ତ୍ରସ୍ଥ । ସ୍କୁଲ ଡ୍ରିଲଶିକ୍ଷା ( ସଂଶୋଧିତ ଓ ପରିବର୍ଦ୍ଧିତ ) ମୂଲ୍ୟ ଟ ୦।୵ ସବଜୀ ବଗିଚା ମୂଲ୍ୟ ଟ ୦/ ଦେଶୀୟ ଗଣିତ ଟ ୦ ।୵ ଗ୍ରନ୍ଥମାଳା ୨ୟ ଖଣ୍ଡ ମୂଲ୍ୟ ଟ ୦ । ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

୪।୬।୯୯
କଟକ କାଜୀବଜାର ଜଗନ୍ନାଥବଲ୍ଲଭ ରୋଡ୍ } ଶ୍ରୀ ଭଗବାନଚନ୍ଦ୍ରସିଂହ

## ବନାରସି ମାଲ

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରଜା, ଜମିଦାରମାନଙ୍କୁ ବହୁଦିନରୁ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ରାୟଗଡ଼, ସରାଇକଲା ପ୍ରଭୃତିର ରଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ସାଢ଼ୀ, ଧୋତି, ଟୋପି, ଚୋଗା, କିଂଖାପ, ବାସ୍ତା ସଙ୍ଗୀ ତୋପଗୀ ମନ୍ଦଲ, ଶିରରେ ବାନ୍ଧିବାର ଫେଣ୍ଟା, ରୁମାଲ ଶାଲ ଏବଂ ନାନା ପ୍ରକାର ଜରିଦ ଖଚିତ ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ଗ୍ରାହକ ପ୍ରଭୃତି ବସ୍ତୁ ଅନୁସାରେ ତିଆରି କରିଦେଉଁ । ବଡ଼ାଡ ହେବାଟିକେଲେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି

Split by PDF Splitter



ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରିବୁଁ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ। ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳବ ମାତ୍ର ଲଫାପା ଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରେଜୀରେ ଲେଖିଲେ ନିରାପଦରେ ଅମ୍ଭର ହସ୍ତଗତ ହେବ।

ଭେଲୁପେଏବଲ ପାରସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ।

ଶ୍ରୀ ପାନ୍ନାଲାଲ ଭୋଲାନାଥ
କୁଞ୍ଜଗଳି ପାଟକ ବନାରସ ସିଟି

---

# Dis. No. $\frac{1005}{\text{Ver.}}$ 1899.

## NOTICE.

A large extent of Government waste lands and Tank-bed lands irrigable by the Rusikulya Project in about 150 villages in the Berhampore Taluk, Ganjam District, will be avaialble for sale in auction from September 1899 to April 1900. Intending bidders may apply for particulars to the Special Deputy Collector, Rusikulya Project or request him to send them detailed sale notices when issued.

Chatrapur } Sd. H. D. TAYLOR,
6—6—99 } *Acting Collector.*

---

## ବିଲଙ୍କା ରାମାୟଣ—ଏଥିରେ

ସନ୍ଥସ୍ରାସ୍ୟବଣ ସହିତ ଶ୍ରୀରାମଲକ୍ଷ୍ମଣଙ୍କର ଯୁଦ୍ଧ ସମ୍ବାଦ ଏବଂ ସହସ୍ର ସ୍କନ୍ଦର ଅଦ୍ଭୁତ ଶକ୍ତି ପ୍ରଭାବ ଓ ଶେଷରେ ସେ ସୀତାଙ୍କଦ୍ୱାରା ବିନାଶ ପ୍ରାପ୍ତ ହେବା ବିଷୟ ବାଲ୍ମୀକିରୂପେ ବର୍ଣ୍ଣିତ ହୋଇଅଛି।

ଏ ପୁସ୍ତକର ମୂଲ୍ୟ ଟ ୧।

ମୋଫସଲଙ୍କୁ ପାଇଁ ଡାକମାସୁଲ ଟ ୦/

---

ସ୍ୱର୍ଗୀୟ ଶାରଳାଦାସଙ୍କ

# ମହାଭାରତ।

## ସଚିତ୍ର ବନପର୍ବ।

୩୭୬ ପୃଷ୍ଠାରେ ସମ୍ପୂର୍ଣ୍ଣ ଏଥିରେ ଉତ୍ତମ ଛବି ମାନ ଦିଆହୋଇଅଛି। ଏ ପୁସ୍ତକ ବୃହତ ହେଲେ ସୁଦ୍ଧା ଗ୍ରାହକମାନଙ୍କ ସୁବିଧା ସକାଶେ ସୁଲଭ ମୂଲ୍ୟ ଟ ୨। ହୋଇଅଛି।

| | | |
|---|---|---|
| ସଚିତ୍ର ବିରାଟପର୍ବ ମୂଲ୍ୟ | ଶ ୧ ୬ | ଟ ୧। |
| ସଚିତ୍ର ଉଦ୍‌ଯୋଗ ପର୍ବ | " | ଟ ୧। |
| ସଚିତ୍ର ଦ୍ରୋଣପର୍ବ | " | ଟ ୧୯ |
| ଗୁଣ୍ଡିଚ୍ଚା-ବିଜେ | | ଟ ୦/ |
| ଲକ୍ଷ୍ମୀବିଜେ ପାଲା ଦାଏକା | | ଟ ୦/ |

ଗ୍ରାହକେ କଟକ ଦରଘାବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପାଇପାରିବେ।

---

# ବିଜ୍ଞାପନ।

## ସୁଲଭ ନୂତନ ପୁସ୍ତକ।

ଏପରି ପୁସ୍ତକ ଓଡ଼ିଆରେ ହେବେ ବାହାରି ନାହିଁ।

ସଟୀକ।

ଫୌଜଦାରୀ ମକଦମାର କାର୍ଯ୍ୟ ପ୍ରଣାଳୀ ବିଷୟକ ୧୮୯୮ ସାଲର ୫ ଆଇନ।

ରାଜା ମହାରାଜାଙ୍କ ଠାରୁ ଆରମ୍ଭ କରି ଭଲେକ ହେଡ଼ମ୍ୟାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଏ ବହି ଲୋଡ଼ା।

ଏଥିରେ ଖୁଦ ହାଇକୋର୍ଟଙ୍କର ନଜିରମାନ ପୋଲିସ ମ୍ୟାନୁଏଲର ଜରୁରମାନ ଓ ଗଭର୍ଣ୍ଣମେଣ୍ଟଙ୍କ ସରକ୍ୟୁଲର ପ୍ରଭୃତି ଟୀକାସ୍ୱରୂପ ଓ ଲୋଟିଫିସ ଆଇନର ଆବଶ୍ୟକୀୟ ଅଂଶମାନ ଓ ଗଡ଼ଜାତ ସମ୍ବନ୍ଧୀୟ ୧୮୭୪ ସାଲର ସନନ୍ଦାଦି ୧୧ ଆଇନ ଦିଆ ଯାଇଅଛି।

ଆଇନ ସଙ୍ଗେ ହାଇକୋର୍ଟଙ୍କ ନଜିର ଓ ପୋଲିସ ମାନୁଏଲର ଜରୁରମାନ ଏକତ୍ରରେ ଅଛି। କିନ୍ତୁ ଇଂରେଜୀ ବହିରେ ସୁଦ୍ଧା ଏପରି ସୁବିଧା କ୍ୱଚିତ୍ ଦେଖାଯାଏ। ପୋଲିସ କର୍ମଚାରୀ ଓକିଲ ମୁକ୍ତାର ଓ ସାଧାରଣ ଲୋକଙ୍କର ଏଥିରୁ ବିଶେଷ ସୁବିଧା।

ସରକାରୀ ଛପା ବଙ୍ଗଳା ଆଇନର ମୂଲ୍ୟ ଟ ୫୶ ଓଡ଼ିଆ ବହିର ମୂଲ୍ୟ ଟ ୨॥୶ ସ୍ଥଳେ

ସଟୀକ ବହିର ମୂଲ୍ୟ ଟ ୩୧ ଙ୍କା ମାତ୍ର ଡାକମାସୁଲ ଟ ୦ ୵୭।

ଦର୍ପଣ ପ୍ରେସର ମ୍ୟାନେଜର ପଣ୍ଡିତ ଶ୍ରୀକପିଳେଶ୍ୱର ଦେଶ ପଣ୍ଡିତ ଶ୍ରୀ ସୁମନ୍ତ୍ରସନ୍ଧ୍ୟ ମୂର୍ତ୍ତିଙ୍କ ନିକଟରେ ଓ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଓ ଅନ୍ୟାନ୍ୟ ପୁସ୍ତକ ଦୋକାନରେ କଣିବାକୁ ମିଳିବ।

କଟକ
ତା ୨୧ ଇଣ
ଅପ୍ରେଲ ୧୮୯୯ } ଶ୍ରୀ ଗୋପାଳବଲ୍ଲଭ ଦାସ
ଓଭରସିୟରଙ୍କ
ପର୍ସୋନାଲ ଆସିଷ୍ଟାଣ୍ଟ।

---

## NOTICE.

It is hereby notified that the marginally noted villages forming part of the Nandigam Estate, now under the management of the Court of Wards, and which are more particularly described in the annexed statement, will be sold individually by the Collector of Ganjam under the authority of the Court of Wards, Madras conveyed in its Proceedings dated 27th April 1899 No. 548 Mis, by public auction at his office at Chatrapur on the 12th day of June 1899 or other day and place to which the sale may be adjourned.

*Names of villages.*
1 Penta.
2 Chimerigokarlapalli.
3 Bijjipalli.
4 Saradapuram.
5 Mallididi.
6 Khallada.

2. The sale will commence at 1 P. M. and the villages will be knocked down to the highest bidder.

3. The sale shall be subject to confirmation by the Court of Wards.

4. The sale shall convey to the purchaser absolutely and conclusively all the claim, right, title and interest possessed by the said Nandigam Estate on the date of sale in or respecting the said villages together with all buildings, fixtures, village sites, lights, commons, mines, minerals, &c. cultivated and uncultivated lands (inclusive of enfranchised and subsequent Inams belonging to the Estate) assessed and unassessed waste poramboke, gardens, forests, fences rivers, streams, waters, water courses, hills, tanks, ponds, wells, ways, rights easements, advantages and apperte-,

Digitized by srujanika@gmail.com

nances whatsoever to the said villages or any of them appertaining or with the same or any of them now or here fore enjoyed or reputed as part hereof or appertenant therto.

5. On the sale being confirmed by the Court of Wards such of the villages notified for sale as are not already registered as separate Estates will be subdivided and separately assessed in favour of the Vendees who shall pay the Peishcush and Landcess and other dues and taxes falling due from and after that date in respect of the said villages purchased by them. Quit rent and landcess payable in respect of enfranchised inams belonging to the Estate and situated in the villages sold shall be paid by the venders themselves.

6. Parties intending to bid must attend either in person or by duly accredited agents, and no person will be permitted to bid either on his own behalf or an account of any one else until he has deposited Rs 1000 in cash or Government Pro. Notes endorsed to the Collector.

7. Purchasers will be required to posit 15 percent of the sale price at time of sale and unless the remainder of the purchase money shall be within 30 days from the date of the money so deposited shall be to forfeiture.

8. Unless such deposit be made and the remaining purchase money paid up, the village will be resold at the expense and risk of the purchaser or purchasers concerned under the conditions recited above.

9. In the event of any sale not being confirmed by the Court of Wards the village or villages concerned in the said sale shall be resold at the cost of the Estate in such manner as the Court of Wards may direct.

(*Sd.*) H. D. Taylor
*Acting Collector*

## Statement accompanying the sale notification of certain villages of the Nandigam Estate.

| No. | Name of village. | Taluk. | Approximate extent. Wet. | | Dry. | | Annual average demand of all sources. | | | Boundaries. | Upset price. | | | Approximate Peishcush. | | | Remarks. |
|---|---|---|---|---|---|---|---|---|---|---|---|---|---|---|---|---|---|
| 1 | 2 | 3 | 4 | | 5 | | 6 | | | 7 | 8 | | | 9 | | | 10 |
| | | | a | c | a | c | | | | | | | | | | | |
| 1 | Penta village | Tekkali | 142 | 0 | 21 | 50 | 1347 | 13 | 1 | East:—Jhadupudi mango tope<br>South:—Kari Gedda<br>West:—Nandigam Tungapali Gudda<br>North:—Venkhtacherwn Gudden | 12,000 | 0 | 0 | 548 | 8 | 0 | Registered as a Separate Estate. |
| 2 | Chinnari Gokarlapatta | Do. | 56 | 0 | 8 | 0 | 487 | 8 | 6 | East:—Gedda Demarcation Stones<br>South:—Demarcation Stones<br>West:—Hill<br>North:—Sontinura village lands | 5225 | 0 | 0 | 141 | 0 | 1 | Do. |
| 3 | Bijjipatta village | Do. | 74 | 3 | 5 | 0 | 959 | 4 | 10 | East:—Marri Gedda<br>South:—Gedda for supplying water to Dimiladu<br>West:—Dry land and kothera land<br>North:—Marri Gedda | 9500 | 0 | 0 | 327 | 9 | 4 | Do. |
| 4 | Saradapuram | Do. | 24 | 0 | 32 | 0 | 377 | 10 | 2 | North:—Demarcation stones<br>West:— Do<br>East:— Do<br>South:— Do | 3550 | 0 | 0 | 142 | 0 | 0 | |
| 5 | Malledidi | Do | 14 | 0 | 5 | 0 | 87 | 4 | 8 | East:—Padmanabha Sagaram bed<br>South:—Hill<br>West:—Khalladu lands<br>North:— Do | 825 | 0 | 0 | 32 | 12 | | |
| 6 | Khalinda | Do | 104 | 0 | 7 | 0 | 1063 | 0 | 1 | East:—Malladidi lands<br>South:—Savara Somanthapuram lands<br>West.—Annapuram lands<br>North:—Dimmidijola and Deenabandhupuram lands | 10,000 | 0 | 0 | 400 | 0 | 0 | |
| | | | | | | | | | | (*Sd.*) H. D. Taylor<br>*Acting Collector.* | 41,100 | 0 | 0 | 1591 | 13 | 5 | |

Split by PDF Splitter
Digitized by srujanika@gmail.com

Split by PDF Splitter



# ପ୍ରଜାସ୍ୱତ୍ୱ ବିଷୟକ ଆଇନ ।

## ଶ୍ରୀ ଶ୍ରୀକୃଷ୍ଣ ମାହାପାତ୍ରଙ୍କଦ୍ୱାରା ପ୍ରକାଶିତ ।

ବନ୍ଦୋବସ୍ତ ଶେଷ ହେଲା । ଜମିଦାର ଓ ପ୍ରଜା ସମସ୍ତେ ଏହି ଆଇନର ମର୍ମ୍ମ ଜାଣିବା ଦରକାର । ଏହି ଆଇନ ଓଡ଼ିଆରେ ଛପା ହୋଇଅଛି ଅଦ୍ୟପର୍ଯ୍ୟନ୍ତ ଏହି ଆଇନର ଯେଉଁ ସଂଶୋଧନମାନ ହୋଇଅଛି ତାହାସବୁ ସନ୍ନିବେଶିତ ହୋଇଅଛି । ମୂଲ୍ୟ ଏକଟଙ୍କା କଟକ ଦରଘାବଜାର ପ୍ରିଣ୍ଟିଂ କୋମ୍ପାନିର ସେକ୍ରେଟେରୀ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କ ନାମରେ ପତ୍ର ଲେଖିଲେ ଡାକରେ ବହି ପଠା ଯିବ । ପ୍ରକାଶକ ଶ୍ରୀଯୁକ୍ତ ରେଭିଲିଟ ସାହେବଙ୍କ ଅନୁମତି ଗ୍ରହଣ କରିଅଛନ୍ତି ।

---

ଏଣ୍ଟ୍ରାନ୍ସ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ, ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟ ଅଫିସରେ ଲେଖିବାର ଜିନିଷ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଅମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟେରୀ ।

---


# S. BASACK & Co.

No. 200 Harrison road Bara Bazar
CALCUTTA
THE UNIVERSAL AGENCY "

ସର୍ବସାଧାରଣଙ୍କର ସୁବିଧା ନିମନ୍ତେ ସମସ୍ତପ୍ରକାର ବଜୋବସ୍ତ ଦ୍ରବ୍ୟ-ଅତର, ଗୋଲାବ, ଏସେନ୍ସ ଭାରତୀମାନଙ୍କର ବସ୍ତ୍ର ଓ କେଶବର୍ଦ୍ଧନକାରୀ କୁସୁମସୁରଭି ତୈଳ, କେଶ ସଫାକରିବାର ସାବୁନ ସୁବାସିତ ବାଳର ତେଲ, ବ୍ଲକଘଡ଼ୀ, ପକେଟଘଡ଼ୀ ଷ୍ଟାଲୱାଚ, ବହୁବିଧ ସୁନ୍ଦର ଜିନିଷ, ପଟ୍ଟ ଅଙ୍ଗୁଠି, ହାରମୋନିଅମ, ରବରଷ୍ଟାମ୍ପ ମାର୍କ୍ଡ ପକେଟ ଲେମ୍ପ, ବରଫ ଜମାଇବାର କଳ, ଦେଶୀ ସୋଡ଼ା ଓ ଲେମନେଡ଼ୁକଳ ବାଇସ୍କୁଲା ବାର କଳ ବାଡ଼ୀ ଛତ କରିବାର କଳ, ପକେଟ ଛୁରୀ, ସୋଲପଥର ଛୁରୀ, ଅର୍ଥାତ୍ ଛୁରୀ କରୁଣୀ, ଦୁଟା, କଣ୍ଟା ଇତ୍ୟାଦି ) ନାନାପ୍ରକାର ପସନ୍ଦଯୋଗ୍ୟ ଦେଶୀ ଓ ବିଲାତି ଚଦର; ଶାଢ଼ୀ, ମଲମଲ, ଚଦର, ମୋଜା, ଗଞ୍ଜି ଫ୍ଲାନେଲ, ଅଙ୍ଗରଖା, କୋଟ, ରେଶମୀକମ୍ବଳ ଓ ପାରସୀ ଶାଢ଼ୀ, ସୁନ୍ଦର ବେଙ୍ଗଲ ରେଶମୀ ଛତା ଇତ୍ୟାଦି । ହିନ୍ଦୁଦେବ ଦେବୀ ମୂର୍ତ୍ତି ଓ ବିଲାତି ଛବି, ସଉଦା—ମେଳ, ଚୌକି, ଅଲମାରି—ସ୍ନେହ ରଙ୍ଗ, ଦୁଧ ପହଁରାଇବା, ଦୁଃସାଧ୍ୟ କଠିନ କଠିନ ରୋଗର ଅବ୍ୟର୍ଥ ମହୌଷଧ ପ୍ରଭୃତି ସର୍ବଦେଳେ ଅମ୍ଭମାନଙ୍କ ନିକଟରେ ପ୍ରସ୍ତୁତ । ଏକକଥାରେ ଯେଉଁ ଜିନିଷର ଫରମାସ କରିବ ତାହା ଶୀଘ୍ର ଶୁଦ୍ଧଭାବରେ ପଠାଇ ଦେଉଁ ।

ଅମ୍ଭେମାନେ ସହର ଓ ମୋଫସଲ ନିବାସୀ ସମସ୍ତ ବନ୍ଧୁବର୍ଗଙ୍କୁ ଅମ୍ଭମାନଙ୍କ ସହିତ କାରବାର କରିବାକୁ ଅନୁରୋଧ କରୁଁ ଓ ସମସ୍ତ ଦ୍ରବ୍ୟ ଇଂଲଣ୍ଡ, ଫ୍ରାନ୍ସ ଜର୍ମାନୀ, ଆମେରିକା ପ୍ରଭୃତି ରାଜ୍ୟରୁ ଆଣାଇ ସୁବିଧାଦରରେ ବିକ୍ରୟ କରିବାକୁ ବ୍ୟବସାୟ କରିଅଛୁ ଏକଥରକେ ଅନେକପରିମାଣ ଦ୍ରବ୍ୟାଦି ଖରିଦ କଲେ ଉଚିତ କମିଶନ ଦିଆଯିବ । ଦର ଉପରେ ଶତକରା ଦୁଇଟଙ୍କା କମିଶନ ନେଇ ଶୀଘ୍ର ମାଲ ପଠାଇ ଦେଉଁ ।

କାର୍ଯ୍ୟ ସମ୍ବନ୍ଧୀୟ ଚିଠିପତ୍ର ଅମ୍ଭମାନଙ୍କର ମ୍ୟାନେଜରଙ୍କ ନାମରେ ଲେଖିବାକୁ ହେବ । ମୋଫସଲବାସିମାନେ ଫରମାସ ସଙ୍ଗରେ ଅଗ୍ରୀମ ଟଙ୍କା ପଠାଇବେ । ତାହା ନ ହେଲେ ସେମାନଙ୍କ ନାମରେ ଭେଲ୍ୟୁପେବଲ ଡାକରେ ମାଲ ପଠାଯିବ କୌଣସି ଦ୍ରବ୍ୟ ପସନ୍ଦ ନ ହେଲେ ଫେରାଇ ନେବାକୁ ସ୍ୱୀକୃତ ଅଛୁଁ ।

# ଏସ, ବସାକ କମ୍ପାନୀ

ଜେନେରଲ ମର୍ଚ୍ଚେଣ୍ଟ ଓ କମିଶନ ଏଜେଣ୍ଟ । ନଂ ୨୦୦ ନମ୍ବର ହାରିସନ ରୋଡ଼ ବଡ଼ବଜାର କଲିକତା


---

## ନୂତନ ପୁସ୍ତକ ।

ଜ୍ୱରଚିକିତ୍ସା ୨ ୟ ସଂସ୍କରଣ—ଡବଲକ୍ରାଉନ ୪୫ ପୃଷ୍ଠା, ମୂଲ୍ୟ ତିନିଅଣା ମାତ୍ର । ଏ ପୁସ୍ତକରେ ନାଡ଼ୀ, ଜିହ୍ୱା, ମୂତ୍ର ପ୍ରଭୃତି ପରୀକ୍ଷାର ଉପଦେଶ, ସକଳବିଧ ଜ୍ୱରର ଲକ୍ଷଣ ଏବଂ ରୋଗନାଶକ ସହଜ ପ୍ରାପ୍ୟ ଔଷଧାବଳୀ, ଜ୍ୱରର ସକଳବିଧ ଉପଦ୍ରବର ପ୍ରତିକାରୋପାୟ, ଜ୍ୱରରେ କୁଇନାଇନ ପ୍ରୟୋଗପ୍ରଣାଳୀ ପ୍ରଭୃତି ଏପରି ସ୍ପଷ୍ଟରୂପେ ଲିଖିତ ହୋଇଅଛି ଯେ ଯେଉଁମାନଙ୍କର କଛନ ଅଛି ସେମାନେ ଏହି ପୁସ୍ତକ ସାହାଯ୍ୟରେ ସକଳପ୍ରକାର ଜ୍ୱର ସହଜରେ ଛଡ଼ାଇ ପାରିବେ ।

ଗୋ ଚିକିତ୍ସା ୧ମ ଭାଗ ୩ୟ ସଂସ୍କରଣ—ଏଥିରେ ୭୧ ପ୍ରକାର ଗୋ ରୋଗର ଦେଶ ପ୍ରଚଳିତ ଅନେକପ୍ରକାର ଔଷଧ ଲିଖିତ ଅଛି । ମୂଲ୍ୟ ଏକଅଣା ମାତ୍ର ।

ଗୋ ଚିକିତ୍ସା ୨ୟ ଭାଗ ୨ୟ ସଂସ୍କରଣ—ଏଥିରେ ୧୩ ଗୋଟି ଗୋରୋଗର ପ୍ରତ୍ୟକ୍ଷ ଫଳପ୍ରଦ ଔଷଧାବଳୀ ସନ୍ନିବେଶିତ ହୋଇଅଛି । କେବଳ ଗୋ-ବସନ୍ତରୋଗର ଉପସ୍ଥାପ ବର୍ଣ୍ଣନରେ ୨୫ ପୃଷ୍ଠା ସ୍ଥାନ ବ୍ୟୟ ହୋଇଅଛି । ମୂଲ୍ୟ ଦୁଇଅଣା ମାତ୍ର ।

ବସନ୍ତରୋଗ ଚିକିତ୍ସା—ଏ ପୁସ୍ତକ ପାଖରେ ଥିଲେ ବସନ୍ତରୋଗରେ ମୃତ ବା ଖାଇଲା ରୋଗ ଜନ୍ମା କରିବାର ଆଶଙ୍କା ଦୂର ହେବ । ମୂଲ୍ୟ ତିନିପଇସାମାତ୍ର ।

ସ୍ୱାସ୍ଥ୍ୟରକ୍ଷା ଶିକ୍ଷା ୨ୟ ସଂସ୍କରଣ— ଏହି ପୁସ୍ତକ ଲିଖିତ ଉପଦେଶ ପାଳନ, ଔଷଧ ବ୍ୟବହାର କରି ଅନେକ ଲୋକ ଭୟଙ୍କର ରୋଗର କରାଳ କବଳରୁ ରକ୍ଷା ପାଇଅଛନ୍ତି । ମୂଲ୍ୟ ଏକଅଣା ମାତ୍ର ।

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକ ଦୋକାନରେ ମିଳେ ।

---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯ

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ୦ ୦ ୬ |
| ଅର୍ଦ୍ଧସ୍ତମ୍ଭକୁ | ୧ ୨ ୯ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୦ ୩ ୯ |

ମାତ୍ର କୌଣସି ବିଜ୍ଞାପନ ଯେବେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ୧ ୦ ୧ ଣାରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା ପ୍ରତି ଶନିବାର କଟକ ପ୍ରିଣ୍ଟିଂ କମ୍ପାନିର ମୁଦ୍ରାଯନ୍ତ୍ରରେ ମୁଦ୍ରିତ ଓ ପ୍ରକାଶ

Digitized by srujanika@gmail.com

REGISTERED No. C. 81



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୩୬ ଶ
ସଂଖ୍ୟା ୨୫ ଶ
ତା ୨୪ ଦିନ ମାହେ ଜୁନ ସନ ୧୯୦୧ ମସିହା । ମୁ । ତା ୧୦ ଇ ଅଷାଢ଼ ସନ ୧୩୦୭ ସାଲ ଶନିବାର ।
ଅଗ୍ରୀମ ଟ ୩୧
ପଶ୍ଚାଦେୟ ଟ ୬୧

ମାନ୍ଦ୍ରାଜ ପ୍ରଦେଶାନ୍ତର୍ଗତ କୋୟମ୍ବଟୁର ଜିଲ୍ଲାର ସାବବାନ୍ ରକ୍ଷିତ ଜଙ୍ଗଲରେ ସୁନାଖଣି ପ୍ରାପ୍ତ ହେବାର ଆଶା ଦେଖି ବାମିଲଟନ ଟୋମସ ସାହେବ ପଟ୍ଟା ପ୍ରାର୍ଥନା କରିବାରୁ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ତାହାଙ୍କୁ ମା ୧୩୧ ଶ ଭୂମିର ପଟ୍ଟା ଦେଇଅଛନ୍ତି । ସାହେବଙ୍କର ଆଶା ସଫଳ ହେଲେ ସାଧାରଣର ଉପକାର ହେବ ।

---

ଭାରତୀୟ ସାମ୍ରାଜ୍ୟର ପୂର୍ବପ୍ରଦେଶମାନଙ୍କରେ ଲକ୍ଷ୍ମୀନଙ୍କ ଦୁର୍ଭିକ୍ଷ ସମୁପସ୍ଥିତ ହୋଇଥିବାର ସମ୍ବାଦ ମିଳିଲା । ଦୁର୍ଭିକ୍ଷ ସଙ୍ଗେ ସଙ୍ଗେ ପ୍ଲେଗ ମଧ୍ୟ ଉପସ୍ଥିତ ହୋଇଅଛି । ଉତ୍ତର ଏବଂ ମଧ୍ୟପ୍ରଦେଶମାନଙ୍କରେ ବିଶେଷ ଶୀତ ପଡ଼ି ଶସ୍ୟ ନଷ୍ଟ କରୁଅଛି ଏବଂ ଦକ୍ଷିଣପ୍ରଦେଶରେ ମଧ୍ୟ ଅନାବୃଷ୍ଟି ଯୋଗେ ଶସ୍ୟ ନଷ୍ଟ ହେଉଅଛି ।

---

ରୟେଲ ବେଙ୍ଗଲ ଥିଏଟର ଦଳ ପୁରୀରୁ ପ୍ରତ୍ୟାଗମନ କରୁଅଛନ୍ତି । ବର୍ତ୍ତମାନ କଟକ ଟାଉନହଲରେ ଅଭିନୟ ପ୍ରଦର୍ଶନ କରିଲେ ଦର୍ଶକମାନେ ଗମନ କରିବେ । ଅଦ୍ୟରେ 'ଶକୁନ୍ତଳା ନାଟକ'ର ଓ ଆଗାମୀ କାଲି ରବିବାର 'କୁମାରସମ୍ଭବ ନାଟକ'ର ଅଭିନୟ ପ୍ରଦର୍ଶିତ ହେବ । ସାଧାରଣ ସୁବିଧାର୍ଥେ ଟିକେଟର ଅର୍ଦ୍ଧ ମୂଲ୍ୟରେ ବିକ୍ରୟ ହେବାର ବିଜ୍ଞାପନ ଦିଆ ଯାଇଅଛି ।

---

ଜାଜପୁରରେ ଗୋଟିଏ ଶୁଷ୍କ କୂପ ମଧ୍ୟରେ ଏକ ମାସର ଶିଶୁଟିଏ ପଡ଼ିଥିବାର ଦେଖାଗଲା ଓ ସେ ସଜୀବ ଥିଲା । ତାହାର ମାତା କିମ୍ବା ପିତା ଜଣା ନାହିଁ । କୂପ କମ ଗଭୀର ନ ଥିଲା ଓ ଉପରୁ ପଡ଼ି ଶିଶୁ ତାହା ପରିଣାମ ଅନ୍ତର ହେଲା କହି ନ ପାରିଲା । ବୋଧହୁଏ ମାତାର କେହି ନଷ୍ଟ ଅଙ୍ଗ ଗୋପନରେ ଏ କାର୍ଯ୍ୟ କରିଥିବ । ଭଗ୍ନ ଈଶ୍ୱର ଯାହାଙ୍କୁ ରକ୍ଷିବେ ତାଙ୍କୁ ମାରିବ କିଏ ! ଏକ ମାସର ଶିଶୁ ଏତେ ଗଭୀରରେ ପଡ଼ିବା ଆଘାତ ସହିଲା ଓ ଶୁଷ୍କ କାଳ ଜୀବିତାର ରହିଲା । ଧନ୍ୟ ଈଶ୍ୱରଙ୍କ ମହିମା !!

---

ଓଡ଼ିଶା ରେଲୱେ ନିର୍ମାଣସମ୍ବନ୍ଧୀୟ ଗତ ବର୍ଷର ରିପୋର୍ଟରୁ ପ୍ରକାଶ ଯେ ରୂପନାରାୟଣ ନଦୀରେ ଯେଉଁ ପୁଲ ହେବ ତହିଁର ମୂଳତଳ ସମସ୍ତ ଯୋଡ଼ା ହୋଇ କେବଳ ଗୋଟିଏ ଛାଡ଼ି ଆଉ ସବୁ ପଥର ସ୍ତମ୍ଭ ଗଢ଼ା ହୋଇଅଛି । କଟକଠାରୁ ଲୁଆଖିଆ ପର୍ଯ୍ୟନ୍ତ କୌଣସି ନଦୀର ପୁଲ କାର୍ଯ୍ୟ ଅବଶିଷ୍ଟ ଶେଷ ହୋଇ ନାହିଁ । ପଥର କାର୍ଯ୍ୟ ଶେଷ ହୋଇ ଲୁହାସବୁମାନ ରହିଅଛି । ଆଗାମୀ ସନ ୧୯୦୨ ସାଲରେ କଲିକତାଠାରୁ ଓଡ଼ିଶାବାଟେ ମାନ୍ଦ୍ରାଜପର୍ଯ୍ୟନ୍ତ ସମସ୍ତ କାମ ଫିଟି ଯିବ ।

---

ପ୍ରଭୁପାଦ ୬ବିଜୟକୃଷ୍ଣ ଗୋସ୍ୱାମୀଙ୍କର ଜୀବନୀ ଧର୍ମଶିକ୍ଷା ପ୍ରକାଶିତ । ବିଜୟ କୃଷ୍ଣ ନଦୀୟା ଶାନ୍ତିପୁରର ଅଦ୍ୱୈତ ବଂଶଜ । ଏ ମହାତ୍ମା କୈଶୋର ସମୟରେ ଉପନିଷଦ ପଠନ ଚର୍ଚ୍ଚା କରୁଥିଲେ ଯୌବନ ସମୟରେ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ ଓ ବୃଦ୍ଧ ସମୟରେ ସ୍ୱଧର୍ମ ପୁନଃ ଗ୍ରହଣ କରି ଗୌରାଙ୍ଗଭକ୍ତ ହୋଇ ନୀଳାଚଳ ବାସ କରୁଥିଲେ । ମା ୧୫ ସ ପୁରୀରେ ବାସ କରି ଇହ ସଂସାର ତ୍ୟାଗ କରିଅଛନ୍ତି । ଗୋସ୍ୱାମୀ ମହୋଦୟଙ୍କର ଅନେକ ଶିଷ୍ୟ ଅଛନ୍ତି । ଏ ଜଣେ ନିଷ୍ପକ୍ଷ ସମଦର୍ଶୀ ଓ ନିର୍ଭୀକ ଲୋକ ଥିଲେ । ହିନ୍ଦୁ ଧର୍ମରେ ଥାଇ ମଧ୍ୟ ସବୁ ସମୟରେ ଏହି ସବୁ ସଦ୍‌ଗୁଣର ପରିଚୟ ଦେଉଥିଲେ ।

---

ମ୍ୟାଟ୍ରିକ ପରୀକ୍ଷାର ଫଳ ବାହାରି ଅଛି । ଏଥର ପରୀକ୍ଷାର୍ଥୀ ପ୍ରାୟ ନ ୬୭୦୦ ଶ ଥିଲେ ତହିଁ ମଧ୍ୟରୁ କେବଳ ନ ୨୫୦୦ ଶ ପାସ କରିଅଛନ୍ତି ଅର୍ଥାତ୍ ଶତକଡ଼ା ନ ୧୬ ଶ ମାତ୍ର କୃତକାର୍ଯ୍ୟ ହୋଇ ପାରି ନାହାନ୍ତି । ଏହା କେବଳ ପରୀକ୍ଷାର କଠିନତା ହେତୁ ଘଟିବାର ବୋଲି ଯାଇ ନ ପାରେ ପରୀକ୍ଷା ଦେବା ବ୍ୟକ୍ତିମାନଙ୍କର ମଧ୍ୟ ତ୍ରୁଟି ଅଛି । ଯେଉଁମାନେ ଗାଢ଼ ପରିଶ୍ରମ କରି ପ୍ରସ୍ତୁତ ହେବାକୁ ଅକ୍ଷମ ସେମାନଙ୍କର ପରୀକ୍ଷା ଦେବା ଉଚିତ ନୁହେ । ଏହି କଟକ ନଗରରେ

Split by PDF Splitter
Digitized by srujanika@gmail.com

Split by PDF Splitter



ପ୍ରାୟ ଜ ୩୭ ଣ ପରୀକ୍ଷା ଦେଇଥିଲେ ମାତ୍ର କେବଳ ଜ ୨ ଣ ଯଥା ଶରତ୍‌ଚନ୍ଦ୍ର ସେନ ଏବଂ ଜନାର୍ଦ୍ଦନ ପରୀକ୍ଷା ପାସ କରିଅଛନ୍ତି । ଏ ଫଳ ଅତ୍ୟନ୍ତ ମନ୍ଦ ଅଟେ ।

---

ଟ୍ରେନାଭିଲର ଦଙ୍ଗା ସମାହିତ ହୋଇ ଉଠି ଅଛି । ତନାଇମାନେ ମୁସଲମାନମାନଙ୍କ ନିକଟରୁ ସାହାଯ୍ୟ ଅବା ଆଶ୍ରୟ ପାଇବା ଆଶାରେ ମହମ୍ମଦଙ୍କ ଧର୍ମ ଗ୍ରହଣ କରୁଅଛନ୍ତି । ତ୍ରିବାଙ୍କୁରର ଇଳଗୋଷ୍ଠୀ ଗ୍ରାମସ୍ଥ ସମସ୍ତଲୋକ ଇସଲାମ ଧର୍ମ ଗ୍ରହଣ କରିଅଛନ୍ତି । ବ୍ରିଟିଶ ରାଜ୍ୟାନ୍ତର୍ଗତ ପୁମଲ ଓ ଗୃହଗୋଡ଼ୀ ଗ୍ରାମ ବିଧର୍ମୀ ହୋଇଅଛନ୍ତି ଓ ହିନ୍ଦୁ ମନ୍ଦିର ମୁସଲମାନର ଉପାସନା ଗୃହ ହୋଇଅଛି ତନାଇମାନେ ଠାକୁରମାନଙ୍କୁ ଇତସ୍ତତଃ ନିକ୍ଷିପ୍ତ କରି ଦେଇଅଛନ୍ତି ଓ ଆପଣା୨ର ମସ୍ତକ ମୁଣ୍ଡନ କରିଅଛନ୍ତି ଓ ଦାଢ଼ୀ ଛାଡ଼ି ଦେଇ ଅଛନ୍ତି । ତ୍ରିବାଙ୍କୁରର ଗୋଟିଏ ମୁଦ୍ରଗ୍ରାମର ୪୫୦ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଅଛି । ଶାନ୍ତି ସ୍ଥାପନ ନିମନ୍ତେ ଯଥା ସାଧ୍ୟ ଚେଷ୍ଟା ହେଉଅଛି ।

---

ଶ୍ରୀଯୁକ୍ତ ଉପେନ୍ଦ୍ରଚନ୍ଦ୍ର ମୈତ୍ର ଭକ୍ତି ଭୂଷଣ ମହାଶୟ କଲିକତାର ଭାଗବତ ସଭାର ପ୍ରଚାରକ ଅଟନ୍ତି । ଅନେକ ବର୍ଷ ହେଲେ ଏ ମହୋଦୟ ଏଠାକୁ ଆସି ବକ୍ତୃତା ଏବଂ ସଙ୍କୀର୍ତ୍ତନଦ୍ୱାରା ସମସ୍ତଙ୍କୁ ମୋହିତ କରି ଯାଇଥିଲେ । ଆମ୍ଭମାନଙ୍କର ସୌଭାଗ୍ୟ କ୍ରମେ ସେ ପୁନର୍ବାର ଏଠାକୁ ଆସିଅଛନ୍ତି । ଅଦ୍ୟ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ହୋମହଲରେ ସନ୍ଧ୍ୟା ସ ୭ ଘା ସମୟରେ ସେ ହିନ୍ଦୁ ଧର୍ମ ବିଷୟରେ ବକ୍ତୃତା ପ୍ରଦାନ କରିବେ ଏବଂ ସଙ୍କୀର୍ତ୍ତନ ହେବ । ଆଗାମୀ କାଲି ଶ୍ରୀ ଗୋପାଳଜୀଉଙ୍କ ମଠଠାରେ ଭଗବଦ୍ଭକ୍ତି ପ୍ରଦାୟିନୀ ସଭାରେ ଭକ୍ତି ତତ୍ତ୍ୱ ସମ୍ବନ୍ଧରେ ବକ୍ତୃତା ଏବଂ ସଙ୍କୀର୍ତ୍ତନ ହେବ । ଭରସା କରୁ ହିନ୍ଦୁମାନେ ସଭାରେ ସମୁପସ୍ଥିତ ହୋଇ ବକ୍ତୃତା ଓ ସଙ୍କୀର୍ତ୍ତନ ଶ୍ରବଣଦ୍ୱାରା ବକ୍ତାଙ୍କୁ ଉତ୍ସାହିତ କରିବେ ।

---

ଗୁଟର୍ଣ୍ଣୀ ହାଇରେ ରେଲ ରାସ୍ତା ସକାଶେ କେତେକ ଭୂମି ଗ୍ରହଣ ହେବାରୁ କଲେକ୍ଟର ସାହେବ ତହିଁର ମୂଲ୍ୟ ବା କ୍ଷତିପୂରଣ ପାଞ୍ଚ ହଜାର ଟଙ୍କା ଅର୍ପଣ କଲେ । ଭୂମ୍ୟଧିକାରୀ ଏଥିରେ ଅସମ୍ମତ ହେବାରୁ ମୋକଦ୍ଦମା ଦେବାନୀ ଅଦାଲତକୁ ଗଲା । ସେଠାରେ ଜଜ୍ ସାହେବ ମୁକଦ୍ଦମାର ପୂର୍ବାନ୍ତ ତହିଁର ମୂଲ୍ୟ ଏକ ଲକ୍ଷ ପଚିଶ ହଜାର ଟଙ୍କାର ଡିକ୍ରୀ ଦେଲେ । ଏ ଡିକ୍ରୀ ବିରୁଦ୍ଧରେ ସରକାର ତରଫରୁ ହାଇକୋର୍ଟ ଅପିଲ ହେଲା ମାତ୍ର ହାଇକୋର୍ଟ ଜଜ୍ ସାହେବଙ୍କ ଡିକ୍ରୀ ବାହାଲ ରଖି ଅପିଲ ଡିସ୍‌ମିସ୍ କଲେ । ସରକାରୀ ମାମଲାରେ କଲେକ୍ଟରଙ୍କ ବିଚାର ଓ ଦେବାନୀ ଅଦାଲତର ବିଚାର ମଧ୍ୟରେ କେତେ ପ୍ରଭେଦ ଏଥିରୁ ସୁଲକ୍ଷଣ ପ୍ରକାଶ ପାଉଅଛି । ତଥାପି ଗବର୍ଣ୍ଣମେଣ୍ଟ ଶାସନ କର୍ମଚାରୀଙ୍କ ହସ୍ତେ ଅନେକ ବିଚାର ଭାର ଦେଇଅଛନ୍ତି ଓ ଜନସାଧାରଣଙ୍କ ଆପତ୍ତିର ସୁବିଚାର ହେଉ ନାହିଁ ।

---

ପଲ୍ଟନର ଲେଫ୍‌ଟେନେଣ୍ଟ ଡିଂସାହେବ ଓ ବାଟିକ ମାନ୍ଦ୍ରାଜ ବନ୍ଦରର ଡେଃ ଏନ୍ଦ୍ରାମିଟର ଟ୍ରେଟାର ସାହେବ, ଜଉନ କମ୍ପାନୀର ଲେ ସାହେବଙ୍କ ଆଘାତ କରିଥିବା ଅପରାଧରେ ଡିଂ ସାହେବଙ୍କୁ ପରିଶ୍ରମ ରହିତ ଛଅମାସ କଏଦ ଓ ଟ ୫୦୦ ଙ୍କା, ଜରିମାନା ଓ ଟ୍ରେଟାର ସାହେବଙ୍କୁ ବିନାପରିଶ୍ରମରେ ତିନିମାସ କାରାବାସ ଓ ଟ ୨୦୦ ଙ୍କାର ଅର୍ଥଦଣ୍ଡ ହୋଇଥିଲା । ଦୁଇଜଣ ହାଇକୋର୍ଟରେ ଅପିଲ କରିଥିଲେ ଓ ଜାମିନ ପ୍ରାର୍ଥନା କରିବାରେ ପ୍ରାର୍ଥନା ନାମଞ୍ଜୁର ହୋଇଥିଲା । ଅପିଲରେ ଜରିମାନା ବହାଲ ରହିଲା ମାତ୍ର କଏଦ ଦଣ୍ଡରେ କିଛି ପରିବର୍ତ୍ତନ ହୋଇଅଛି ଡିଂ ସାହେବଙ୍କୁ ଛଅମାସ ସ୍ଥଳେ ତିନିମାସ ଓ ଟ୍ରେଟାର ସାହେବଙ୍କୁ ତିନି ମାସ ସ୍ଥଳେ ଏକମାସ ଦଣ୍ଡର ଆଦେଶ ହୋଇଅଛି । ଫୌଜଦାରୀ ମୋକଦ୍ଦମାରେ କଏଦ ଦଣ୍ଡ ଭୋଗ କଲା ଉତ୍ତାରେ ଏମାନେ ସ୍ୱକାର୍ଯ୍ୟରେ ଉପସ୍ଥିତ ହୋଇ ପାରିବେ କି ନା ପ୍ରଶ୍ନ ଉଠିଅଛି ଦେଖାଯାଉ ଫଳରେ କ'ଣ ହୁଏ ।

---

ଭାରତୀୟ ଷ୍ଟେଟସେକ୍ରେଟାରୀଙ୍କ ଏତେଦିନେ ଭାରତ ହାଇକୋର୍ଟ ଜଜଙ୍କ ପ୍ରତି ସୁଦୃଷ୍ଟି ପଡ଼ିଲା । ସାଧାରଣ ଜଜମାନଙ୍କର ବେତନ ମାସିକ ଟ ୩୭୫୦ ଙ୍କା ଥିଲା । ସମ୍ପ୍ରତି ମାହିନା ବେତନ ଟ ୪୦୦୦ ଙ୍କା ମଞ୍ଜୁର ହୋଇଅଛି । ଏଣିକି ଯେଉଁମାନେ ନିଯୁକ୍ତ ହେବେ ସେମାନେ ବ ୬୦ ବର୍ଷ ବୟସରେ ଅବଶ୍ୟ ପେନ୍‌ସନ ନେବେ । ପୂର୍ବ ପେନ୍‌ସନ ନିମନ୍ତେ ବ ୧୭½ ବର୍ଷ ଚାକିରୀ ପରିବର୍ତ୍ତେ ବ ୧୧½ ବର୍ଷ ମଞ୍ଜୁର ହୋଇଅଛି । ଏହି ବେତନ ଓ ପେନ୍‌ସନକାଲ ବୃଦ୍ଧିର ଆବଶ୍ୟକତା କଲିକତା ହାଇକୋର୍ଟର ଭୂତପୂର୍ବ ପ୍ରଧାନ ଜଜ ମାନ୍ୟବର ସର୍ ପାଥ୍‌ରାମ ଏଠାରେ ଥିବା ସମୟରେ ପ୍ରତିପନ୍ନ କରି ବିଲାତରେ ତହିଁର ଆନ୍ଦୋଳନ କରିଥିଲେ ଏବଂ ଭାରତର ପ୍ରଧାନ ସମ୍ବାଦପତ୍ରମାନ ତହିଁର ପୋଷକତା କରିଥିଲେ । ଏତେଦିନେ ତହିଁର ଶୁଭଫଳ ଫଳିଲା ବଡ଼ ଆନନ୍ଦର ବିଷୟ ଅଟେ । ଇଂଲଣ୍ଡର ସୁବିଚାରର ଟେକ ହାଇକୋର୍ଟମାନେ ରକ୍ଷିଅଛନ୍ତି । ଉପଯୁକ୍ତ ବେତନ ବିନା ବିଶେଷ ଯୋଗ୍ୟଲୋକଙ୍କୁ ଆକର୍ଷଣ କରିବା ଅସମ୍ଭବ ।

---

ଗତମାସ ତା ୧୭ ରିଖରେ ଶେଷ ହୋଇଥିବା ସପ୍ତାହରେ ବଙ୍ଗଳାର ମହାମାରୀ ବା ପ୍ଲେଗ ରୋଗର ଭୟଙ୍କର ଜନ୍ମେ ପ୍ରବଳ ହେଲା । କଲିକତାରେ ଜ ୧୨ ଣ ରୋଗାକ୍ରାନ୍ତ ହୋଇଥିଲେ ଓ ଜ ୧୧ ଣ ମୃତ୍ୟୁଗ୍ରାସରେ ପତିତ ହୋଇଥିଲେ, ହାବଡ଼ାରେ ନୂତନ ଜ ୩ ଣ ରୋଗାକ୍ରାନ୍ତ ଓ ଜ ୫ ଣ ମୃତ ହୁଗଲିରେ ଏକ ଜଣର ମୃତ୍ୟୁ ଓ ଶ୍ୟାମବାଜାରରେ ଏକଜଣ ରୋଗୀର ଅନ୍ତର୍ଦ୍ଧାନ ହୋଇଥିଲା ।

ଉତ୍କଳରେ ପ୍ଲେଗ ଉପସ୍ଥିତ ହେବାର ଭୟ ଶେଷ ହୋଇ ନାହିଁ । ଶ୍ରୀନଗରରେ ଜଣେ ରୋଗୀ ପହଞ୍ଚିଥିବା ସ୍ଥଳେ କଟକ ସହରରେ ଥିବା ନାନା ସନ୍ନିକଟ ସ୍ଥାନମାନଙ୍କରେ ପ୍ଲେଗ ଘଟିବାର ଅସମ୍ଭବ ନୁହେଁ ଅତଏବ ରୋଗ ନ ଘଟିବା ପ୍ରତି ଯେଉଁ ସବୁ ନିୟମ ପ୍ରଚଳନ କରିବା ଉଚିତ ସେଥି ପକ୍ଷରେ ତାହାର ହେଳା କରିବା ଉଚିତ ନୁହେଁ, ଅନ୍ତତଃ ଘର ଦ୍ୱାର ପରିଷ୍କାର ପରିଚ୍ଛନ୍ନ ରଖିବା ଆବଶ୍ୟକ । ଗୋଟିଏ ଶୁଭଲକ୍ଷଣ ଏହି ଯେ ରୋଗର ପ୍ରାଦୁର୍ଭାବ କ୍ରମଶଃ ଊଣା ହେଉଅଛି ।

—୦୦୦—

ଦେଶ ବିଦେଶରୁ ଭାରତକୁ ଆମଦାନୀ ହେବା ଦ୍ରବ୍ୟ ଉପରେ ମାସୁଲ ଆଦାୟ କରିବା ନିମନ୍ତେ ଯେଉଁ ନୂତନ ଆଇନ ଭାରତ ଗବର୍ଣ୍ଣମେଣ୍ଟ ଜାରି କରିଅଛନ୍ତି ତହିଁ ବିରୁଦ୍ଧରେ ବିଲାତରେ ଘୋର ଆନ୍ଦୋଳନ ଲାଗିଥିବାର ପାଠକମାନଙ୍କୁ ଜଣାଅଛି । ଗତ ତା ୧୫ ରିଖରେ ବିଲାତରେ ପାର୍ଲିଆମେଣ୍ଟ ସଭାରେ ସେଥିର ବିଚାର ହୋଇଥିଲା । ସର ଫାଉଲର ସାହେବ ସେହି ଆଇନ ରହିତ କରିବାର ପ୍ରସ୍ତାବ କଲେ । ଭାରତୀୟ ସେକ୍ରେଟାରୀ ଲର୍ଡ଼ ହାମିଲ୍‌ଟନ ସାହେବ ତହିଁର ପ୍ରତିବାଦରେ କହିଲେ କି ଅଶୁଳ୍କ ଇଂରେଜ-

Digitized by srujanika@gmail.com

Split by PDF Splitter



ତର ପ୍ରଧାନ କୃଷିକାର୍ଯ୍ୟ, ତହିଁର ରକ୍ଷା ନିମନ୍ତେ ନିଶ୍ଚୟ ଉପାୟ କରିବା ଆବଶ୍ୟକ । ଯେ ସମସ୍ତ ଦେଶର ବଣିକମାନେ ସରକାରୀ ସାହାଯ୍ୟ ... ଶସ୍ତା ଦରରେ ଭାରତରେ ଚିନି ବିକ୍ରୟ ... ନ୍ତି ସେହି ଚିନି ଉପରେ ଭାରତ ଗବର୍ଣ୍ଣମେଣ୍ଟ ମାସୁଲ ବସାଇବାଦ୍ୱାରା ସ୍ୱାଧୀନ ବାଣିଜ୍ୟର ନିୟମ ଭଙ୍ଗ ... ନାହାନ୍ତି । କେତେକ ଗଣ ତର୍କ ବିତର୍କ ଉତ୍ତାରୁ ସବୁ ପାଉନ୍ଦରଙ୍କ ପ୍ରସ୍ତାବର ବିରୁଦ୍ଧରେ ୨୧୩ ଏବଂ ସପକ୍ଷରେ କେବଳ ୧୫୨ ମତ ହେବାରୁ ତାହା ଗ୍ରାହ୍ୟ ହେଲା ଏବଂ ଭାରତ ଗୋଟିଏ ଅନର୍ଥକ ଦାୟରୁ ରକ୍ଷା ପାଇଲା । ଭାରତର ହିତ ନିମନ୍ତେ ଉକ୍ତ ମାସୁଲ ଧାର୍ଯ୍ୟ ହୋଇଅଛି ଏବଂ ଅସ୍ମମାନଙ୍କର ବର୍ତ୍ତମାନ ବଡ଼ଲାଟ ମହାମାନ୍ୟ କର୍ଜ୍ଜନ ବାହାଦୁର ଏଥିରେ ତତ୍ପରତା ଦେଖାଇ ଭାରତବାସିଙ୍କର କୃତଜ୍ଞତା ଭାଜନ ହୋଇଅଛନ୍ତି ।

---

ମଇମନସିଂହ ଜିଲ୍ଲାରେ ସ୍ତ୍ରୀମାନଙ୍କ ପ୍ରତି ବଦ-... ବଡ଼ ଅତ୍ୟାଚାର ହେଉଅଛି । ତହିଁର ... ହି ଯେ ଗଜାଡଙ୍ଗା ଗ୍ରାମରେ ... ର୍ଷର ସୁନ୍ଦରୀ ଯୁବତୀଟିଏ ... ସ୍ୱରେ ଶୋଇଥିଲା । ... ଘରେ ପଶି ସେ ସ୍ତ୍ରୀର ମୁହଁ ... ଙ୍କି ନେଇ ଗୋଟିଏ ପଡ଼ିଆକୁ ... ରେ ତାହା ପ୍ରତି ବଳାତ୍କାର କରିବା ସମୟରେ ମୁଖବନ୍ଧନ କପଡ଼ା ଫିଟିଯିବାରୁ ସେ ସ୍ତ୍ରୀ ଚିତ୍କାର କରନ୍ତେ ନ ୨୩ ଣ ପ୍ରତିବାସୀ ଦଉଡ଼ି ଆସିଲେ । ତହୁଁ ସେ ନରପିଶାଚମାନେ ତାହା ମୁହଁକୁ କଠିନରୂପେ ବାନ୍ଧି ସେଠାରୁ ଅନ୍ୟ ଏକ ସ୍ଥାନକୁ ନେଇଗଲେ । ସେଠାରେ ଆଉ ଜଣ ୮ ଜଣ ବଦମାସ ଆସି ଯୋଗ ଦେଲେ, ଓ ଯୁବତୀକୁ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବାରେ ରହିଲେ ତାହାର ସ୍ୱାମୀ ପ୍ରଭୃତି ଖୋଜି ଯାଇଲେ । ତିନି ଦିନ ଉତ୍ତାରେ ବଦମାସମାନେ ସ୍ତ୍ରୀକୁ ତାହା ସ୍ୱାମି ଘର ନିକଟ ବିଲରେ ମୃତାପନ୍ନ ଅବସ୍ଥାରେ ପକାଇ ଦେଇଗଲେ, ତାଙ୍କୁ ସିଧି ଡାକ୍ତରଖାନାକୁ ପ୍ରେରଣା ହେଲା ଓ ସେଠାରେ ଚିକିତ୍ସା ହେବାରୁ ଆରୋଗ୍ୟ ଲାଭ କଲା । ଏଥିର ମାମଲା ଚଳୁଅଛି । ଏଥିପୂର୍ବେ ଏହିପରି ଅତ୍ୟାଚାର ଓ ବଳାତ୍କାର ଅନେକ ସ୍ଥଳରେ ଘଟିଥିଲା ଓ କେତେ ଅସାମୀ ସ୍ୱଳ୍ପକାଳନ୍ତି କାରାବାସ ଦଣ୍ଡ ପାଇଅଛନ୍ତି । ତଥାପି ଏ ଅପରାଧ ନିବାରଣ ହେଉ ନାହିଁ । ଏପରି ଅନ୍ୟ କୌଣସି ଠାରେ ଶୁଣା ନାହିଁ । ସେଠାରେ ପୁଲିସର ଆତଙ୍କ ଅଧିକ ନାହିଁ ପରା ।

---

ଭାରତବର୍ଷର ରେଲବେ ସମ୍ବନ୍ଧର ଗତ ବାର୍ଷିକ ରିପୋର୍ଟ ବାହାରିଅଛି । ସେହି ବର୍ଷରେ ୧୩୩୪ ମାଇଲ ରେଲବାଟ ବୃଦ୍ଧି ହୋଇଥିଲା ଏବଂ ୩୬୭୮ ମାଇଲ ରେଲରେ ନିର୍ମାଣ କାର୍ଯ୍ୟ ଚାଲିଅଛି ଅଥବା ମଞ୍ଜୁର ହୋଇଅଛି । ଭାରତରେ ରେଲବାଟ ଆରମ୍ଭଠାରୁ କେଉଁ ଗବର୍ଣ୍ଣର ଜେନେରଲଙ୍କ ଅମଳରେ କେତେ ରେଲବେ ନିର୍ମାଣ ହୋଇଅଛି ତହିଁର ଗୋଟିଏ ତାଲିକା ବାହାରିଅଛି । ତହିଁରୁ ଜଣାଯାଏ ଲର୍ଡରିପନ ଏବଂ ତହୁଁ ପର ଲର୍ଡଏଲଗିନଙ୍କ ଅମଳରେ ସର୍ବାପେକ୍ଷା ଅଧିକ ପରିମାଣ ରେଲବେ ନିର୍ମାଣ ହୋଇଥିଲା । ନିର୍ମାଣ ହେଉଥିବା ରେଲବେମାନଙ୍କ ମଧ୍ୟରୁ କାହାର କାର୍ଯ୍ୟ କେମନ୍ତ ଅଗ୍ରସର ହୋଇଅଛି ସେଥିର ବିସ୍ତାରିତ ବିବରଣ ସେହି ବାର୍ଷିକ ରିପୋର୍ଟରେ ଲେଖାଅଛି । ବଙ୍ଗାଲ୍ ନାଗପୁର ରେଲବେର ଓଡ଼ିଶା ଶାଖା ସମ୍ବନ୍ଧରେ ଲେଖାଅଛି ଓ ସିନିଠାରୁ ବାରଙ୍ଗ ପର୍ଯ୍ୟନ୍ତ ରେଲ ଚାଲୁଅଛି କେବଳ କେତେକ ପୁଲ ବାକି ଥିବାରୁ ସେହି ସ୍ଥାନମାନଙ୍କରେ ଅଳ୍ପ କାଳ ନିମନ୍ତେ ଭିନ୍ନ ବାଟ ହୋଇଅଛି । କୋଲାଘାଟଠାରୁ ହାବଡ଼ା ପର୍ଯ୍ୟନ୍ତ କାର୍ଯ୍ୟ ଲାଗିଅଛି ସନ ୧୮୯୯।୧୯୦୦ ସାଲରେ ଶେଷ ହେବ । ଖଡ଼ଗପୁରଠାରୁ ମେଦିନୀପୁର ପର୍ଯ୍ୟନ୍ତ ଗୋଟିଏ ଶାଖାଲାଇନ ମଞ୍ଜୁର ହୋଇ କାର୍ଯ୍ୟାରମ୍ଭ ହୋଇଅଛି ଏବଂ ତହିଁ ନିମନ୍ତେ ଟ୧୮୦୦୦୦ଙ୍କା ଇଷ୍ଟିମେଟ ହୋଇଅଛି ଏପରି ରାୟପୁର ଧାମତରି ଶାଖାରେଲର କାର୍ଯ୍ୟାରମ୍ଭ ହୋଇଅଛି । ଏଥିରୁ ଭରସା ହେଉଅଛି ଯେ ଅଳ୍ପବର୍ଷ କଟକଠାରୁ କଲକତା ଅର୍ଥାତ୍ ହାବଡ଼ା ପର୍ଯ୍ୟନ୍ତ ରେଲବାଟ ଫିଟିଯିବ ।

---

'ସନ୍ଧ୍ୟର ମନ୍ଦିର' ନାମରେ ଖଣ୍ଡିଏ ଇଂରାଜୀ ପୁସ୍ତିକା ପ୍ରାପ୍ତ ହେବାର ସ୍ୱୀକାର କରୁଅଛୁଁ । ଏହା ଭାରତର ବଡ଼ଲାଟ ମହାମାନ୍ୟ ଲର୍ଡ଼ କର୍ଜନଙ୍କ ନାମରେ ଉତ୍ସର୍ଗିତ ଏବଂ ଏହା ତଦୁପଯୁକ୍ତ ସୁନ୍ଦରରୂପେ ଏଠା ମିଶନ ଯନ୍ତ୍ରାଳୟରେ ମୁଦ୍ରିତ ହୋଇଅଛି । ଏ ଜିଲ୍ଲା ଅନ୍ତର୍ଗତ କନିକା ଷ୍ଟେଟର ବୃତ୍ତିପ୍ରାପ୍ତ ମାନେଜର ବାବୁ ଉପେନ୍ଦ୍ର ସରକାର ଅପଣା କାର୍ଯ୍ୟରୁ ଫେରିଯିବା ସମୟରେ ଯେସମସ୍ତ ଆବେଦନପତ୍ର କଲେକ୍ଟର କମିଶନର ବୋର୍ଡ଼ ଏବଂ ଗବର୍ଣ୍ଣମେଣ୍ଟ ସମୀପକୁ ପଠାଇଥିଲେ ସେହି ସବୁ ଏଥିରେ ପ୍ରକାଶିତ ହୋଇଅଛି । ତହିଁର ସଂକ୍ଷେପ ବିବରଣ ଏହି କି ଉମେଶ ବାବୁ ଗତ ବର୍ଷ ମାର୍ଚ୍ଚ ମାସରେ ପୀଡ଼ିତ ହୋଇ ମା ୩ ସର ଛୁଟୀ ପ୍ରାର୍ଥନା କରିଥିଲେ । ଏଠା ଡାକ୍ତର ସାହେବ ତାହାଙ୍କର ମତ ଅସ୍ଥିର ଥିବାର ଦେଖି ଏକବର୍ଷ ଛୁଟୀ ନିମନ୍ତେ ସାର୍ଟିଫିକେଟ ଦେବାରେ ତଦନୁସାରେ ଛୁଟୀ ଦିଆଗଲା । କେତେକ ମାସରେ ସେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ପୁରୀର ସିଭିଲସର୍ଜ୍ଜନଙ୍କଠାରୁ କାର୍ଯ୍ୟ କରିବାକୁ ସକ୍ଷମ ଥିବାର ସାର୍ଟିଫିକେଟ ଆଣି କଟକର କଲେକ୍ଟରଙ୍କ ନିକଟରେ ଆବେଦନ କରିବାରେ ସେ ଉତ୍ତର ଦେଲେ କି କଟକର ସିଭିଲସର୍ଜନ ଯେପର୍ଯ୍ୟନ୍ତ ଯୋଗ୍ୟତାର ସାର୍ଟିଫିକେଟ ନ ଦେବେ ସେପର୍ଯ୍ୟନ୍ତ ସେ ଆପଣା କାର୍ଯ୍ୟକୁ ଫେରିଯାଇ ନ ପାରନ୍ତି । ଉମେଶ ବାବୁ କଟକର ସିଭିଲସର୍ଜନଙ୍କ ନିକଟରେ ଉପସ୍ଥିତ ହେଲେ ମାତ୍ର ସେ ଆଉ ଏକବର୍ଷ ଛୁଟିରେ ରହିବାର ଆବଶ୍ୟକ ବୋଲି କହିଲେ । କଲେକ୍ଟର ଓ କମିଶନରମାନେ ତଦନୁସାରେ ଆଉ ଏକବର୍ଷର ଛୁଟି ଦେବାକୁ ସ୍ଥିର କଲେ । ଉମେଶ ବାବୁ ରେଭନିଉ ବୋର୍ଡ଼ ଓ ଗବର୍ଣ୍ଣମେଣ୍ଟରେ ଅପିଲ କଲେ । ରେଭନ୍ୟୁ ବୋର୍ଡ଼ ବୁଝାଇଦେଲେ ଯେ ସିଭିଲସର୍ଜନଙ୍କ ହୁକୁମ ବିରୁଦ୍ଧରେ ମେଡ଼ିକାଲ ବୋର୍ଡ଼ରେ ଅପିଲ ହେବାର ନିୟମ ଅଛି ଏବଂ ସିଭିଲସର୍ଜନଙ୍କ ହୁକୁମ ମେଡିକାଲ ବୋର୍ଡ଼ଦ୍ୱାରା ରହିତ ନ ହେଲେ ରେଭନ୍ୟୁ ବୋର୍ଡ଼ ହସ୍ତକ୍ଷେପ କରିବେ ନାହିଁ । ବଙ୍ଗୀୟଗବର୍ଣ୍ଣମେଣ୍ଟ ମଧ୍ୟ ସେହି ପ୍ରକାର ଆଦେଶ ଦେଇଅଛନ୍ତି । ସୁତରାଂ ମେଡିକାଲ ବୋର୍ଡ଼ରେ ଅପିଲ କରିବା ଛଡ଼ା ଉମେଶ ବାବୁଙ୍କର ଉପାୟାନ୍ତର ନାହିଁ ।

---

## କଟକ ଦୌରା ।

ଗତ ଦୌରାର ଅଧିବେଶନ କାର୍ଯ୍ୟ ଗତ ବୁଧବାରଠାରୁ ଶେଷ ପାଇଅଛି । ଏଥର ଦୌରାରେ ଅନେକ ଗୁଡ଼ାଏ ନରହତ୍ୟା ମୋକଦମା ଥିଲା । ତହିଁ ମଧ୍ୟରେ ଯାଜପୁରର ନରହତ୍ୟା ମୋକଦ୍ଦମା ସବୁ ପ୍ରଧାନ । ଯାଜପୁରର ଜଣେ ମହାଜନର ପୁଅକୁ ତାହାର ଦୁଇଜଣ ଖୁଡ଼ୁତା ଓ ତିନିଜଣ ପଡ଼ୋଶୀ ବୈତରଣୀ ନଦୀରେ ଭସିଦାଟି ମାରି ପକାଇଥିବା ଅପରାଧରେ ଦୋଷୀ ସୋପର୍ଦ୍ଦ ହୋଇଥିଲେ

Digitized by srujanika@gmail.com

Split by PDF Splitter

212



ଜଜ ସାହେବ ଖୁଦୁରା ଘାତକଙ୍କୁ ଓ ଜଣେ ପଡ଼ୋଶୀଙ୍କୁ ଫାଶି ହୁକୁମ ଦେଇଅଛନ୍ତି, ଜଣେ ଦ୍ୱୀପାନ୍ତର ଦଣ୍ଡ ପାଇଅଛି, ଆଉ ଜଣେ ଖଲାସ ପାଇଅଛି। ଖୁଦୁରା ଘାତଦ୍ୱେ ହେବଳ ସମ୍ପତ୍ତି ଲୋଭରେ ହତ୍ୟା କରିଥିବାର ସାବ୍ୟସ୍ତ ହୋଇଅଛି। ସାଧାରଣ ଲୋକଙ୍କର ବିଶ୍ୱାସ ଥିଲା ଯେ ଗୋଟିଏ ଲୋକକୁ ହତ୍ୟା କଲେ ଜଣେ ମାତ୍ର ଲୋକ ଫାଶି ପାଏ କିନ୍ତୁ ଏହି ମୋକଦ୍ଦମାରେ ଦୁଇଜଣ ଲୋକଙ୍କର ଫାଶି ହୁକୁମ ହୋଇଥିବାରୁ ଏହା ବିପରୀତ ହେଲା ଅନେକ ଲୋକ ପଚାରୁଅଛନ୍ତି। ଗୋଟିଏ ନରହତ୍ୟାରେ ଏକାଧିକ ଲୋକ ଲିପ୍ତ ଥିଲେ ସେମାନେ ସମସ୍ତେ ଫାଶି ନ ପାଇ [କେବଳ ଜଣେ ଫାଶି ପାଇବ ଏପରି କୌଣସି ବ୍ୟବସ୍ଥା ନାହିଁ ଏବଂ କୌଣସି ସ୍ଥଳେ ଏକ ମୋକଦ୍ଦମାରେ ୮।୯ ଜଣ ଲେଖାଏଁ ଫାଶି ପାଇଥିବାର ପାଠକମାନେ ଅବଗତ ଥିବେ। ଏଥର ଦୌରାରେ ଯେମନ୍ତ ଅନେକ ଗୁଡ଼ିଏ ନରହତ୍ୟାର ମୋକଦ୍ଦମା ଥିଲା ସେହିପରି ପୂର୍ବ ଦୌରା ଅଧିବେଶନରେ କେବେ ଶଇତକ ଓ କେବେ କେବେ ତହାଏଣ ମୋକଦ୍ଦମା ଅଧିକ ଥିବାର ଦେଖାଯାଇଅଛି। ଏଥିରୁ ଏକ ଉପସ୍ଥିତ ପଢ଼କ ସମ୍ବନ୍ଧରେ ବୋହବାର ଖଣ୍ଡନ୍ଦାଜ ହଶ ଯାଇ ପାରେ।

---

### କାୟସ୍ଥ ସଭା।

ଗତ ରବିବାର ସନ୍ଧ୍ୟା ସମୟରେ ଏ ନଗର ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ଘରଠାରେ ପ୍ରାୟ ଏକଶତ ବଙ୍ଗ ଦକ୍ଷିଣ ରାଢ଼ି ଶ୍ରେଣୀଭୁକ୍ତ କାୟସ୍ଥ ସମବେତ ହୋଇ କାୟସ୍ଥ ସମାଜ ନାମରେ ଗୋଟିଏ ସମାଜ ସ୍ଥାପନ କଲେ ସମାଜ ସ୍ଥାପନର ଅଭିପ୍ରାୟ ବାବୁ ଜାନକୀପୂର୍ଣ୍ଣ ପ୍ରସାଦ ମିଶ୍ର ଯାହା ବୁଝାଇ ଦେଲେ ତହିଁର ସାର ମର୍ମ ଏହି କ କାଳର ଗତିରେ ପୂର୍ବ ନିୟମମାନ ଶିଥିଳ ହୋଇଯିବାରୁ ବର୍ତ୍ତମାନ ସମାଜ ମଧ୍ୟରେ ଅନେକ ବିଶୃଙ୍ଖଳା ଘଟିବାର ଦେଖା ଯାଉଅଛି, ମୂର୍ଖତା ଓ ଦରିଦ୍ରତା ବଢ଼ୁଅଛି ଏବଂ ପରସ୍ପର ସହାନୁଭୂତି ହ୍ରାସ ହେବାରୁ ଉନ୍ନତିର ଉପାୟ ହୋଇ ପାରୁ ନାହିଁ। ଏକକଥାରେ ସମାଜ ସମ୍ଭ୍ରମ ସାଧକ ସ୍ୱଜାତୀୟ ଗରିବ ଲୋକଙ୍କର ପ୍ରତିପାଳନ ଓ ଗରିବଲୋକଙ୍କର ଝିଅର ଯଥାସାଧ୍ୟ ସାହାଯ୍ୟ କରିବାକୁ ସମାଜ ସ୍ଥାପନ ହୋଇଅଛି। ଏହା ଯେ ସାଧୁ ଉଦ୍ଦେଶ୍ୟ ଏଥିରେ ଦ୍ୱିରୁକ୍ତି ନାହିଁ। ଏକ ମତରେ ସଭା ସ୍ଥାପନ ପ୍ରସ୍ତାବ ଧାର୍ଯ୍ୟ ହୁଅନ୍ତେ ତହିଁ ନିମନ୍ତେ ମାସିକ ଚେନ୍ଦା ଏବଂ ଏକକାଳୀନ ଦାନଦ୍ୱାରା ଗୋଟିଏ ପାଣ୍ଠି କରିବାର ସ୍ଥିର ହେଲା ଏବଂ ମାସିକ ଟ ୩୧୨ଙ୍କା ଚେନ୍ଦା ସ୍ୱାକ୍ଷରିତ ହେଲା। ସର୍ବୋଚ୍ଚ ମାସିକ ଚେନ୍ଦା ଟ ୩୨ ଙ୍କା ସ୍ୱୟଂ ଗୃହନାଥ ସ୍ୱୟଂ ବାହାଦୂର ସ୍ୱାକ୍ଷର କଲେ ଏବଂ ସର୍ବ ନିମ୍ନ ଚେନ୍ଦା ଟ ୦/ ମଧ୍ୟ ଗୃହୀତ ହୋଇଅଛି। କାର୍ଯ୍ୟ ନିର୍ବାହ ନିମନ୍ତେ ପ୍ରାୟ ୨୦ ଜଣ ସଭ୍ୟଙ୍କର ଗୋଟିଏ କମିଟି ଗଠିତ ହେଲା ଏବଂ ବାବୁ ଗୌରୀଶଙ୍କର ରାୟ ସଭାପତି, ବାବୁ କମଳଚରଣ ମିତ୍ର କୋଷାଧ୍ୟକ୍ଷ, ବାବୁ ବୈକୁଣ୍ଠନାଥ ଦତ୍ତ, ବାବୁ ଅକ୍ଷୟକୁମାର ଘୋଷ ଯୁଗ୍ମ ସମ୍ପାଦକ ନିଯୁକ୍ତ ହେଲେ। ପ୍ରତି ମାସରେ ଏକ ଥର ସାଧାରଣ ଅଧିବେଶନ ହେବ ଏବଂ କାର୍ଯ୍ୟ ନିର୍ବାହର ନିୟମାବଳୀ କ୍ରମେ ପ୍ରସ୍ତୁତ ହେବ। ସଭା ସ୍ଥାପନ ବିଷୟରେ ସେଦିନ ସଭ୍ୟମାନଙ୍କର ଯେପରି ଉତ୍ସାହ ଦେଖାଗଲା ତାହା ଯେବେ ଶୀଘ୍ର ନ ଲୁପ ହେବେ ଆଶା ହେଉଅଛି ଯେ ଏ ସଭାଦ୍ୱାରା ଅନେକ ଉପକାର ହେବ। ଏଥି ପୂର୍ବେ ଏ ନଗରରେ କାୟସ୍ଥ ସମ୍ମିଳନୀ ନାମରେ ଗୋଟିଏ ସଭା ହୋଇ କେତେକଦିନ ତହିଁର କାର୍ଯ୍ୟ ସୁନ୍ଦରରୂପେ ଚାଲିଥିଲା। ମାତ୍ର ତାହା ବହୁତଦିନ ରହି ପାରିଲା ନାହିଁ କେତେକ ଲୋକ ସନ୍ଦେହ କରୁଅଛନ୍ତି ଯେ ଏଥର ସେହି ଅବସ୍ଥା ଘଟି ପାରେ। ମାତ୍ର ଯେ ସ୍ଥଳେ ସଭାର ଅଭାବ ଅନେକଲୋକ ହୃଦୟଙ୍ଗମ କରୁଅଛନ୍ତି ଏବଂ କେତେକଜଣଙ୍କର ବିଶେଷ ଚେଷ୍ଟାରେ ଏହା ହୋଇଅଛି ସେତେବେଳେ ସଫଳତାର ଆଶା ଅଧିକ ହେଉଅଛି। ଏ ପ୍ରଦେଶର କାୟସ୍ଥମାନଙ୍କ ମଧ୍ୟରେ ଶିକ୍ଷିତ ଲୋକର ସଂଖ୍ୟା ଅଧିକ ହେବ। ଯେବେ ସେମାନେ ନିଜର ଉନ୍ନତି ନିମନ୍ତେ ଗୋଟିଏ ସମାଜ ରକ୍ଷି ନ ପାରିବେ ତେବେ ବଡ଼ ଲଜ୍ଜାର କଥା ହେବ। ଶିକ୍ଷିତ ଲୋକମାନେ ଯେବେ ସ୍ୱାର୍ଥରେ ନିଜମାନଙ୍କର ହିତ ଚେଷ୍ଟାରେ ଅବହେଳା କରିବେ ତେବେ ସେମାନଙ୍କଦ୍ୱାରା ଅନ୍ୟ କାହାରି ଉପକାର ହୋଇ ପାରିବ ନାହିଁ ସୁତରାଂ ସେ ଶିକ୍ଷା ବୃଥା ବୋଲିବାକୁ ହେବ। ସମାଜର ଇଚ୍ଛା ଯେ ଏଠାରେ ଯେମନ୍ତ ଗୋଟିଏ ସଭା ସ୍ଥାପିତ ହେଲା ସେହିପରି ଓଡ଼ିଶାର ପ୍ରତି ଜିଲ୍ଲା ଏବଂ ସବଡିଭିଜନରେ ଗୋଟିଏ ଲେଖାଏଁ ସମାଜ ବା ଶାଖା ସମାଜ ସ୍ଥାପିତ ହେବ ଏବଂ ପରସ୍ପର ମଧ୍ୟରେ ଏମନ୍ତ ସଂଯୋଗ ରହିବ ଯେ ସମସ୍ତେ ଏକ ପରାମର୍ଶରେ ଚଳି ପାରିବେ ଅର୍ଥାତ୍ ଅଧିକାଂଶଙ୍କ ମତରେ ଯାହା କର୍ତ୍ତବ୍ୟ ବୋଲି ଅବଧାରିତ ସମସ୍ତେ ତାହା ପ୍ରତିପାଳନ କରିବେ। ଅ କ୍ରମେ କାର୍ଯ୍ୟଦ୍ୱାରା ସେ ସବୁ ପ୍ରକାଶ ପାଇବ। ବର୍ତ୍ତମାନ୍ ଆମ୍ଭେମାନେ ଏକାନ୍ତ ପ୍ରାର୍ଥନା କରୁଁ ଯେ ଏହି ସଭାଟି ସ୍ଥାୟୀ ହେଉ।

---

## ସପ୍ତାହିକ ସମ୍ବାଦ।

### କଲିକତା-ଗେଜେଟ।

ଅଟିଷ୍ଟାଣ୍ଟମାଜିଷ୍ଟ୍ରେଟ ପ୍ରଭୃତିଙ୍କର ଶାସ୍ତ୍ରବିଦ ବିଷୟର ପରୀକ୍ଷାର ଫଳ ପ୍ରକାଶ ହୋଇଅଛି।

ଓଡ଼ିଶାର ବାବୁ ବେଣୀମାଧବ ମହାନ୍ତି ବାବୁ ଦେବେନ୍ଦ୍ରକୁମାର ମିତ୍ର, ବାବୁ ସୁରେନ୍ଦ୍ର ସେନ, ବାବୁ [illegible] ମହାନ୍ତି, ବାବୁ କୃଷ୍ଣଚନ୍ଦ୍ର ଦେ, ବାବୁ [illegible] ଗୋବିନ୍ଦ ଦାସ ଓ ମି, ଟେ, ଲ ପ୍ରେଣ୍ଟ ପାଲିସ ଓଡ଼ିଆ [illegible] ଉତ୍ତୀର୍ଣ୍ଣ ହୋଇଅଛନ୍ତି।

ଶାଳପୁର ସ୍ୱାଧୀନ କେନ୍ଦ୍ର ଅଭିବଣଜ [illegible] କଳକଣ୍ଠୋଇ ଦାସ ଏକାଙ୍କ [illegible] ଗଭିବଲଙ୍କଦ୍ୱାରା ପ୍ରଦତ୍ତ ମୋକ[illegible] କ୍ଷମତା ପ୍ରାପ୍ତ ହେଲେ।

---

ଏ ନଗରର ପ୍ରଣୀହାଟରେ [illegible] ମାଠ ମୁଖରୁ ବାହାରେ ସେପରି କେତେ [illegible] ଏକା ଅପରାଧରେ ସେମାନେ ଦୌରା [illegible] ହୋଇଅଛନ୍ତି ସେମାନଙ୍କ ମଧ୍ୟରୁ ଦୁଇଜଣ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ପାଇଅଛନ୍ତି।

ଅସ୍ମାଞ୍ଜରର କଲେକ୍ଟର ସାହେବ ୦ଟ ବାର [illegible] ଘୁଷ ଲବ ସସ୍ଥରେ ଗାଧଉଛନ୍ତି।

ଜଣେ ସ୍ତ୍ରୀଲୋକ ତାହାର ସ୍ୱାମୀର ଗୋଟିଏ ପୁତ୍ରବଧୂର ପୁଅକୁ ପାଟିରେ ଗୁଡ଼ାଇ ମାରି ପକାଇଦେବା ଅପରାଧରେ ଦୌରାସୋପର୍ଦ୍ଦ ହୋଇଥିଲା। ଗତ ଦୌରାରେ ତାହା ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ହୋଇଅଛି।

ଏ ସପ୍ତାହରେ ପ୍ରଚୁର ବୃଷ୍ଟି ହୋଇଅଛି ଏବଂ [illegible] ଅବାଧ ମେଘାଚ୍ଛନ୍ନ ଓ ବର୍ଷାକାଳୋଚିତ ଶୀତଳ ବେଳ[illegible] ଅଧିକ ପ୍ରଚୁର ବୃଷ୍ଟି ହେବାର ସମ୍ଭାବନା ଅଛି।

ଏଠା ଭଦ୍ରମାନଙ୍କରେ ଗତ ସୁପ୍ରିମକୋଟରୁ [illegible] ପଡ଼ୁଅଛି।

ଗ୍ରହଣାର୍ଥୀ ଉପଲକ୍ଷ ପୁରୀଠାରୁ କଟକ ଖାଲି [illegible] ଅଛନ୍ତି ଏମନ୍ତ କି ସେମାନଙ୍କ ରହିବା ସ୍ଥାନରେ ସ୍ଥାନ ନାହିଁ। ସେମାନେ ଯଥାସାଧ୍ୟ ପରେ ବାହୁମାନଙ୍କ ଭଳି ପରେ ଉପାର୍ଜନ କରୁଅଛନ୍ତି। ସୁତରାଂ ଓଡ଼ିଆଠାରେ ମଧ୍ୟ ଉପସ୍ଥିତ ହୋଇଅଛି।

ଲଣ୍ଡନରେ ଗୋଟିଏ ସ୍ତ୍ରୀର ଅନ୍ତଃରେ ବଡ଼ ହୋଇଥିଲା ସେ ତାହାର ଉଚ୍ଚ ପ ୧୮୭ ଇଞ୍ଚ ଓ ମୋଟ ପ ୬୮ ଇଞ୍ଚ ହେଠା ସେତେବେଳେ ବଡ଼ ଏପରି ବୃହତ୍ ବସ୍ତ [illegible] ଦେଖି ନ ଥିବ।

Digitized by srujanika@gmail.com

Split by PDF Splitter



ପଞ୍ଜୁଜ୍ୱାଃଥାଇ ନାମକ ଏକ ସ୍ଥାନରେ ଦୁଇ ମସ୍ତକ ଓ ଗୃହ ହସ୍ତ ବଶିଷ୍ଟ ପିଣ୍ଡିଏ ଜନ୍ମ ହୋଇଥିଲା ମାତ୍ର ଘଣ୍ଟାକ ଭିତରେ ମରିଗଲା ।

ଯାପାନ ସେଞ୍ଚ ଋଣ କରିବାର ପ୍ରସ୍ତାବ କରିଥିଲେ ଭଣ୍ଡିରୁ ବଜାରରେ କେବଳ ଶତକରା ୧୨ ପାଉଣ୍ଡ ଋଣ ଦେବାର ପ୍ରସ୍ତାବ ମିଳିଅଛି । ଅବଶିଷ୍ଟ ମୂଦ୍ରା ଋଣଦାତାମାନଙ୍କ ଅଧିକ ଦାମରେ ଦେବାର ପ୍ରସ୍ତାବ କରିଅଛନ୍ତି ।

ସୁଦାନ କ୍ଷେତ୍ରରେ ବଗତ ଯୁଦ୍ଧସମୟରେ ଲେର୍ଡ କିଚ୍‌ନର ଏବଂ ସିଅରଦେଖା କାର୍ଯ୍ୟ କରିଥିଲେ ବଲତ ପାର୍ଲିମେଣ୍ଟ ତାଙ୍କ କାର୍ଯ୍ୟକଳିତ୍ ସେମାନଙ୍କୁ ଧନ୍ୟବାଦ ଦେଉଅଛନ୍ତି । ଏମାନେ ଧନ୍ୟବାଦ ପାଇବାର ପ୍ରକୃତ ଉପଯୁକ୍ତ ପାତ୍ର । ଲର୍ଡ କିଚ୍‌ନର ସ୍ୱାର୍ଲିଙ୍ଗ ୩୦୦୦୦ ପାଉଣ୍ଡ ପୁରସ୍କାର ଦେବାର ଯାହା ପାର୍ଲିଆମେଣ୍ଟର କମନ୍‌ସଭ୍ୟ ହିଲେ ପ୍ରସ୍ତାବ ହୋଇଥିଲା ଲର୍ଡମାନେ ତାହା ମଞ୍ଜୁର କରୁଅଛନ୍ତି ।

ମଲସ୍ଥଳି ବୃଷ୍ଟି ଆରମ୍ଭ ହେବା ସଙ୍ଗେ ଦାକ୍ଷିଣାତ୍ୟରେ ଛାଜାମଙ୍କ ରେଲଷ୍ଟେସନରେ ଗୋଟିଏ ଦୁର୍ଘଟନା ଘଟିଥିବାର ସମ୍ବାଦ ମିଳଇ ଷ୍ଟିକଲଗାବାଦଠାରୁ ମାଂଶଲ ତୁଭଦ୍ରୀ ଭଗଠର ଜକଷ୍ଟ ଗୋଟିଏ ପୋଲ ବୃଷ୍ଟିଜଲରେ ... ଯିଲଯ ଏକ ମାଲ ରେଲଗାଡ଼ି ସେଠାରେ ପହଞ୍ଚି ... ଟେବଲରେ ଉନ୍ମତ୍ତ ଜଲଗର୍ଭରେ ପତିତ ହେଲା । ... ଇଂଜନ ଗାଡ୍ରମ୍ୟନ, ଜ ୨ ଣ ଗାର୍ଡ ଏବଂ ଜଣେ ... ମଲ ବ ମନ ପଡ଼ୁଅଛନ୍ତି ।

... ପୋଷ୍ଟଅଫିସର ଜଣେ ପିଅନ ଡାକମଧ୍ୟରୁ ... ୨୦୦ ଟଙ୍କାର ନୋଟ ... ନେଇଥିବା ... ଉପଲକ୍ଷରେ ପୌଜଦାରୀ ... ଅଭିଯୁକ୍ତ ହେବାର ସମ୍ବାଦ ମିଳଇ । ପିଅନ ଡାକରୁ ଏମନ୍ତ ସଜରେ ନୋଟଗୁଡ଼ିକ ବାହାର କରି ନେଇଥିଲା ଯେ ଡାକ ଖୋଲିବାପୂର୍ବେ ତାହା କେହି ଜାଣିପାରି ନାହିଁ । ନୋଟଗୁଡ଼ିକ ନେଇ ପିଅନ ଦନ୍ତସ୍ୱ କରିଥିଲା ଏବଂ କେତେ ତାହା ଭଙ୍ଗାଇବାକୁ ଯିବା ସମୟରେ ତାହାକୁ ଧରିବାରୁ ସରକାରୀକ ପିଅନ ଗିରଫ୍ତାର ହେଲା ।

ମାଲନ ଗ୍ରିଫିଥ ନାମକ ଜଣେ ଇଂରେଜ ପ୍ରାକୃତିକ ସ୍ଥାପନକୁ ଦେଡ଼ହାତ ଅଧିକ କରିଥିଲା ତାହାର ମୃତ୍ୟୁବର୍ଷ ଶତବର୍ଷ ହୋଇଥିବାର ସମ୍ବାଦ ମିଳଇ ।

ବମ୍ବଇ ହାଇକୋର୍ଟ ବଶ୍ୟବସ୍ଥାରେ ପୁଣା ଫର୍ଗୁସନ କଲେଜର ମିଃ ପରାଞ୍ଜପେ ନାମଧେୟ ଜଣେ ହିନ୍ଦୁ ଗ୍ରାଜୁଏଟ ପରୀକ୍ଷାରେ ସର୍ବପ୍ରଥମ ହୋଇଥିବାର ସମ୍ବାଦ ମିଳଇ । ଏ ଜଣେ ମରହଟ୍ଟା ଅଟନ୍ତି । ମରହଟ୍ଟା ଜାତିରେ ଉଚ୍ଚ ଗଣିତ ଶିକ୍ଷାରେ ପ୍ରଥମସ୍ଥାନ ପାଇବାର ଦେଖି ଭାରତର ଅନ୍ୟାନ୍ୟ ଜାତିମାନେ ମଧ୍ୟ ଉନ୍ନତି ସଗୌରବ ଲାଭ କରିବେ ।

## ଯାଜପୁର—ସମ୍ବାଦ ।

ଏଠାରେ ଯଥିଷ୍ଟ ଏତେଦୂର ବୃଷ୍ଟି ହୋଇଅଛି ଯେ ... ଯାଜୀ ପ୍ରତ୍ୟହ ଯାତାୟାତ ... ଚଳୁଅଛନ୍ତି । ... ସ୍ଫୀତ ହୋଇ ବୃଷ୍ଟି କପାଳରୁ ନ ପାରି ଅନାବୃତ ... ଓ ବୃକ୍ଷମୂଳରେ ବର୍ଷିଜଲରେ ଭଜ ...

କାଳକାଳ ନେଇ ଯାତ୍ରିମାନେ ଅତି କଷ୍ଟ ଭୋଗ କରୁଥିବାର ଦେଖି ଅସ୍ମାମାନଙ୍କର ସବ୍‌ଡିବିଜନ ଅଫିସର ଶ୍ରୀଯୁକ୍ତ କୃଷ୍ଣହରି ଦାଶ ଓ ହେଲଥ ଅଫିସର ଶ୍ରୀ ବାବୁ କ୍ଷେତ୍ରମୋହନ ଦାସ ଡାକ୍ତର ମହାଶୟମାନେ ବସା ପାଉ ନ ଥିବା ଯାତ୍ରିମାନଙ୍କୁ ସତ୍ରାବର୍ତ୍ତ ମଠ ଶ୍ରୀ ଜଗନ୍ନାଥମନ୍ଦିର ବେଢ଼ା ମଧ୍ୟସ୍ଥିତ ଘର ଓ ଅନ୍ୟାନ୍ୟ ସେହିଠାରେ ଥାଇବାର ସ୍ଥିର ସେଠାରେ ସେମାନଙ୍କ ବଜାଇଦ୍ବାରେ ରଖାଇ ଦେଇ ଦବେଣୀ ଅସହାୟ ଯାତ୍ରିମାନଙ୍କର ଯେ କେତେଦୂର ଉପକାର ସାଧନ କରିଗଲେ ତାହା ବର୍ଣ୍ଣନାତୀତ ସେଥିନିମନ୍ତେ ଉକ୍ତ ଦୁଇଜଣ ସର୍ବସାଧାରଣଙ୍କ ବିଶେଷତଃ ଉକ୍ତ ଦେଶୀ ଯାତ୍ରିମାନଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି ।

ଗତ ସୋମବାର ଦିବସ ସ ୧୨ ଘଣ୍ଟା ସମୟରେ ଏଠା ସତ୍ରାବର୍ତ୍ତ ମଠର ଦେବାଳୟରେ ଗ୍ରିଲ୍ୟଳରେ ୭ ବର୍ଷ ସର ପୋଡ଼ି ଯାଇଅଛି । ଶେଷଦିନରେ ମେଘ ବର୍ଷା ହୋଇଥିବାରୁ ଉପରର ଛଣ ଓଦାଥିବା ସେଥିରେ ଗୋଟି ଅଗ୍ନି ଲାଗି ନେଇ ପ୍ରଥମ ହୋଇ ପାରିଲା ନାହିଁ ରାତିରେ ପୁଣି ବର୍ଷିଲେ ବଜାରମଧ୍ୟରେ ଏପରି ଘଟଣା ହେବାରୁ ଅନେକ ଲୋକ ଜମା ହୋଇଯାଇ ଅଗ୍ନି ନିର୍ବାଣ କରି ପକାଇବାରୁ ରକ୍ଷା ହୋଇଗଲା ।

କେନ୍ଦ୍ରାପଡ଼ାର ଶ୍ରୀ ବାବୁ ଲକ୍ଷ୍ମୀକାନ୍ତ ଦାସ ଜଗଦେବ ଜମିଦାରଙ୍କର ଖଡ଼ଗପୁର ବଢ଼େଗ୍ରାମ ଜମାଦାର କୌଣସି ହିତ ଭକ୍ତ ମଲକାର ପ୍ରଜା ଜଗନ୍ନାଥପାତ୍ରଠାରୁ ନଜରାନା ଟଙ୍କା ଆଦାୟ କରିବା କାରଣ ପାଣପାଣ ତାହାର ଜାତି ଧ୍ୱଂସ କରିଥିବାରୁ ସେ ଓ ପାଣ ଦୁଇଜଣ ପୌଜଦାରୀ ଅଦାଲତରୁ ଦଣ୍ଡ ପ୍ରାପ୍ତ ହୋଇଥିଲେ ମାତ୍ର ଏପରି ଅତ୍ୟାଚାରୀ ପ୍ରଜାପୀଡ଼କ ଜମାଦାରକୁ ପଦଚ୍ୟୁତ କରି ତାହା ସ୍ଥାନରେ ଅପର ଏକ ବ୍ୟକ୍ତିକି ନିଯୁକ୍ତ କରିବା କାରଣ ଘନୁବଗ୍ର କରିଥିଲୁଁ । ଅନନ୍ତର ଆହ୍ଲାଦ ପ୍ରକାଶ କରୁଅଛୁଁ ଯେ ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ବାବୁ ଖଡ଼ଗପୁର ବଢ଼େଗ୍ରାମରୁ ଅନ୍ୟ କୌଣସି ଜମାଦାରଙ୍କ ଗଡ଼ନାଗ୍ରର ବଶମ୍ବ ପ୍ରଜାମାନଙ୍କଠାରୁ ଅବଗତ ହୋଇ ତାକୁ ପଦଚ୍ୟୁତ ଓ ଜାତି ଧ୍ୱଂସ ହୋଇଥିବା ପ୍ରଜାକୁ ଜଗନ୍ନାଥରେ ସମାଜକୁ ଉଦ୍ଧାର କରିବାର ଯାବତୀୟ ପ୍ରଦାନ କରିଅଛନ୍ତି ।

## ପୁରୀ-ସମ୍ବାଦ ।

ଏ ବର୍ଷ ରଥଯାତ୍ରା ଅତ୍ୟ ଅଳ୍ପ ଲୋକ ଜନ ସମାଗମ ହେବା ସମୟେ ହଠାତ୍ ପ୍ରବଳ ପବନ ସଙ୍ଗେ ବୃଷ୍ଟି ଆରମ୍ଭ ହେବାରୁ ତର୍କିବାବ ଅତ୍ୟନ୍ତ କଷ୍ଟ ଭୋଗ କରିଥିଲେ ମାତ୍ର ବୈଶାଖ ପବନ ଜୋରରେ ସ୍ତମ୍ଭ ଆଦି ଭୂତ ଧ୍ୱଂସ ହୋଇଥିଲା । ଉପରେ ଅବଶିଷ୍ଟ ଦଂଶ ବନ୍ଦୋବସ୍ତ ନାହିଁ ଉର୍ଦ୍ଧ୍ୱରେ ସମ୍ପାଦ୍ୟ ହୋଇଅଛି । ପ୍ରସିଂସିତ ମେନେଜର ସାହେବଙ୍କ ସୁବନ୍ଦୋବସ୍ତ ଯୋଗେ ଯାତ୍ରାମାନ ସୁଚାରୁରୂପେ ନିର୍ବାହ ହୋଇଅଛି ଆଗାମୀକୁ ସମ୍ପୂର୍ଣ୍ଣ ପୂର୍ବ ନିୟମାନୁଯାୟୀ ଚଳିବା ବାଞ୍ଛନୀୟ

ବଡ଼ ଦୁଃଖର ବିଷୟ ଯେ ଅନେକ ଛଡ଼ାଶୀ ମଠଧାରୀମାନେ ପୂର୍ବବତ ଶ୍ରୀଜୀଙ୍କ ସେବାରେ ଯୋଗ ଦାହାଙ୍କ ସହିତ ଉପସ୍ଥିତ ରହିବା ବର୍ତ୍ତମାନ ପ୍ରାୟ ଦେଖା ଯାଉ ନାହିଁ ।

ବଙ୍ଗ ଦେଶୀୟ ପ୍ରଧାନ ମହାତ୍ମା ବିଜୟକୃଷ୍ଣ ଗୋସ୍ୱାମୀ ପୁରୁଷୋତ୍ତମ କ୍ଷେତ୍ରରେ ଗତ ତା ୪ ଦିନ ରବିବାର ଜଳ ପୀଡ଼ା ଏକାଦଶୀ ଦିନ ସ୍ତ୍ରୀଶିଳା ପଦାବର୍ତ୍ତରେ ନିଜସ୍ୱ ବାସ ପାର୍ଶ୍ୱସ୍ଥ ଅଶ୍ୱତ୍ଥ ପଦ୍ମାସନ କରି ଅମରଧାମଗାମୀ ହେଲେ । କେବଳ ସ୍ୱର୍ଗଦ୍ୱାର ପଦାବର୍ତ୍ତରେ ନରେନ୍ଦ୍ର ପୁଷ୍କରିଣୀର ଉତ୍ତର ପାର୍ଶ୍ୱ ଖଳରି ସାହି ପାଇଖାନା ସମୀପରେ ପରନାଳ ମୃତଦେହ ସମାଧି ଓ ମହନ୍ତର ଶେଷକୃତ୍ୟ ସମସ୍ତ ବ୍ରାହ୍ମଣମାନଙ୍କର ମହାପ୍ରସାଦ ସେବାର ଖରଚ ଏ ଦେଶ ପ୍ରଥାର ବିପରୀତ ଦେଖାଗଲା ।

ଓଲାଉଠା ଆରମ୍ଭ ହୋଇଅଛି । ଯାତ୍ରିକ ହେଲେ ଜଣାଏ ଉକ୍ତ ରୋଗରେ ମୃତ ହୋଇଯାଇଛନ୍ତି ।

ବଙ୍ଗାଳି ସାଢ଼ୀ ପ୍ରତ୍ୟେ ପ୍ରାୟ ଟ ୨୦ ଟଙ୍କା ହୋଇଅଛି । ବୃଦ୍ଧି ହେବାର ବିଶେଷ ସମ୍ଭବ । ଲଢ଼ାପର ଓ ଦୁର୍ଭାଗ୍ୟର ବିଶେଷ ଆଶା ହୋଇଅଛି ।

କଟକ ପ୍ରଚଳିତ " ଉତ୍କଳ କେଶରୀ ପ୍ରସଙ୍ଗ " ପତ୍ରିକା ଏଠାରେ ପହଞ୍ଚ ପ୍ରଥମ ଖଣ୍ଡ ସ୍ୱଗଳ୍ପକଭକ୍ତି ୨ ସ୍ୱ ପତ୍ର ପ୍ରମୋଦରଞ୍ଜନ, ୩ୟ ବନ ଜନ୍ମାଷ୍ଟମୀ ତା ୧୯ ଭିତରେ ପ୍ରସ୍ତଥମିଳନ ଘରନସ୍ୱାର୍ଥ ସ୍ୱର୍ଗବାସିଙ୍କର ବିଶେଷ ପ୍ରଂଶସାର ହୋଇଗଲେ । ସ୍ଥାନ ଅବିଚ୍ଛେଦରେ ବରୁଣ ଓ ହାସ୍ୟରସାତର ପ୍ରକ୍ଷୋଭ ବର୍ଣ୍ଣନେ କାନ୍ତି ମାନେ ମୋହିତ ଓ ହାସ୍ୟ, ଶେଷ ସମ୍ବାଦ ଭକ୍ତି ପାରି ନ ଥିଲେ ।

ଏ ଦେଶରେ ଲେଟଳ୍ପ କାହାଦ୍ଦାରା ଶୁଭାଗମନ ହେବା ସମୟେ ଜୈନବାସ ଖାନ୍ଦ୍ର ନଷ୍ଟରେ ଦେଶବାସୀମାନେ ଆପତ୍ତି କରିଥିଲେ । ପୁଣି ଉଷ୍ଣରେ ଏପର୍ଯ୍ୟନ୍ତ ଶେଷର ଉଚିତ ହୋଇ ନ ଥିଲା । ବର୍ତ୍ତମାନ ଶ୍ରୀଯୁତ ବାବୁ ଷଷ୍ଠିଭୂଷଣ ବର ଡଃ ମାଃ ମହୋଦୟ ମଫସଲ ଭୂମି ପଣ୍ଡାଏତ ସ୍ଥିରକରି ... ବାର ଦେଖିବାରୁ ଅଧିକ ବିଷଦ ହେବା ସେମାନଙ୍କ ଦୁର୍ଭାଗ୍ୟ ହେଲା । ଏପର୍ଯ୍ୟନ୍ତ ଓଡ଼ିଶାଉତ୍କଳସ୍ଥ ପ୍ରଜାମାନେ ଅନ୍ୟ ଦେଶୀୟ ପ୍ରଜାଙ୍କ ପରି ଉନ୍ନତ ପଥ ବରି ନ ଥିବାରୁ ଅଣ୍ଡ ରହିବାର ଅଧିକ ଗ୍ରହଣ ରଖିବାର ଭରସା କରିଥିଲେ ଓଡ଼ିଶା ଦେଶର ଦୁର୍ଭାଗ୍ୟବଶତଃ ଏହି ଗୁହାରିରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ଦୃଷ୍ଟି ପାତ ହେଲା ନାହିଁ ।

ପୁରୀ ଜଗ ସ୍କୁଲ ଗତ ତା ୧୯ ରିଖଠାରୁ ଗ୍ରୀଷ୍ମବକାଶ ପରେ ଖୋଲିଅଛି । ଏ ବର୍ଷ ଉକ୍ତ ସ୍କୁଲରୁ ଏଣ୍ଟ୍ରାନ୍ସ ପରୀକ୍ଷାରେ ୪ ଣ ଜନ ଉତ୍ତୀର୍ଣ୍ଣ ହେବା ସୁଖର ବିଷୟ

ଅଠଗଡ଼ ରାଜା ମହୋଦୟ ପ୍ରାୟ ଏକ ମାସ ହେଲା ଏଠାରେ ଅବସ୍ଥାନ କରିଅଛନ୍ତି । ଶୁଣାଯାଏ ଅଳ୍ପ ଦିନମଧ୍ୟରେ ତୀର୍ଥଯାତ୍ରା ଉପଲକ୍ଷରେ ଏଠାରୁ ଗମନ କରିବେ ।

ଆମ୍ବ ପ୍ରଚୁର ମିଳୁଅଛି । ବହୁ ମୂଲ୍ୟ ତଥାପି କେହି ହେବାରୁ ତାହା କେବଳ ସମାନ ଯାତ୍ରିମାନେ ଗଣିକି ବହୁ ... ଇତି ।

Digitized by srujanika@gmail.com

Split by PDF Splitter



## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ଉଦାରଚରିତେଷୁ

ମହାଶୟ !

ଅଧୀନର ନିମ୍ନ ପ୍ରକଟିତ କେତୋଟି ପ୍ରଶ୍ନ ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନ ପ୍ରଦାନ କରି କହିବେ ଉତ୍ତର ପ୍ରଦାନ କରାଇ ଏ ଅଭାଜନର ଆଶା ସଫଳ କରାଇବା ହେଉନ୍ତୁ ଃ—

୧। କୌଣସି ତୈଳତାମ୍ବୁଲ ଓ ଲବଣ ବ୍ୟବସାୟୀ ତରଣ ଭିତର ସମ୍ପୃକ୍ତ ଗୋଲକ ପ୍ରଭୃତି ତାହାର ଜାତୀୟ ଧର୍ମିକଲାପୀ ସେହି ବ୍ୟବସାୟ କରିବା ଉଚିତ କି ନା ?

୨। ଯଦ୍ୟପି ସେହିପରି କୌଣସି ଦୋଷ ଥାଏ ସେହିପରି ବ୍ୟବସାୟ କରୁଥିବା ଗୋଲକମାନେ କହିଁ ପ୍ରକାରରେ କି କର୍ମ କରିବା କର୍ତ୍ତବ୍ୟ ?

୩। କୌଣସି ଦୋଷ ନ ଥିଲେ ସେମାନଙ୍କୁ ଯେଉଁମାନେ କୌଣସି ଅଭିମାନ କରନ୍ତି ଯଦ୍ୟପି ପତିତ କରିବା ଅଭିପ୍ରାୟରେ ସେମାନଙ୍କର ପଞ୍ଚଜନ ଅର୍ଥାତ୍ ଗୋପାଳ, ବାରିକ, ଧୋବା ପ୍ରଭୃତିଙ୍କୁ ବନ୍ଦ କରନ୍ତି ସେମାନେ ସରକାର ବାହାଦୂରଙ୍କ ଦଣ୍ଡବିଧି ଆଇନାନୁସାରେ ଦଣ୍ଡନୀୟ ହୋଇ ପାରନ୍ତି କି ନା ? ଯଦ୍ୟପି ଦଣ୍ଡନୀୟ ହୋଇ ପାରନ୍ତି ତେବେ କେଉଁ ଦଣ୍ଡର ଉପଯୁକ୍ତ ?

ନ୍ୟାୟଶାସ୍ତ୍ରଜ୍ଞ ପଣ୍ଡିତମାନେ ଏହିର ଉତ୍ତର ଦେଇ ବାଧିତ କରିବେ । ଇତି।

ଘାଲଗାଁ
ତା ୧୭।୬।୯୫

ଆପଣଙ୍କର ଏକାନ୍ତ ସ୍ନେହର ଓ ଏକାନ୍ତ ବଶମ୍ବଦ
ଶ୍ରୀ ଚୌଃ ପଙ୍କଜଚରଣ
କାନୁନଗୋ ଜମିଦାର


## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

ବ୍ୟାକରଣ ପ୍ରବେଶ ବସୁ ଶ୍ରୀ ସ୍ୱର୍ଣ୍ଣନାଥ ଗୁପ୍ତ ବାହାଦୂର ପ୍ରଣୀତ ମୂଲ୍ୟ ଟ ॰।୵ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି।

ଆଶ୍ଚର୍ଯ୍ୟ ! ଆଶ୍ଚର୍ଯ୍ୟ !! ଆଶ୍ଚର୍ଯ୍ୟ !!!

ଏହି ଆଶ୍ଚର୍ଯ୍ୟବୋଧାତ୍ମକ ପୁସ୍ତକ ବିକ୍ରୟାର୍ଥେ ପ୍ରସ୍ତୁତ, ଅବାଲବୃଦ୍ଧମାନଙ୍କର ଉଚିତ, ଥରେ ମାତ୍ର ପଢ଼ିଲେ ବୁଝିବ ତାହାର ଅର୍ଥ, ଆଉ ଅଧିକ ଲେଖିବା ନୁହେ ଉଚିତ ।

ଆଶ୍ଚର୍ଯ୍ୟବୋଧାତ୍ମକ ୧ ଖଣ୍ଡର ମୂଲ୍ୟ ଟ ॰ /୬

## ବିଜ୍ଞାପନ।

# ଅଧ୍ୟାତ୍ମ ରାମାୟଣ।

ମୂଳ ସଂସ୍କୃତ ଗ୍ରନ୍ଥରୁ ଚୂଡ଼ାମଣି ଦାସ୍ ପଟ୍ଟନାୟକଙ୍କଦ୍ୱାରା ଅନୁବାଦିତ ଅଧ୍ୟାତ୍ମ ରାମାୟଣ ଏତେଦିନେ ମୁଦ୍ରିତ ହେଲା । ଏହି ମହତ୍ ଗ୍ରନ୍ଥ ଯେ ପ୍ରତ୍ୟେକ ହିନ୍ଦୁର ନିତ୍ୟ ପାଠ୍ୟ ତାହା କହିବା ବାହୁଲ୍ୟ ମାତ୍ର ଏହାର ମୂଲ୍ୟ ଦୁଇ ଟ ୨୮ ପା ଅଟେ । କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ, ବାଲୁବଜାରସ୍ଥ ଶ୍ରୀ ମଧୁସୂଦନ ଦତ୍ତଙ୍କ ପୁସ୍ତକ ଦୋକାନରେ ଓ ମୂଲ ବୁକ୍ ଏଜେଣ୍ଟ ଶ୍ରୀ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଓ ଅମ୍ଭଠାରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ଚଳନ୍ତା ଗଞ୍ଜ ବହି ମୂଲ୍ୟ ଟ ॰।୵ ଗ୍ରାହକମାନଙ୍କର ଏହା ଅବଗତ ଥାଉ ଏହାକୁ ଟଙ୍କା, ସବୁର ମଧ୍ୟ ଡାକ ଖର୍ଚ୍ଚର ଅଗ୍ରିମ ନାହିଁ ଏ ପୁସ୍ତକ ଉପରୋକ୍ତ ସ୍ଥାନମାନଙ୍କରେ ମିଳେ।

ଶ୍ରୀ ବର୍ଦ୍ଧନାରାୟଣ ଦାସ
। ଡ । ନୂଆଗଡ଼ ଗବର୍ଣ୍ଣମେଣ୍ଟ
ଏଜେଣ୍ଟ

## ବିଜ୍ଞାପନ ।



## ଦେଶୀୟ ଡ୍ରିଲ ।

ଅର୍ଥାତ୍ ଭାରତବର୍ଷ ଦେଶୀ କସରତ ଶିକ୍ଷା ମୂଲ୍ୟ ଏକଗୁଣ ଓ ଉଚ୍ଚାଙ୍ଗ ବ୍ୟାୟାମ । ମୂଲ୍ୟ ଦୁଇଅଣା । ଶ୍ରୀ ଭଗବାନଚନ୍ଦ୍ର ସିଂହ ପ୍ରଣୀତ ।

ସତ୍ୱସ୍ତ । ସ୍କୁଲ ଭୂଗୋଳ ଓଡ଼ିଶା ( ସଂଶୋଧିତ ଓ ପରିବର୍ଦ୍ଧିତ ) ମୂଲ୍ୟ ଟ ॰।୵ ସରଳ ବର୍ଣ୍ଣ ମୂଲ୍ୟ ଟ ॰/ ଦେଶୀୟ ଗଣିତ ଟ ॰ /୧୫ ଘନମାଳା ୨ୟ ଖଣ୍ଡ ମୂଲ୍ୟ ଟ ॰ । ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

୧୦।୬।୯୫
କଟକ କାଠବଜାର
ଜଗନ୍ନାଥବଲ୍ଲଭ ସେଡ଼ } ଶ୍ରୀ ଭଗବାନଚନ୍ଦ୍ର ସିଂହ

## ବନାରସି ମାଲ

ବନାରସ ନଗରସ୍ଥ ଅମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସବୁପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା, ଜମିଦାରମାନଙ୍କୁ ବିଶ୍ୱସ୍ତରୂପରେ ବହୁକାଳ ମାଳ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ସୁଦ୍ଧଗଡ଼, ସତ୍ତେଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଅମ୍ଭର ଖାଣ୍ଟି ବାଣିଜ୍ୟର କଥା ଜଣା ପଡ଼ିବ ।

ଅମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ସାଢ଼ୀ, ଧୋତି, ଦୋପଟି, ଦେଲା, କିଂଖାପ, କାସ୍ମୀ ସର୍ଜୀ ଟୋପଟା ମଖମଲ, ଟିଲରେ କାମବାଲ ଫେଁଥି, ରୁମାଲ, ସାଲ ଏବଂ ନାନା ପ୍ରକାର ... ଅଙ୍ଗୁଷ୍ଟି ପ୍ରଭୃତି ଛିଟ୍ଟି ... ବାସନ, ହାତୀର ହାଉଦା ପ୍ରଭୃତି ବସ୍ତର ଅନୁସାରେ ତିଆରି କରାଇ ଦେଉଁ । ବଜାର ଦରଠାରୁ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କିଣି କରିବାର ଇଚ୍ଛା ଦର ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ବା ଅମ୍ଭେ ସ୍ୱୟଂ ଯାଇ ପାରିବୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଯିବ ତାହା ସ୍ପଷ୍ଟ ଲେଖିବା ଆବଶ୍ୟକ । ଏଠାରେ ଉପେଶ ଭାଷାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫା ଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ରରେ ଅମ୍ଭ ହସ୍ତଗତ ହେବ ।

ଭେଲୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରନ୍ତ ନିଆଯାଏ ।

ଶ୍ରୀ ପାଲୁମାଲ ଗୋଲାବଥ
ଲୁଛାକଟ ଫାଟକ ବନାରସ ସିଟି


Digitized by srujanika@gmail.com

ତିନିଟଙ୍କା। ରାମାୟଣ—ଏଥିରେ ସପ୍ତଶାସ୍ତ୍ରବର୍ଣ୍ଣ ସହିତ ଶ୍ରୀରାମଲକ୍ଷ୍ମଣଙ୍କର ଉତ୍ପତ୍ତି ଯୁଦ୍ଧାଦି ଏବଂ ସପ୍ତଦ୍ଵୀପର ଅଦ୍ଭୁତ ଶକ୍ତି ପ୍ରକାଶ ଓ ଲକ୍ଷଣରେ ସେ ସୀତାଙ୍କଦ୍ୱାରା ବନାଶ ପ୍ରାପ୍ତ ହେବା ବିଷୟ ବାହୁଲ୍ୟରୂପେ ବର୍ଣ୍ଣିତ ହୋଇଅଛି।

ଏ ଗ୍ରନ୍ଥର ମୂଲ୍ୟ ଟ ୩।

ମୋଫସଲ ପାଇଁ ଡାକମାସୁଲ ଟ ०/

## ବିଜ୍ଞାପନ।

### ସୁଲଭ ନୂତନ ପୁସ୍ତକ।

ଏପରି ପୁସ୍ତକ ଓଡ଼ିଆରେ କେବେ ବାହାରି ନାହିଁ।

ସଟୀକ।

ଫୌଜଦାରୀ ମକଦ୍ଦମାର କାର୍ଯ୍ୟ ପ୍ରଣାଳୀ ବିଷୟକ ୧୮୯୮ ସାଲର ୫ ଆଇନ।

ରାଜା ମହାରାଜାଙ୍କ ଠାରୁ ଆରମ୍ଭ କରି ଉକିଲ ହେଡ଼କନେଷ୍ଟବଲ ପର୍ଯ୍ୟନ୍ତ ସମସ୍ତଙ୍କର ଏ ବହି ଲୋଡ଼ା।

ଏଥିରେ ସବୁ ହାଇକୋର୍ଟଙ୍କର ନଜିରମାନ ପୋଲିସ ମ୍ୟାନୁଏଲର ନିୟମମାନ ଓ ଗବର୍ଣ୍ଣମେଣ୍ଟଙ୍କ ସରକ୍ୟୁଲର ପ୍ରଭୃତି ଟୀକାସ୍ୱରୂପ ଓ ଷ୍ଟାମ୍ପ ଆଇନର ଅବଶ୍ୟକୀୟ ଅଂଶମାନ ଓ ଗଡ଼ଜାତ ସମ୍ବନ୍ଧୀୟ ୧୮୭୪ ସାଲର ସମ୍ବନ୍ଧୀୟ ୨୧ ଆଇନ ଦିଆ ଯାଇଅଛି।

ଆଇନ ସଙ୍ଗେ ହାଇକୋର୍ଟଙ୍କ ନଜିର ଓ ପୋଲିସ ମାନୁଏଲର ନିୟମମାନ ଏକତ୍ରରେ ଅଛି। କିନ୍ତୁ ଇଂରାଜୀ ବହିରେ ମଧ୍ୟ ଏପରି ସୁବିଧା କ୍ୱଚିତ୍ ଦେଖାଯାଏ। ପୋଲିସ କର୍ମଚାରୀ ଓକିଲ ମୁକ୍ତାର ଓ ସାଧାରଣ ଲୋକଙ୍କର ଏଥିରେ ବିଶେଷ ସୁବିଧା।

ସରକାରୀ ଛପା ବଙ୍ଗଳା ଆଇନର ମୂଲ୍ୟ ଟ ୧୦/ ଓଡ଼ିଆ ବହିର ମୂଲ୍ୟ ଟ ୩।/ ସ୍ଥଳେ ସଟୀକ ବହିର ମୂଲ୍ୟ ଟ ୩୧ ଙ୍କା ମାତ୍ର ଡାକ ମାସୁଲ ଟ ୦ ୵୨।

ଦର୍ପଣ ପ୍ରେସର ମ୍ୟାନେଜର ପଣ୍ଡିତ ଶ୍ରୀକଣ୍ଠ ଲେଖକର ମିଶ୍ର ପଣ୍ଡିତ ଶ୍ରୀ ସ୍ୱାମୀସୁନ୍ଦର ମୁଖୋପାଧ୍ୟାୟଙ୍କ ନିକଟରେ ଓ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଓ ଅନ୍ୟାନ୍ୟ ପୁସ୍ତକ ଦୋକାନରେ କିଣିବାକୁ ମିଳିବ।

| | | |
|---|---|---|
| କଟକ | } | ଶ୍ରୀ ଗୋପାଳଚନ୍ଦ୍ର ଦାସ |
| ତା ୨୧ ଖ | | ଓଡ଼ିଶାବର୍ତ୍ତମାନଙ୍କ |
| ଅପ୍ରେଲ ୧୮୯୯ | | ଫର୍ଣ୍ଣେଜାଲ ଅଫିସର |

ହୋମିଓପାଥିକ ଔଷଧ ଡ୍ରାମ ଟ ०/୫ ଟ ୦ /୧୦ ପଇସା ଏନ୍ କେ ମଜୁମଦାର ଏଣ୍ଡ କୋଂ ନ ୨୯୭ ନଇ ଅପର ଚିତ୍ପୁର ରୋଡ କଲିକତା ଏହି ଔଷଧାଳୟ ଜଣେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ପରିଚାଳିତ। କେବଳ ଅମେରିକାରୁ ଔଷଧ ଆମଦାନୀ ହୁଏ ଚିଠି କର୍ଣ୍ଣ ପୁସ୍ତକ ଓ ନାନାବିଧ ଦ୍ରବ୍ୟାଦିର ମୂଲ୍ୟ ମଧ୍ୟ ଅତି ସୁଲଭ। କଲେଜ ବାକସ ପୁସ୍ତକ କାମ୍ପାର ଡ୍ରପାର ସହ ୧୨, ୨୪, ୩୦, ୪୮ ଟିଟି ୨, ୩, ୩୵, ୫ ଗୃହ ଚିକିତ୍ସାର ବାକସ ୧୨, ୨୪, ୩, ୪୯ ୬୦, ୭୨ ୧୪ ଟିଟ ୨.୩ ୩, ୫ ୬ ୭, ୧୧।

## ଆୟୁର୍ବେଦୀୟ ଔଷଧାଳୟ।

### ପ୍ରମେହସୁଧା ଗନୋରିଆର ଅବ୍ୟର୍ଥ ମହୌଷଧ।

ଏହି ଔଷଧ ଶୁକ୍ରମେହ, ପିତ୍ତଜନ୍ୟମେହ ସପୂୟମେହ (ଗନରିଆ) ଶତଜଳ ଭୁଲ୍ୟ ସ୍ରାବ ଶୋଣିତସ୍ରାବ, ମୂତ୍ରନାଳୀର କ୍ଷତ, ସ୍ରାବର ପୋଡ଼ା ଜଳା ପ୍ରଭୃତି ପକ୍ଷରେ ଆଶୁଫଳଦାୟକ। ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ବିନଷ୍ଟ ହୁଏ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦୵, ପ୍ୟାକିଂ ଟ ୦ ୵, ଡାକମାସୁଲ ଟ ୦।

### ଅମୃତାଦି କଷାୟ ବା ଦେଶୀ ସାଲସା।

ଆମ୍ଭମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ରକ୍ତଦୁଷ୍ଟିର ଅମୋଘ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା ଦେଶଜ ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷରୁ ପ୍ରସ୍ତୁତ ହୋଇ ଅଛି। ଏଥିରେ ଏପରି କେତେଗୁଡ଼ିଏ ସାରବାନ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରକେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ। ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ କ୍ଷତ, ଉପଦଂଶଜନିତ କ୍ଷତ, ନାନା ଅବସ୍ଥାରେ ଦୂଷିତ କ୍ଷତ, ଗଳଗଣ୍ଡ, ଆମବାତ, ବିସ୍ଫୋଟକ, ଗଣ୍ଡମାଳ, ଦାଦୁ, ଭଗନ୍ଦର ପ୍ରଭୃତି ସର୍ବବିଧ ଚର୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବା ପାଇଁ ସ୍ନାୟବିକ ଦୌର୍ବଲ୍ୟ, ଦୁର୍ବଳତା, ଧାତୁକ୍ଷୀଣତା ନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପାଇଁ ଏହାହିଁ ଏକମାତ୍ର ଔଷଧ। ସହସ୍ର ସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବଗୁଣରେ ଉତ୍କୃଷ୍ଟ।

ଏକଶିଶିର ମୂଲ୍ୟ ଟ ୧।, ଏକଡଜନର ମୂଲ୍ୟ ଟ ୧୨, ଭି, ପି, ଟ ୦ ୵, ପ୍ୟାକିଂ ଟ ୦ ୵, ଡାକମାସୁଲ ଟ ୦ ୵୵।

### ବହୁଦଣ୍ଡ ଗନ୍ଧକରସାୟନ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ଧ୍ୱଜଭଙ୍ଗ, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନଦୋଷ ପ୍ରଭୃତି ରୋଗରେ ଆଶୁଫଳପ୍ରଦ। ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ।

ଏକଶିଶର ମୂଲ୍ୟ ଟ ୨୵, ଭି, ପି, ଟ ୦୵ ପ୍ୟାକିଂ ଟ ୦ ୵ ଡାକମାସୁଲ ଟ ୦ ୵।

### ସ୍ୱପ୍ନସୁଧା

ସ୍ୱପ୍ନଦୋଷ ସେ କୌଣସି କାରଣରୁ ହେଉ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ମାତ୍ରଙ୍କେ ଏହା ଅବଗତ ଅଛନ୍ତି। ଏହି ମହୌଷଧ ଯଥାବିଧି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରତାରଲ୍ୟ ଶତଜଳବତ୍ ଧାତୁ ପ୍ରଭୃତି ବିନଷ୍ଟ ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ।

ଏକଶିଶର ମୂଲ୍ୟ ଟ ୧, ଭି, ପି, ଟ ୦ ୵, ପ୍ୟାକିଂ ଟ ୦ ୵, ଡାକମାସୁଲ ଟ ୦।।

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ବଟିକା ପ୍ରଭୃତି ଏବଂ ଉତ୍କୃଷ୍ଟ ମକରଧ୍ୱଜ ମୃଗନାଭି ଓ ସ୍ୱର୍ଣ୍ଣ ରୂପା ଲୁହା ପ୍ରଭୃତିର ଭସ୍ମମାନ ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ। ମଫସଲର ରୋଗୀମାନେ ପତ୍ରଦ୍ୱାରା ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ। ଔଷଧପାଇଁ ଲେଖିଲେ ଭି, ପି, ଡାକରେ ପଠାଯାଏ ପ୍ରତ୍ୟହ ପ୍ରାତଃ ଘ ୭ ଟାଠାରୁ ଘ ୮ ଟା ପର୍ଯ୍ୟନ୍ତ କବିରାଜ ଗରିବ ଲୋକମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରୁ ହୁଏ।

ଚିଠିପତ୍ର ଓ ଟଙ୍କା ଆମ୍ଭ ନାମରେ ନିମ୍ନ ଠିକଣାକୁ ପଠାଇବାକୁ ହେବ।

କବିରାଜ ଶ୍ରୀ ସାରଦାପ୍ରସାଦ ଦାସ ଗୁପ୍ତ କବିରତ୍ନ, ବାଲୁବଜାର କଟକ।

Split by PDF Splitter
Digitized by srujanika@gmail.com

Split by PDF Splitter
216



ଶ୍ରୀକୃଷ୍ଣ ଧରଲାଦାସଙ୍କ

# ମହାଭାରତ ।

## ସଚିତ୍ର, ବନପର୍ବ ।

୫୭୨ ପୃଷ୍ଠାରେ ସମ୍ପୂର୍ଣ୍ଣ ଏଥିରେ ଉତ୍ତମ ଛବି ମାନ ଦଆହୋଇଅଛି । ଏ ପୁସ୍ତକ ବୃହତ୍ ହେଲେ ହେଁ ଗ୍ରାହକମାନଙ୍କ ସୁବିଧା ସକାଶେ ସୁଲଭ ମୂଲ୍ୟ ୫ ୮। ହୋଇଅଛି ।

| | |
|---|---|
| ସଚିତ୍ର ବିରାଟପର୍ବ ମୂଲ୍ୟ | ଶ ୧ ୬ ଟ ୧ । |
| ସଚିତ୍ର ଉଦ୍ଯୋଗ ପର୍ବ | ,, ଟ ୧। |
| ସଚିତ୍ର ଦ୍ରୋଣପର୍ବ | ,, ଟ ୧୧ |
| ଗୁଣ୍ଡିଚ୍ଚା—ଏଥିଙ୍କ | ଟ ୦ ୵ |
| ଲକ୍ଷହିରା ଘଳ୍ପ ଦାଏହା | ଟ ୦ ୵ |

ଗ୍ରାହକେ କଟକ ଦରଗାବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ପାଇପାରିବେ ।

---

ଲୁଅରପ୍ରାଇମେରୀ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ, ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଆବଶ୍ୟକ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଅମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟେରୀ ।

---

# S. BASACK & Co.

No. 200 Harrison road Bara Bazar
CALCUTTA
"THE UNIVERSAL AGENCY"

ସର୍ବସାଧାରଣଙ୍କର ସୁବିଧା ନିମନ୍ତେ ସମସ୍ତପ୍ରକାର ମନୋହର ଦ୍ରବ୍ୟ–ଅତର, ଗୋଲାବ, ଏସେନ୍ସ ଜାମିନାମାନଙ୍କର ବହୁପ୍ରିୟ କେଶବର୍ଦ୍ଧନକାରୀ କୁସୁମସୁରଭି ତୈଲ, କେଶ ସଂସ୍କାରକ ତୈଲ ଓ ସାବୁନ, ସୁବାସିତ ବାଲର କଙ୍କି, ବୁକଘଣ୍ଟା, ପକେଟଘଣ୍ଟା, ଆଲିମଣିବ, ବହୁବିଧ ସୁନ୍ଦର ଛତି, ଘଣ୍ଟ ଅଙ୍ଗୁଷ୍ଠ, ହିଲଗୋହର, ରବରଷ୍ଟାମ୍ପ ନ୍ୟାଜିକ ପକେଟ ଲେଣ୍ଟ, ବରଫ ଜମାଇବାର କଳ, ଦେଶୀ ସୋଡ଼ା ଓ ଲେମନେଡ଼କଲ ବାଲଭ୍ରୁଷ୍ଟାଙ୍କାର କଳ ଦାଢ଼ୀ ଛିର କରିବାର କଳ, ପକେଟ ଛଡ଼ୀ, ଖୋଲପଟର ବ୍ରଷ୍ଟ, ଅର୍ଥାତ୍ ବ୍ରଶ୍ ବରୁସ, ଇତ୍ୟା, କଙ୍ଘା ଇତ୍ୟାଦ ) ନାନାପ୍ରକାରର ପରିଧାନଯୋଗ୍ୟ ଦେଶୀ ଓ ବିଲାତି ଧୋତି; ଶାଢ଼ୀ, ମଲମଲ, ଚଦର, ମୋଜା, ଗଞ୍ଜିଫରୁଖ, ଅଙ୍ଗରଖା, କୋଟ, ରେସମୀବସ୍ତ୍ର ଓ ପାରସୀ ଶାଢ଼ୀ, ସୁନ୍ଦର ବେଣ୍ଟଲଗା ରେସମୀ ଛତା ଇତ୍ୟାଦ । ହିନ୍ଦୁଦେବ ଦେବୀ ମୂର୍ତ୍ତି ଓ ବିଲାତି ଛବି, ସରଞ୍ଜା—ମେଜ, ଚୌକି, ଆଲମାରୀ—ପୁନେଲ ରଙ୍ଗ, ଦୁଧ-ପଙ୍କଖାଯର, ଦୁଷ୍ପରୋଗ୍ୟ କଠିନ କଠିନ ରୋଗର ଅବ୍ୟର୍ଥ ମହୌଷଧ ପ୍ରଭୃତି ସବୁବେଳେ ଅମ୍ଭମାନଙ୍କ ନିକଟରେ ପ୍ରସ୍ତୁତ । ଏକକଥାରେ ଯେଉଁ ଜିନିଷର ଫରମାସ କରିବ ତାହା ଶୀଘ୍ର ସୁବିଧାଦରରେ ପଠାଇ ଦେଉଁ ।

ଅମ୍ଭେମାନେ ସହର ଓ ମୋଫସଲ ନିବାସୀ ସମସ୍ତ ବନ୍ଧୁବର୍ଗଙ୍କୁ ଅମ୍ଭମାନଙ୍କ ସହିତ କାରବାର କରିବାକୁ ଅନୁରୋଧ କରୁଁ ପ୍ରାୟ ସମସ୍ତ ଜିନିଷ ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ଅମେରିକା ପ୍ରଭୃତି ରାଜ୍ୟରୁ ଆଣାଇ ସୁବିଧାଦରରେ ବିକ୍ରୟ କରିଥାଉଁ ବ୍ୟବସାୟ ନିମନ୍ତେ ଏକଥରକେ ଅନେକପରିମାଣ ଦ୍ରବ୍ୟାଦ ଖରିଦ କଲେ ଉଚିତ ବଜାରଦର ଉପରେ ଶତକଡ଼ା ଦୁଇଟଙ୍କା କମିଶନ ନେଇ ଶୀଘ୍ର ମାଲ୍ ପଠାଇ ଦେଉଁ ।

କାର୍ଯ୍ୟ ସମ୍ବନ୍ଧୀୟ ଚିଠିପତ୍ର ଅମ୍ଭମାନଙ୍କର ମ୍ୟାନେଜରଙ୍କ ନାମରେ ଲେଖିବାକୁ ହେବ । ମୋଫସଲବାସିମାନେ ଫରମାସ ସଙ୍ଗରେ ଅଗ୍ରୀମ ଟଙ୍କା ପଠାଇବେ । ତାହା ନ ହେଲେ ସେମାନଙ୍କ ନାମରେ ଭେଲ୍ୟୁପେବଲ ଡାକରେ ମାଲ୍ ପଠାଯିବ କୌଣସି ଦ୍ରବ୍ୟ ପସନ୍ଦ ନ ହେଲେ ଫେରାଇ ନେବାକୁ ସ୍ୱୀକୃତ ଅଛୁଁ ।

## ଏସ, ବସାକ କମ୍ପାନୀ

ଜେନୟରଲ ମରଚ୍ଛ୍ୟାଣ୍ଟ ଓ କମିଶନ ଏଜେଣ୍ଟ ।
ନ ୨୦୦ ମ୍ବର ହରିସନ ରୋଡ଼ ବଡ଼ବଜାର
କଲିକତା

---

ନୂତନ ପୁସ୍ତକ ।

ଜ୍ୱରଚିକିତ୍ସା ୨ ୟ ସଂସ୍କରଣ—ଡବଲକ୍ରାଉନ ୪୫ ପୃଷ୍ଠା, ମୂଲ୍ୟ ଛଅଅଣା ମାତ୍ର । ଏ ପୁସ୍ତକରେ ନାଡ଼ୀ, ଜିହ୍ୱା, ମୂତ୍ର ପ୍ରଭୃତି ପରୀକ୍ଷାର ଉପଦେଶ, ସକଳବିଧ ଜ୍ୱରର ଲକ୍ଷଣ ଏବଂ ରୋଗନାଶକ ସହଜ ପ୍ରାପ୍ୟ ଔଷଧାବଳୀ, ଜ୍ୱରର ସକଳବିଧଉପଦ୍ରବର ପ୍ରତୀକାରୋପାୟ, ଜ୍ୱରରେ କୁଇନାଇନ ପ୍ରୟୋଗପ୍ରଣାଳୀ ପ୍ରଭୃତି ଏପରି ସ୍ପଷ୍ଟରୂପେ ଲିଖିତ ହୋଇଅଛି ଯେ ଯେଉଁମାନଙ୍କର ବଳନ ଅଛି ସେମାନେ ଏହି ପୁସ୍ତକ ସାହାଯ୍ୟରେ ସକଳପ୍ରକାର ଜ୍ୱର ସହଜରେ ଛଡ଼ାଇ ପାରିବେ ।

ଗୋ ଚିକିତ୍ସା ୧ମ ଭାଗ ୩ୟ ସଂସ୍କରଣ—ଏଥିରେ ୪୧ ପ୍ରକାର ଗୋ ରୋଗର ଦେଶ ପ୍ରଚଳିତ ଅନେକପ୍ରକାର ଔଷଧ ଲେଖା ଅଛି । ମୂଲ୍ୟ ଏକଅଣା ମାତ୍ର ।

ଗୋ ଚିକିତ୍ସା ୨ୟ ଭାଗ ୨ୟ ସଂସ୍କରଣ—ଏଥିରେ ୧୩ ଗୋଟି ଗୋରୋଗର ପ୍ରତ୍ୟକ୍ଷ ଫଳପ୍ରଦ ଔଷଧାବଳୀ ସନ୍ନିବେଶିତ ହୋଇଅଛି । କେବଳ ଗୋ-ବସନ୍ତରୋଗର ଚିକିତ୍ସାଦ ବର୍ଣ୍ଣନରେ ୨୫ ପୃଷ୍ଠା ସ୍ଥାନ ବ୍ୟୟ ହୋଇଅଛି । ମୂଲ୍ୟ ଦୁଇଅଣା ମାତ୍ର ।

ବସନ୍ତରୋଗ ଚିକିତ୍ସା—ଏ ପୁସ୍ତକ ପାଖରେ ଥିଲେ ବସନ୍ତରୋଗରେ ମୃତ୍ୟୁ ବା ଯାତନା ଭୋଗ କରିବା ଲୋକଙ୍କ ହେବାର ଆଶଙ୍କା ଦୂର ହେବ । ମୂଲ୍ୟ ଚାରିପଇସାମାତ୍ର ।

କପଟକା ଚିକିତ୍ସା ୨ୟ ସଂସ୍କରଣ— ଏହି ପୁସ୍ତକ ଲିଖିତ ଉପଦେଶ ପାଳନ, ଔଷଧି ବ୍ୟବହାର କରି ଅନେକ ଲୋକ ବମ୍ଭଚକା ରୋଗର କରାଳ କବଳରୁ ରକ୍ଷା ପାଇଅଛନ୍ତି । ମୂଲ୍ୟ ଏକଅଣା ମାତ୍ର ।

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନରେ ମିଳେ ।

---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେବେ କ୍ଷୁଦ୍ର ହେଲେ ତହିଁର ଶର୍ତ୍ତ ଟ ୦ ୳ ଠାରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେଁ ଶର୍ତ୍ତ ପ୍ରଥମ ଥରର ତେହ୍ଲା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ପତ୍ରିକା କଟକ ନଗର ଦରଗାବଜାର ଶ୍ରୀଯୁକ୍ତ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

REGISTERED No. C. 81

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୩୪ ଶ
ସଂ ୨୭ ସଂଖ୍ୟା
ତା ୧ ଜୁଲାଇ ମାହେ ଜୁଲାଇ ସନ ୧୮୯୯ ମସିହା । ମୁ । ତା ୧୯ ଢ ଅଷାଢ଼ ସନ ୧୩୦୬ ସାଲ ଶନିବାର ।
ଅଗ୍ରୀମ ଟ ୩।୧୦
ପଶ୍ଚାଦ୍ଦେୟ ଟ ୬।୯

ବୋମ୍ବାଇର ଜଣକଣ ହିନ୍ଦୁ କୁଷ୍ଟିତରଙ୍କ ଓ ତୁକ୍କାଦ୍ୟପୂର୍ଣ୍ଣ ପୁସ୍ତକ ଲେଖିଥିବା ଦୋଷରେ ଅଭିଯୁକ୍ତ ହୋଇ ଚୁଉମାସର କାରାଦଣ୍ଡ ଶାସ୍ତି ପ୍ରାପ୍ତ ହୋଇଅଛନ୍ତି ଓ ସେହିସବୁ ଲବଓ ପୁସ୍ତକ ନଷ୍ଟ ହେବାର ଆଦେଶ ହୋଇଅଛି । ସବୁ ମନ୍ଦକାର୍ଯ୍ୟରେ ଦଣ୍ଡ ଅଛି । ଇଂରେଜ ବାହାଦୂର ଏତେ ଆଇନକାନୁନ କରୁଥିଲେ ସୁଦ୍ଧା ଲୋକେ ମନ୍ଦକର୍ମ କରିବାକୁ ଛାଡ଼ୁ ନାହାନ୍ତି । ଶିକ୍ଷାର ଅଭାବ ଏହି ସବୁ ଦୁଷ୍କର୍ମର ପ୍ରଧାନ କାରଣ ବୋଲି ନିର୍ଦ୍ଦେଶ କରିବାକୁ ହେବ ।

---

ଅଣ୍ଡୁଆଡଦା ଯାଜପୁରବରାଗଲ ଏକ୍ସ୍ଟେନ୍‌ସନ ଲାଇନ୍ ଖଡ଼ଗପୁର୍ ସାହେବ ହାଇକୋର୍ଟ ନିକଟରେ ବଦରଙ୍ଗ ବୋଟ ଚାଲିବା ସମ୍ବନ୍ଧରେ ପୂର୍ବନିୟମ ରହିତ କରି ବର୍ତ୍ତମାନ ନିୟମ କରୁଅଛନ୍ତି ଯେ ଅଲୋଗ୍ଷ୍ଟିମାର କଟକରୁ ଓ ପାଦ୍ମୋମାଯୂର ଷ୍ଟିମାର ବଦରଙ୍ଗରୁ ଯଥାକ୍ରମେ ପ୍ରତ୍ୟେକ ସୋମବାର, ମଙ୍ଗଳବାର ଓ ଶନିବାର ସକାଳ ୮ଘଣ୍ଟା ସମୟରେ ଛାଡ଼ି ଯଥାକ୍ରମେ ମଙ୍ଗଳବାର, ଶୁକ୍ରବାର ଓ ରବିବାର ସକାଳ ଘ ୬ ଘା ସମୟରେ କଟକ ଓ ବଦରଙ୍ଗରେ ପ୍ରତ୍ୟାଗମନ କରିବ । ଏଥିରୁ ପ୍ରକାଶ ପାଉଅଛି ପ୍ରତି ସୋମବାର, ଗୁରୁବାର ଓ ଶନିବାର ସକାଳ ଘ ୮ ଘା ସମୟରେ ଷ୍ଟିମାରମାନ ଯୋବସ୍ପସାହିରୁ ଓ ବଦରଙ୍ଗରୁ ଛାଡ଼ିବ ଓ ଉଭୟସ୍ଥାନରେ ପ୍ରତ୍ୟେକ ମଙ୍ଗଳବାର, ଶୁକ୍ରବାର ଓ ରବିବାର ସକାଳ ଘ ୬ ଘା ସମୟରେ ପହଞ୍ଚିବ ।

---

ରଜାରମାନଙ୍କ କାର୍ଯ୍ୟରେ ମାଲଗୁଜାରମାନେ ପ୍ରତିହିଂସା ନେବାକୁ ପଶ୍ଚାଦ୍‌ଗାମୀ ହେଉ ନାହାନ୍ତି । ଏକ ଗ୍ରାମର ଅନେକଗୁଡ଼ିଏ ଘରର ସକାଳ ଦଗ୍ଧୀଭୂତ ହୋଇଅଛନ୍ତି ଓ ସେମାନଙ୍କର ସମ୍ପତ୍ତି ଲୁଟ ହୋଇଅଛି । ଅନ୍ୟ ଏକ ଗ୍ରାମର ସ୍ତ୍ରୀମାନଙ୍କ ପ୍ରତି ଅତ୍ୟାଚାର ହୋଇଅଛି ସେମାନଙ୍କ କର୍ଣ୍ଣଭୂଷଣ ଛଳ କରି ନେଇ କର୍ଣ୍ଣ କଦାଇତ କରି ଅଛନ୍ତି । ଯାହା ହେଉ ଘଟନା ଅଧିକ ପରିମାଣରେ ପ୍ରମାଣିତ ହୋଇଅଛି । ବର୍ତ୍ତମାନ ଦୋଷୀସବୁ ଗିରଫ୍ତାର ହୋଇ ଚାଲାଣ ହେଉଅଛନ୍ତି ମୋଫସଲ ଜେଲ ପୂର୍ଣ୍ଣ ହୋଇଯିବାରୁ ସଦର ଜେଲକୁ ଆସାମିମାନଙ୍କୁ ପ୍ରେରଣ କରାଯାଉଅଛି । ଶେଷରେ ଯେ ରାଜଦ୍ୱାରେ ଦଣ୍ଡିତ ହେବାକୁ ହେବ । ତାହା କି ଦଙ୍ଗାକାରୀମାନେ ଜାଣନ୍ତି ନାହିଁ ? କ୍ରୋଧ ସମୟରେ ହିତାହିତ ଜ୍ଞାନ ନ ଥିବାରୁ ଫଳ ବିଷମୟ ହୋଇଆଏ ।

---

ପୁନା ଫର୍ଗୁସନକଲେଜର ଜଣେ ଛାତ୍ର କଲିକତାର ଗତ ଗ୍ରାଜୁଏଟ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ବିଷୟ ପାଠକମାନଙ୍କୁ ଜଣା ଅଛି । ଆମ୍ମାନଙ୍କର ଶ୍ରଦ୍ଧାସ୍ପଦ ବଡ଼ଲାଟ କର୍ଜନ ସାହେବ ବାହାଦୂର ଏତତ୍ସମ୍ବନ୍ଧରେ ଉକ୍ତ କଲେଜର ଅଧ୍ୟକ୍ଷଙ୍କ ନିକଟକୁ ଆପଣାର ସେକ୍ରେଟେରୀଙ୍କଦ୍ୱାରା ନିମ୍ନଲିଖିତରୂପେ ପତ୍ର ପଠାଇ ଅଛନ୍ତି । "ଇଂରାଜ ଗଣଙ୍କ ସର୍ବୋଚ୍ଚ ସ୍ଥାନ ଉକ୍ତ କଲେଜର ଭୂତପୂର୍ବ ଛାତ୍ରଦ୍ୱାରା ଅଧିକୃତ ହେବାରୁ ସେହି କଲେଜର ଯେଉଁ କୃତକାର୍ଯ୍ୟତା ଲାଭ ହୋଇଅଛି ସେଥିନିମନ୍ତେ ବଡ଼ଲାଟ ବାହାଦୂର ଆପଣଙ୍କୁ ଉକ୍ତ କଲେଜର ଅଧ୍ୟକ୍ଷସ୍ୱରୂପ ଅଭିନନ୍ଦନ କରୁଅଛନ୍ତି । ଏପ୍ରକାର ଜୟଲାଭ କଲେଜର ଅଧ୍ୟାପନା ଏବଂ ଉଚ୍ଚଶିକ୍ଷା ପ୍ରାପ୍ତ ଭାରତୀୟ ବୁଦ୍ଧି ବୃତ୍ତିର ଯୋଗ୍ୟତାର ଅତ୍ୟର୍ଥ୍ୟ ପରିଚାୟକ ଅଟଇ ।" —ପାଠକେ ! ଏଥିରୁ ବଡ଼ଲାଟ ବାହାଦୂରଙ୍କ ଅସାଧାରଣ ସହୃଦୟତାର ପରିଚୟ ମିଳୁ ନାହିଁ କି ? ସହୃଦୟତା ଶାସନକର୍ତ୍ତାର ପ୍ରଧାନ ଗୁଣ । ଆମ୍ଭମାନଙ୍କର ବଡ଼ଲାଟ ମହୋଦୟ କଥାରେ ଏବଂ କାର୍ଯ୍ୟରେ ତାହା ଦେଖାଇ ଯେ ଭାରତବାସୀଙ୍କ ମନ କିଣି ନେଉଅଛନ୍ତି କହିବା ବାହୁଲ୍ୟ ।

---

ଗତ ଗୁରୁବାର ଦିନ ଏଠା ଟ୍ରେନିଂ କ୍ୟାମ୍ପଙ୍କ ହୋମହଲରେ କଲିକତା ଭାଗବତ ସଭାର ଟ୍ରେନିଡ ପଣ୍ଡିତ ଶ୍ରୀ ଜ୍ଞାନେନ୍ଦ୍ର ଚନ୍ଦ୍ର ଭକ୍ତି ବର୍ଷ

Split by PDF Splitter
Digitized by srujanika@gmail.com

Split by PDF Splitter



ମହାଶୟ ହିନ୍ଦୁଧର୍ମ ସମ୍ବନ୍ଧରେ ବକ୍ତୃତା କରିଥିଲେ ବକ୍ତୃତା ଶୁଣିବା ସକାଶେ ଅନେକ ଲୋକେ ସମୁପସ୍ଥିତ ଥିଲେ । ଏବଂ ବକ୍ତୃତା ମଧ୍ୟ ଭଲ ହୋଇଥିଲା । ତହିଁ ଆର ଦିନରୁ ଶ୍ରୀ ଗୋପାଳ ଜୀଉ ଠାକୁରଙ୍କ ମଠରେ ପ୍ରତିଦିନ ରାତ୍ରି ଏବଂ ହରିନାମର ମାହାତ୍ମ୍ୟ ସମ୍ବନ୍ଧରେ ପ୍ରସ୍ତୁତ ମହାଶୟ ବକ୍ତୃତା କରୁଅଛନ୍ତି ଏବଂ ବହୁତ ଲୋକେ ବକ୍ତୃତା ଶୁଣିବା ସକାଶେ ସମୁପସ୍ଥିତ ଓ ବକ୍ତୃତାରେ ମୋହିତ ହୋଇ ଘନ ଘନ ହରିବୋଲ ପକାଇ ଆପଣାର ଆନନ୍ଦ ପ୍ରକାଶ କରୁଅଛନ୍ତି । ପ୍ରସ୍ତୁତ ମହାଶୟ ଅପରିଚିତ ନୁହନ୍ତି ଏବଂ ଏହାଙ୍କର ବକ୍ତୃତାମାନ ସେ ଭଲ ପୂର୍ବେ କରିଥିବାରୁ ତହିଁର ସାର ମର୍ମ ବିଜ୍ଞାପିତ ଥିବ ପ୍ରକାଶ କରିବା ଅନାବଶ୍ୟକ । ତଥାପି ଏତକ ଅମ୍ଭେମାନେ ମୁକ୍ତକଣ୍ଠରେ କହିପାରୁଁ ଯେ ପ୍ରସ୍ତୁତ ମହାଶୟଙ୍କ ବାକ୍ୟଗୁଡ଼ିକ ପୂର୍ବଠାରୁ ସମଧିକ ତେଜସ୍ୱୀ ଏବଂ ସାରଗର୍ଭ ଅଟଇ । ପ୍ରତିଦିନ ଶତାଧିକ ଲୋକେ ବକ୍ତୃତା ଶୁଣିବା କାରଣ ସମୁପସ୍ଥିତ ହୋଇ ଆନନ୍ଦ ପ୍ରକାଶ କରିବାଠାରୁ ବକ୍ତାଙ୍କ କ୍ଷମତାର ଆଉ ଅଧିକ କି ପ୍ରମାଣ ମିଳିପାରେ ?

---

ସୀମାନ୍ତ ପ୍ରଦେଶରୁ ଅଦ୍ୟାପି ଉତ୍କାଏଣ୍ଟ ଇତ୍ୟାଦି ନାନାପ୍ରକାର ଗୋଲମାଲର ସମ୍ବାଦ ମିଳଇ । ଉକ୍ତସ୍ଥ ଏବଂ ଖଣ୍ଡକସମ୍ପ୍ରଦାୟଭୁକ୍ତ ଜଣଣ ଉତ୍କାଏଣ୍ଟ ଉପରନ୍ତୁ ଉକ୍ତସ୍ଥ ପାହାଡ଼ରେ ଫଇସଲ୍ୟ କରିବା କାରଣ ସମବେତ ହୋଇଥିବା ଗ୍ରାମବାସିଙ୍କ ମଧ୍ୟରୁ ଜଣେ ସିପାହିକୁ ହେତ ପଳାୟନ କଲେ । ଏଥିରେ ଜଣେ ଗ୍ରାମବାସୀ ଆଘାତ ମଧ୍ୟ ପ୍ରାପ୍ତ ହୋଇଅଛି । ଉତ୍କାଏଣ୍ଟମାନଙ୍କ ଧରିବା କାରଣ ସିପାହି ପଠାଯାଇଥିଲା ମାତ୍ର ଜଙ୍ଗଲଦେଇ ସେମାନେ ଧରି ହୋଇ ପାରିଲେ ନାହିଁ । ପ୍ରାୟ ୬୦ ଣ ଉକ୍ତସ୍ଥ ଏକଗ୍ରାମର ୧୫୦ ଗୋରୁ ପାହାଡ଼ରେ ଚରୁଥିବା ସମୟରେ ସେମାନଙ୍କୁ ଅଡ଼ାଇ ନେଇଗଲେ । ଗ୍ରାମବାସୀ ଏବଂ ସିପାହିମାନେ ତାଙ୍କୁ ଗୋଡ଼ାଇଗଲେ ମାତ୍ର ସନ୍ଧ୍ୟା ପୂର୍ବରୁ ତାଙ୍କୁ ଭେଟି ପାରିଲେ ନାହିଁ । ଯେତେବେଳେ ଭେଟିଲେ ତେତେବେଳେ ଉକ୍ତସ୍ଥମାନେ ଉଚ୍ଚ ବନ୍ଧୁକ ଦେଇ ପାହାଡ଼ମାନଙ୍କରେ ସୁଦୃଢ଼ସ୍ଥାନ ଅଧିକାର କରିଥିବାର ଦେଖାଗଲା । ସୁତରାଂ ସେମାନେ ଲେଉଟି ଆସିଲେ । ଜ ୬ ଣ ଗ୍ରାମବାସୀ ଗୁରୁତରରୂପେ ଆହତ ଏବଂ ଜଣେ ସିପାହି ସାମାନ୍ୟ ଆଘାତ ପ୍ରାପ୍ତ ହୋଇଥିବାର କଥିତ ହୁଏ ।

---

ଥୁଇଆର ବୋମ୍ବାଇ ପ୍ରଦେଶର ଜଣେ ମିଷ୍ଟ ଏନ୍ ଏମ୍ ସ୍ପରଜନ ନାମଧେୟ ଧନୀ କଣ୍ଟ୍ରାକ୍ଟର ତାହାର ଶୁକରଙ୍କୁ ହତ୍ୟା କରିବା ଅପରାଧରେ ଅଭିଯୁକ୍ତ । ମୃତ ଶୁକର ତାଣୀଗ୍ରାମ ତାହାର ବେତନ ମୂଲ୍ୟ ଲାଭ ରୁ ଆଣିବା ନିମନ୍ତେ ଉପସ୍ଥିତ ହୋଇଥିଲା । ମୁନିବର ସହିତ ଶୁକରର ବିବାଦ ଉପସ୍ଥିତ ହୁଅନ୍ତେ ମୁନିବ କ୍ରୋଧରେ ଦୁଇମୁଥି ପ୍ରହାର କରିଥିଲେ । ଏକମୁଥି ମୁଖରେ ଓ ଅନ୍ୟ ମୁଥିଟି ପାର୍ଶ୍ୱଦେଶରେ ପ୍ରହୃତ ହୋଇଥିଲା । ଶୁକର ଏହି ମୁଥିହସ୍ତ ପୁରସ୍କାର ପାଇ ବାହାର ଅଙ୍ଗଣାରେ ଆସି ଦେହତ୍ୟାଗ କରିଥିଲା । ଡାକ୍ତର ସାର୍ଟିଫିକେଟରୁ ପ୍ରକାଶ ଯେ ଶୁକରର ପ୍ଲୀହାରେ ଆଘାତ ହୋଇଥିବାରୁ ଅଥବା ତଳେ ପତିତ ହୋଇଥିବା ହେତୁ ଆଘାତରୁ ତାହାର ପ୍ରାଣତ୍ୟାଗ ହୋଇ ଅଛି । ମୋକଦ୍ଦମାର ବିଚାର ଲାଗିଅଛି ସୁତରାଂ ଏ ସମ୍ବନ୍ଧରେ କୌଣସି ବକ୍ତବ୍ୟ ନାହିଁ । ମାତ୍ର ଅତି ସାମାନ୍ୟ ଆଘାତରେ ଅତି ଗୁରୁତର ଦୁର୍ଘଟଣା ହେଉଥିବା ବିଷୟ ସର୍ବଦା ବର୍ତ୍ତମାନଙ୍କ ଗୋଚରରେ ଆସୁଥିଲେ ହେଁ ମନୁଷ୍ୟ କ୍ରୋଧକୁ ବଶୀଭୂତ କରିବା ନିମନ୍ତେ କେବେହେଁ ଯତ୍ନବାନ୍ ହୁଅନ୍ତି ନାହିଁ ଏହାଠାରୁ ଆଉ ଦୁଃଖର ବିଷୟ କ ହୋଇ ପାରେ ? ଏ ସଂସାର ଜୀବନର ପରୀକ୍ଷା ସ୍ଥଳ । ଅଗାଧ ଘଟଣାରୁ ଅନେକ ବିଷୟ ଶିକ୍ଷା ହୋଇପାରେ କିନ୍ତୁ ଶିକ୍ଷା ନିମନ୍ତେ ଯତ୍ନ ହୁଏ ନାହିଁ ଓ ବିନା ଯତ୍ନରେ କୌଣସି କାର୍ଯ୍ୟ ସମ୍ପନ୍ନ ହୁଏ ନାହିଁ । ମନୁଷ୍ୟ ବୁଦ୍ଧିଜୀବୀ ସତ୍ ଅସତ୍ ବୋଧଶକ୍ତିବିଶିଷ୍ଟ ହେଲେ ହେଁ ଥିବା ଅଯତ୍ନ ହେତୁ ସଦ୍‌କାର୍ଯ୍ୟ କରିବାକୁ ସକ୍ଷମ ହୁଅନ୍ତି ନାହିଁ ।

---

ବର୍ଷାକାଳ ଉପସ୍ଥିତ । ଏହି ସମୟରେ ମିଉନିସିପାଲିଟୀର କର୍ମଚାରୀମାନେ କାର୍ଯ୍ୟତତ୍ପରତା ନ ଦେଖାଇଲେ, ଅନେକ ଲୋକଙ୍କୁ ହେତ ସତ୍ତ୍ୱ ମରାମତି କାର୍ଯ୍ୟ ଆରମ୍ଭ ହୋଇଅଛି । ଦକ୍ଷିଣପାଡ଼ର ନାଳସବୁ ଖୋଲା ହେଉଅଛି । ଯେପରି କାର୍ଯ୍ୟ ତଦାରଖ ନିମନ୍ତେ କେବଳ ଜଣେ ଓଭରସିଅର ନିଯୁକ୍ତ ଥାଏ ଓ ଏହି ଓଭରସିଅର ବାର୍ଡ଼ର କମିଶନରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରନ୍ତି । କେତେକ ଲୋକ କୌଣସି ନିଯୁକ୍ତ କର୍ମଚାରୀଙ୍କ ଏ କାର୍ଯ୍ୟ ତଦାରଖ କରିବାର ଦେଖି ନାହୁଁ ବୋଧହୁଏ କେହି କରନ୍ତି ନାହିଁ ଓ ଅବୈତନିକ କମିଶନରମାନେ ସ୍ୱୟଂ ଏହି କାର୍ଯ୍ୟ ତଦାରଖ କରୁଥିବାର ଅନୁମାନ ହୁଏ ସୁତରାଂ ଏପରି ସ୍ଥଳରେ ନାଳକାର୍ଯ୍ୟ ଯେପରି ସୁଶୃଙ୍ଖଳରୂପେ ନିର୍ବାହ ହେଉଅଛି ତାହା ରେଟପେୟରମାନେ ଜାଣିପାରୁଥିବେ । ଅମ୍ଭେମାନେ ସମୟ ସମୟରେ ଓଭରସିଅରଙ୍କୁ ମଧ୍ୟ କାର୍ଯ୍ୟସ୍ଥଳରେ ଉପସ୍ଥିତ ଦେଖୁ ନାହିଁ ଓ କୁଲିମାନଙ୍କ ଅଧିକାଂଶ ସମୟ ଏକସ୍ଥାନରେ ସମବେତ ହୋଇ ବସିରହିବାର ଦେଖିଅଛୁଁ । ନାଳ ଖୋଳିବା ସମୟରେ କଣ୍ଟ ପଡ଼ିବ ମଧ୍ୟସ୍ଥ ଖାଲସବୁ ପୂରଣ କରିଦିବାର ଉଚିତ । ମିଉନିସିପାଲିଟୀ ଦେଶରୁ ଅସ୍ୱାସ୍ଥ୍ୟ ଦୂର ନ କଲେ ମିଉନିସିପାଲିଟୀ ଦାୟୀ ହେବେ ନାହିଁ କି ? ଯେଉଁ ଅବୈତନିକ କମିଶନରମାନେ କର୍ତ୍ତବ୍ୟ କାର୍ଯ୍ୟ କରିବାକୁ ଅକ୍ଷମ ହୁଅନ୍ତି ସେମାନେ କାହିଁକି ଉକ୍ତ ପଦ ପ୍ରାର୍ଥୀ ହୋଇଥାନ୍ତି । ଯେଉଁମାନଙ୍କର କର୍ତ୍ତବ୍ୟ ବୋଧ ନାହିଁ ଓ ଗୁରୁତର କଥାକୁ ସାମାନ୍ୟ କାର୍ଯ୍ୟପରି ହେୟଜ୍ଞାନ କରନ୍ତି ସେମାନେ କି କମିଶନର ପଦର ଯୋଗ୍ୟ ? ଅମ୍ଭେମାନେ ଆଶା କରୁଁ ଚେୟାରମାନ ଓ ଭାଇସଚେୟାରମାନ ଏହି ସମୟରେ କାହିଁକି ମରାମତି କାର୍ଯ୍ୟ ତଦାରଖ ପ୍ରତି ଯତ୍ନବାନ୍ ହେବେ ।

---

ଜେନେରାଲ ଆସେମ୍ବ୍ଲିଜ ଇନଷ୍ଟିଚ୍ୟୁସନ ପ୍ରତିଯୋଗିତା ଫଳ ଗତ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଉକ୍ତ ଜଣ ପ୍ରେସିଡେନ୍ସି କଲେଜର ଓ ପ୍ରତ୍ୟେକଣ ସିଟ୍‌କଲେଜ କଲେଜର ନିଯୁକ୍ତ ହେବା ମର୍ମରେ ପରୀକ୍ଷା ପୂର୍ବରୁ ବିଜ୍ଞାପନ ପ୍ରଚାର ହୋଇଥିଲା । ପରୀକ୍ଷା ପ୍ରାର୍ଥୀ ଜ ୧୯ ଣ ହୋଇଥିଲେ କିନ୍ତୁ ପରୀକ୍ଷାସ୍ଥଳରେ ଜ ୮ ଣ ଉପସ୍ଥିତ ହୋଇଥିଲେ । ଏହି ସଂଖ୍ୟାମଧ୍ୟରୁ ଜ ୮ ଣ ମୁସଲମାନ, ଜଣେ ବଙ୍ଗାଳୀ ହିନ୍ଦୁ ଓ ଜ ୧ ଣ ଓଡ଼ିଆବାଳି ବଙ୍ଗାଳି ଥିଲେ ।

ବାବୁ ଶରତକୁମାର ସିଂହ ବି ଏ ଓ ବାବୁ ଜ୍ଞାନେନ୍ଦ୍ରନାଥ ବସୁ ଏମ୍ ଏ ପ୍ରଥମ ଓ ଦ୍ୱିତୀୟସ୍ଥାନ ଅଧିକାର କରିଥିଲେ ସେମାନେ ପ୍ରେସିଡେନ୍ସି ଡେପୁଟୀପଦରେ ନିଯୁକ୍ତ ହୋଇଥିଲେ ଅଧିକନ୍ତୁ ଜଣେ ମୁସଲମାନ ମୌଲବି ସୟଦ ମହମ୍ମଦ ଅବଦୁଲ ହମିଦ ବି ଏ ଏହି ଦ୍ୱିତୀୟସ୍ଥାନ ଲଭିଥିବାରୁ ଲେଫ୍ଟେନାଣ୍ଟ ବାହାଦୁରଙ୍କ ଦ୍ୱାରା ମନୋନୀତ ହୋଇଥିଲେ ଓ ଉଲ୍ଲିଖିତ ବ୍ୟକ୍ତିଙ୍କୁ ଲେଫ୍ଟେନାଣ୍ଟ ବାହାଦୁର ଶିକ୍ଷାବିଭାଗ ସବଡେପୁଟୀ କଲେକ୍ଟର କାର୍ଯ୍ୟରେ ମନୋନୀତ କରିଅଛନ୍ତି ।

Digitized by srujanika@gmail.com

Split by PDF Splitter

219



ବାବୁ ଅବନୀଚନ୍ଦ୍ର ଚଟ୍ଟୋପାଧ୍ୟାୟ ବିଏ
ମିଃ ସାମୁଏଲଚନ୍ଦ୍ର ବିଏ
ବାବୁ ରାମପଦ ଚଟ୍ଟୋପାଧ୍ୟାୟ ବିଏ
ବାବୁ ଯୋଗେଶ୍ୱର ନାଥ ମାଟେ ବିଏ

ଉପରୋକ୍ତ ତାଲିକାରୁ ଦେଖାଗଲା ଯେ ଓଡ଼ିଆ ମଧ୍ୟରେ କେହି ପଡ଼ ନାହିଁ । ଗତ କେତେବର୍ଷ ହେଲା ଓଡ଼ିଆରୁ ଜଣେ ଅଧେ ପ୍ରାର୍ଥୀ ହୋଇଥିଲେହେଁ କେହି ମନୋନୀତ ପ୍ରାର୍ଥୀମାନଙ୍କ ମଧ୍ୟରେ ନିଯୁକ୍ତ ହୋଇ ପାରୁନାହାନ୍ତି । ... ର୍ଥୀଙ୍କ ସଂଖ୍ୟା କମ୍ ହୋଇଥିବାରୁ ତାହାଙ୍କରୁ ମନୋନୀତ କେହି ହେଉ ନ ଥିବାର ଅନୁମାନ ହେଉଅଛି ଅନ୍ୟପକ୍ଷରେ ଅବଶ୍ୟ ପରୀକ୍ଷକମାନେ ମନେ କରୁଅଛନ୍ତି ଓଡ଼ିଆ ମଧ୍ୟରେ ମନୋନୟନ ସ୍ଥାନମାନଙ୍କରେ ନିଯୁକ୍ତ ହେବା କଠିନ ହେଲାପରି, କିନ୍ତୁ ଅମ୍ଭେମାନେ ଆଶା କରୁଁ ଅନେକଗୁଡ଼ିଏ ପରୀକ୍ଷାର୍ଥୀ ହେଲେ ଅବଶ୍ୟ କେହି ମନୋନୀତ ହୋଇ ପାରିବେ । ଅନ୍ୟ ଗୋଟିଏ ଦୁଃଖର ବିଷୟ ଯେ ଏଠାରେ ଅନେକଗୁଡ଼ିଏ ଉପାଧିଧାରୀ ଯୁବକ କୌଣସି କାର୍ଯ୍ୟରେ ନିଯୁକ୍ତ ହୋଇ ନ ଥିବା ସ୍ଥଳେ ପ୍ରତିଯୋଗୀ ପରୀକ୍ଷାରେ ଉପସ୍ଥିତ ହେଉ ନାହାନ୍ତି । ଏହି ... ଇତିପୂର୍ବେ ଜଣେ ... ଉପାଧିଧାରୀ ବଙ୍ଗାଳି ଓ ଜଣେ ଓଡ଼ିଆ ପ୍ରଥମ ... ସ୍ଥାନ ଅଧିକାର କରିବାକୁ ସକ୍ଷମ ହୋଇ... ଏପ୍ରକାର ସ୍ଥଳରେ ଅପର ଛାତ୍ରମାନେ ... ଷ୍ଟା କଲେ ମଧ୍ୟ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବାକୁ ସକ୍ଷମ ହୋଇ ପାରିବାର ସମ୍ଭାବନା । ଅମ୍ଭେମାନେ ଆଶା କରୁଁ, ଆଗାମୀବର୍ଷ ଠାରୁ ... ଅନେକଗୁଡ଼ିଏ ଛାତ୍ର ପରୀକ୍ଷାସ୍ଥଳରେ ଉପ... ବାନମାନେ ଏହି ସମୟରୁ ଯତ୍ନ ... ବେ ।

---

କଲିକତା ବିଶ୍ୱବିଦ୍ୟାଳୟର
ପରୀକ୍ଷାର ଫଳ ।

ଗତ ଦୁଇବର୍ଷ ପରୀକ୍ଷାର ଫଳ ଅତ୍ୟନ୍ତ ... ଲେ ବାହାର ଥିବାରୁ ନାନା ଅସୁବିଧା ... ଲ ଏବଂ ବିଶେଷ ଗୋଳମାଳର ବିଷୟ ହୋଇ... ଥର ଯଥା ସମୟରେ ଫଳ ବାହାର କରି ... ବିଦ୍ୟାଳୟର କର୍ତ୍ତୃପକ୍ଷମାନେ ସର୍ବ ସାଧାରଣଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ... କରୁଁ ଭବିଷ୍ୟତରେ ଅନୁରୂପ ଠିକ ଫଳ ବା... ହେବ ।

ଭିନ୍ନ ପରୀକ୍ଷାର ସମାଲୋଚନା ନିମ୍ନେ ପ୍ରଦ... ତ ହେଲା ଯଥା—

ପ୍ରବେଶିକା ।

ଗତ ବର୍ଷ ୫୯୮୯ ପରୀକ୍ଷାର୍ଥୀ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୫୩୧, ୨ ୟରେ ୧୩୧୯ ଏବଂ ୩ୟରେ ୧୩୫୩ ମୋଟ ୩୧୯୩ ଜଣ, ଏବର୍ଷ ୧ମରେ ୧୦୦୨, ୨ୟରେ ୧୬୨୫ ଏବଂ ୩ୟରେ ୮୫୯ ମୋଟ ୩୫୨୬ ପାସ କରିଅଛନ୍ତି । ଏବର୍ଷ କେତେ ପରୀକ୍ଷାର୍ଥୀ ହୋଇଥିଲେ ଠିକ ଜଣା ନାହିଁ ମାତ୍ର ଗତ ଦୁଇବର୍ଷର ଅନୁପାତରେ ତାହା ୬୨୦୦ ରୁ ଅଧିକ ହେବ ନାହିଁ । ଅତଏବ ଦେଖାଯାଏ ଯେ ଗତ ବର୍ଷ ଶତକଡ଼ା ୫୩ ରୁ ଏବର୍ଷ ଶତକଡ଼ା ୫୫ ପାସ କରିଅଛନ୍ତି ଏବଂ ପ୍ରଥମ ଶ୍ରେଣୀରେ ଗତ ବର୍ଷର ପ୍ରାୟ ୨ଗୁଣ କୃତକାର୍ଯ୍ୟ ହୋଇଅଛନ୍ତି । ସୁତରାଂ ସଂଖ୍ୟା ଓ ଗୁଣ ଉଭୟରେ ଏବର୍ଷର ଫଳ ସନ୍ତୋଷଜନକ ଅଟେ ।

ଓଡ଼ିଶାରେ ଗତବର୍ଷ ୯୮ ଛାତ୍ର ମଧ୍ୟରୁ ୧ମରେ ୧୦, ୨ୟରେ ୨୭ ଏବଂ ୩ୟରେ ୨୪ ମୋଟ ୬୧ ଓ ଏବର୍ଷ ୧୦୮ ଛାତ୍ର ମଧ୍ୟରୁ ୧ମରେ ୧୭, ୨ୟରେ ୩୫ ଏବଂ ୩ୟରେ ୧୭ ମୋଟ ୬୯ ପାସ କରିଅଛନ୍ତି । ଅର୍ଥାତ ଗତବର୍ଷ ଶତକଡ଼ା ୫୮ ପାସ କରିଥିଲେ ଏବର୍ଷ ଶତକଡ଼ା ୬୪ ପାସ କରିଅଛନ୍ତି । ଏ ଫଳ ସର୍ବାଂଶରେ ବଡ଼ ଆନନ୍ଦପ୍ରଦ ଅଟେ । ଭିନ୍ନ ସ୍କୁଲର ଫଳ ନିମ୍ନଲିଖିତ ତାଲିକାରୁ ପ୍ରକାଶ ହେବ ଯଥା

| ନାମସ୍କୁଲ | ପରୀକ୍ଷାର୍ଥୀ | ପାସ ୧ମଶ୍ରେ: | ମୋଟ | ଶତକଡ଼ା |
|---|---|---|---|---|
| ରେଃ କଲେଜିଏଟ | ୨୫ | ୭ | ୨୨ | ୮୮ |
| କଟକ ମିଶନ | ୧୧ | ୩ | ୭ | ୬୪ |
| ପ୍ୟାରିମୋହନ ଆଃ | ୫ | ୦ | ୪ | ୮୦ |
| କେନ୍ଦ୍ରାପଡ଼ା | ୧୫ | ୧ | ୫ | ୩୩ |
| ଯାଜପୁର | ୬ | ୦ | ୧ | ୧୭ |
| ବାଲେଶ୍ୱର ମିଶନ | ୪ | ୦ | ୪ | ୧୦୦ |
| ” ଜିଲା | ୧୨ | ୨ | ୮ | ୬୭ |
| ଭଦ୍ରକ | ୩ | ୦ | ୩ | ୧୦୦ |
| ପୁରୀ | ୫ | ୨ | ୫ | ୧୦୦ |
| ଖୋରଧା | ୬ | ୧ | ୨ | ୩୩ |
| ଲକ୍ଷ୍ମଣନାଥ | ୩ | ୦ | ୩ | ୧୦୦ |
| ଢେଙ୍କାନାଳ | ୮ | ୦ | ୨ | ୨୫ |
| ମୟୂରଭଞ୍ଜ | ୫ | ୧ | ୩ | ୬୦ |

ଏଥିରୁ ଦେଖାଯାଏ ଯେ ସରକାରୀ ସ୍କୁଲ ମଧ୍ୟରେ ପୁରୁଣାଜିଲା ସ୍କୁଲ ସର୍ବୋଚ୍ଚସ୍ଥାନ ପାଇଅଛି ଏବଂ ଗତ ଦୁଇ ବର୍ଷରୁ ଏହିପରି ସୁଫଳ ଦେଖାଇ ଆସୁଥିବା ଅଧିକ ପ୍ରଶଂସାର ବିଷୟ । ରେଭେନ୍ସା କଲେଜିଏଟ ସ୍କୁଲରୁ ଗତ ବର୍ଷ ଶତକଡ଼ା ୭୭ ପାସ କରିଥିଲେ ଏବର୍ଷ ୮୦ ପାସ କରିଅଛନ୍ତି । ଏହି ସ୍କୁଲରୁ କ୍ରମାଗତ ଅଧିକ ଛାତ୍ର ପାସ କରୁଥିବା ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ଉଚ୍ଚ ସ୍ଥାନ ପାଉଥିବାରୁ ଅବଶ୍ୟ ବୋଲିବାକୁ ହେବ ଯେ ଏହାର କ୍ରମଶଃ ଉନ୍ନତି ହେଉଅଛି ଏବଂ ଓଡ଼ିଶାରେ ଏହା ସର୍ବଶ୍ରେଷ୍ଠ ବିଦ୍ୟାଳୟ ଅଟେ । ବାଲେଶ୍ୱର ଜିଲା ସ୍କୁଲରୁ ଗତ ବର୍ଷ ଶତକଡ଼ା ୪୫ ରୁ ଏବର୍ଷ ୬୭ ପାସ କରିଅଛନ୍ତି ସୁତରାଂ ଏହାର ମଧ୍ୟ ଉନ୍ନତି ବୋଲିବାକୁ ହେବ ।

ସାହାଯ୍ୟପ୍ରାପ୍ତ ସ୍କୁଲ ମଧ୍ୟରେ ଭଦ୍ରକ ବାଲେଶ୍ୱର ମିଶନ ଏବଂ ଲକ୍ଷ୍ମଣନାଥର ଫଳ ସନ୍ତୋଷଜନକ ହୋଇଅଛି । କଟକ ମିଶନ ସ୍କୁଲ ଶତକଡ଼ାରେ ଗତ ବର୍ଷଠାରୁ ଟିକିଏ ଊଣା ହେଲେହେଁ ସଂଖ୍ୟାରେ ଅଧିକ ପାସ କରାଇ ଉନ୍ନତିର ପରିଚୟ ଦେଇଅଛି । ପ୍ୟାରିମୋହନ ଏକାଡେମିର ଫଳ ଗତ ବର୍ଷ ସଙ୍ଗେ ପ୍ରାୟ ସମାନ ହେଲେହେଁ ପ୍ରଥମଶ୍ରେଣୀରେ କେହି ପାସ ନ କରିବା ଏବଂ ଗତ ବର୍ଷ ୬ ଜଣରୁ ଏବର୍ଷ ୪ ଜଣ ପାସ କରିବା ହେତୁ ମଧ୍ୟମ ବୋଲିବାକୁ ହେବ । କେନ୍ଦ୍ରାପଡ଼ାର ଫଳ ଗତ ବର୍ଷଠାରୁ ମନ୍ଦ ଏବଂ ଯାଜପୁର ତଦପେକ୍ଷା ଅଧିକ ମନ୍ଦ ହୋଇଅଛି । ଖୋରଧା ସ୍କୁଲର ଫଳ ମଧ୍ୟ ଗତ ବର୍ଷଠାରୁ ମନ୍ଦ ହୋଇଅଛି ।

ଓଡ଼ିଶା ଗଡ଼ଜାତ ମଧ୍ୟରେ କେବଳ ଢେଙ୍କାନାଳ ଏବଂ ମୟୂରଭଞ୍ଜରେ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଅଛି । ଗତବର୍ଷ ଢେଙ୍କାନାଳରୁ ଶତକଡ଼ା ୫୦ ଏବଂ ମୟୂରଭଞ୍ଜରୁ ଶତକଡ଼ା ୩୪ ପାସ କରିଥିଲେ । ତାହା ସଙ୍ଗେ ଏବର୍ଷର ଫଳ ମିଶାଇ ଦେଖିଲେ ମୟୂରଭଞ୍ଜ ପ୍ରଥମ ଏବଂ ଢେଙ୍କାନାଳ ୨ୟ ସ୍ଥାନ ପାଇବାର ପ୍ରକାଶ ହେବ ।

ଏଫ୍, ଏ, ପରୀକ୍ଷା ।

ଗତ ବର୍ଷ ପରୀକ୍ଷା ଦେଇଥିବା ୩୦୮୧ ଜଣ ମଧ୍ୟରୁ ୧ମ ଶ୍ରେଣୀରେ ୫୧, ୨ୟ ରେ ୨୭, ଓ ୩ୟରେ ମୋଟ ୧୦୫୫ ଜଣ ପାସ କରିଥିଲେ । ଏ ବର୍ଷ ୧ମ ଶ୍ରେଣୀରେ ୪୩, ୨ୟରେ ୨୩୮ ଏବଂ ୩ୟରେ ୯୨୬ ମୋଟ ୧୨୦୭ ଜଣ ପାସ କରିଅଛନ୍ତି । ଏ ବର୍ଷ କେତେ ଜଣ ପରୀକ୍ଷା ଦେଇଥିଲେ ଅଦ୍ୟାପି ଜାଣି ପାରୁ ନାହୁଁ । ପୂର୍ବ ବର୍ଷ ମାନଙ୍କର ବାର୍ଷିକ ବୃଦ୍ଧି ଅନୁପାତରେ ପରୀକ୍ଷାର୍ଥୀ ସଂଖ୍ୟା ୩୧୦୦ ଅନୁମାନ କଲେ ଶତକଡ଼ା ୩୯ ପାସ କରିବାର ଦେଖା ଯାଉଅଛି । ମାତ୍ର ଗତ

Digitized by srujanika@gmail.com

Split by PDF Splitter



ବର୍ଷଶତକଡ଼ା ୫୬ ଏବଂ ତହିଁ ପୂର୍ବ ବର୍ଷ ଶତକଡ଼ା ୭୮ ପାସ କରିଥିଲେ । ଅତଏବ ଏ ବର୍ଷର ଫଳ ଗତ ବର୍ଷଠାରୁ ଉତ୍କୃଷ୍ଟ ଏବଂ ତହିଁ ପୂର୍ବ ବର୍ଷ ସଙ୍ଗେ ପ୍ରାୟ ସମାନ ହୋଇଅଛି । ଅଧିକ ଖୁସିର ବିଷୟ ଏହି କି ଗତ ବର୍ଷଠାରୁ ଏ ବର୍ଷ ପାସ କରିବା ଛାତ୍ର ସଂଖ୍ୟା ଦୁଇଶତରୁ ଉଣା ପଡ଼ି ଅଛନ୍ତି ।

ଓଡ଼ିଶା ରେଭେନ୍‌ସା କଲିଜିଏଟ ସ୍କୁଲରୁ ଗତ ବର୍ଷ ୩୬ ଜଣ ପରୀକ୍ଷା ଦେଇ ୩୦ଣ ୧ମ, ୩୨ଣ ୨ୟ ଏବଂ ୩୧୯ଣ ୩ୟରେ ସାଏ ୩୨୨ଣ ଅର୍ଥାତ୍ ଶତକଡ଼ା ୫୫ ପାସ କରିଥିଲେ । ଏ ବର୍ଷ ପରୀକ୍ଷାରେ ୩୨୫ଣ ଉପସ୍ଥିତ ହୋଇ ସେମାନଙ୍କ ମଧ୍ୟରୁ ୩୮ଣ ୨ୟ ଶ୍ରେଣୀ ଏବଂ ୩୧୩ଣ ୩ୟ ଶ୍ରେଣୀ ସାଏ ୩୧୪ଣ ଶତକଡ଼ା ୪୮ ପାସ କରିଅଛନ୍ତି । ସୁତରାଂ ପରୀକ୍ଷା ଦେବା ଛାତ୍ର ସଂଖ୍ୟା ଅଥବା ପରୀକ୍ଷାର ଫଳ କୌଣସି କଥାରେ ଉନ୍ନତି ନାହିଁ ଏବଂ ଯଦ୍ୟପିକି ବଙ୍ଗ ପ୍ରଦେଶର ମୋଟ ଫଳ ତୁଳନାରେ ଟିକିଏ ଭଲ ଦେଖାଯାଏ ତଥାପି କଲିକତାର ପ୍ରେସିଡେନ୍‌ସି କଲେଜରେ ଶତକଡ଼ା ୬୪, ବେଥୁନ କଲେଜରେ ଶତକଡ଼ା ୬୦ ପାସ କରିଥିବା ସ୍ଥଳେ କଟକର ପ୍ରଶ୍ନ ହେତୁ ମନ୍ଦଫଳ ଘଟିବାର ବୋଲିଯାଇ ନ ପାରେ ।

ବି, ଏ, ପରୀକ୍ଷା ।

ଗତ ବର୍ଷ ୧୬୩୨ ପରୀକ୍ଷାର୍ଥୀ ମଧ୍ୟରୁ ଅନରରେ ୬୯୮ଣ ଏବଂ ପାସ ଶ୍ରେଣୀରେ ୬୩୪୬ଣ ସାଏ ୪୪୩ ପାସ କରିଥିଲେ । ଏ ବର୍ଷ ଅନରରେ ୧୧୨ ଏବଂ ପାସରେ ୩୬୪ ସାଏ ୬୩୭୬ଣ ପାସ କରିଅଛନ୍ତି । ଅତଏବ ଏବର୍ଷର ଫଳ ସର୍ବାଂଶରେ ଉତ୍କୃଷ୍ଟ ହୋଇଅଛି ।

ଏଠା ରେଭେନ୍‌ସା କଲେଜରୁ ଗତ ବର୍ଷ ୬୧୬ଣ ପରୀକ୍ଷାର୍ଥୀ ମଧ୍ୟରୁ ୬୮ଣ ପାସ କରିଥିଲେ । ଏବର୍ଷ ୬୧୫ଣ ପରୀକ୍ଷାର୍ଥୀ ମଧ୍ୟରୁ ଅନରରେ ୬୩ଣ ଏବଂ ପାସରେ ୬୬ଣ ସାଏ ୬୯ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଗତ ଦୁଇ ବର୍ଷ ଅନରରେ କେହି କୃତକାର୍ଯ୍ୟ ହୋଇ ନ ଥିଲେ ଅତଏବ ଏ ବର୍ଷ ଗତ ବର୍ଷଠାରୁ ଏକ ଜଣ ଅଧିକ ଏବଂ ୬୩ଣ ଅନରରେ ପାସ କରିବା, ବଡ଼ ସନ୍ତୋଷଜନକ ଅଟେ ଏବଂ ଅଧିକର ଆନନ୍ଦର ବିଷୟ ଏହି କି ଏକ ଜଣ ସ୍ତ୍ରୀ ଅନରରେ ପାସ କରିଅଛି । ଯାହା କି ଏଠା କଲେଜରେ କେବେ ଘଟି ନ ଥିଲା । ଏହି ଉତ୍କୃଷ୍ଟ ଫଳ ନିମନ୍ତେ କଲେଜର ଅଧ୍ୟକ୍ଷ ବାବୁ ଗୋଲକଚନ୍ଦ୍ର-ଶବାଳଙ୍କୁ ମଙ୍ଗଳବାଦ ପ୍ରଦାନ କରୁଅଛୁଁ ।

---

## ଉଦ୍ଧୃତ ।

### କାରବାରର ଉନ୍ନତି ।

କୌଣସି ବ୍ୟବସାୟର ଉନ୍ନତି କରିବାକୁ ହେଲେ ଯେଉଁ ସବୁ ନିୟମ ପାଳନ କରି ଚଳିବାକୁ ହୁଏ ତହିଁ ମଧ୍ୟରୁ ପ୍ରଧାନ୨ କେତୋଟି ନିମ୍ନେ ଉଲ୍ଲେଖ କରା ଯାଉଅଛି । ଏହି ନିୟମ ଗୁଡ଼ିକ ବ୍ୟବସାୟରେ "ଉନ୍ନତିଶୀଳ" କେତେକ ଜଣ ଇଉରୋପୀୟଙ୍କର ଅଭିଜ୍ଞତା ପ୍ରସୂତ- ବ୍ୟବସାୟରେ ପ୍ରବୃତ୍ତ ଲୋକଙ୍କର ଉପକାରାର୍ଥେ ଉସ୍ଂମ୍ୟାନ ନାମକ ପତ୍ରିକାରୁ ବିଲାତର "ରିଭିଉ ଅଫ୍ ରିଭିଉଜ୍" ପତ୍ରିକାରେ ଉଦ୍ଧୃତ ହୋଇଅଛି ।

ସ୍ୟାର ଟମାସ ଲିପ୍‌ଟନ କହନ୍ତି, "ଉଦ୍ଦେଶ୍ୟ ବିହୀନ କାର୍ଯ୍ୟରେ ପ୍ରକୃତ ଫଳଲାଭ ଘଟେ ନାହିଁ । କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ମନେ ରଖି, ଯେବେ କେହି କୌଣସି ବ୍ୟବସାୟରେ ପ୍ରବୃତ୍ତ ହୁଏ ଏବଂ ସେଥିପାଇଁ ଯଥେଷ୍ଟ ପରିଶ୍ରମ କରେ, ସୁବୁଦ୍ଧି ପରିଚାଳନ କରିବାରେ ଧୀର ଓ ଆଗ୍ରହ ପ୍ରକାଶ କରେ, ସ୍ୱଜାତି ମଧ୍ୟରେ ବଡ଼ ଲୋକ ହେବ ଏମନ୍ତ ଭଲେ ମନେ ନ କରେ, ଅନ୍ୟମାନଙ୍କ ଅପେ ଯେପରି ବ୍ୟବହୃତ ହେବାକୁ ଇଚ୍ଛା କରେ, ଅନ୍ୟ ପ୍ରତି ଯେବେ ସେହିପରି ବ୍ୟବହାର କରେ, ତାହା ହେଲେ ତାହାର ବ୍ୟବସାୟରେ ଉନ୍ନତିଲାଭର ପଥରେ ଆଉ କୌଣସି ଅନ୍ତରାୟ କାରଣ ରହିବ ନାହିଁ ।"

ଟାଇମସ୍ ପତ୍ରର ମ୍ୟାନେଜର ମିଃ ମୋବାର୍‌ଲି କହନ୍ତି "ପ୍ରଥମେ ସ୍ୱାସ୍ଥ୍ୟର ଖୋଜ ନା । ଲୋକେ ମଦ ଖଣ୍ଡି କେତେ ସ୍ୱଚ୍ଛ ଖାଦ୍ୟ ଦେଖନ୍ତି, ମନର ପ୍ରଥମ ଧାପର ନିରତା ଦେଖନ୍ତି ନାହିଁ, ଦେଖିବାର ଅବଶ୍ୟକ ମଧ୍ୟ ବୁଝନ୍ତି ନାହିଁ । ତୁମ୍ଭର ଚଳ କାର୍ଯ୍ୟ ଠିକ ଯେତେବେଳେ ଉତ୍ତମରୂପେ ବୁଝି ପାରିବ, ସେତେବେଳେ ତୁମ୍ଭ ଉପରସ୍ଥ ବ୍ୟକ୍ତିର କାର୍ଯ୍ୟ ଠିକ ଦେଖି ଅନୁଭବ କରିନେବାକୁ ସକ୍ଷମ ହେବ; ତୁମ୍ଭକୁ ଯେବେ କୌଣସି ଦ୍ରବ୍ୟ କ୍ରୟ ପରୀକ୍ଷା କରିବାକୁ ହୁଏ, ତେବେ ସେହି ଦ୍ରବ୍ୟକୁ ଏପରି ଗ୍ରାହକ ଯେମନ୍ତ କି ସେପରି ପରିଷ୍କାର ପରିଚ୍ଛନ୍ନତା ଅଉ କୌଣସିଠାରେ ଦେଖିବାକୁ ନ ମିଳେ । ଫଳ କଥା କାର୍ଯ୍ୟକର୍ତ୍ତା ଏହିପରି ଧ୍ୟାନ ରୂପେ ସମ୍ପନ୍ନ କରିବ ।"

ସ୍ୱାର ଜର୍ଜ ନ୍ୟୁନସ ଓ ମିଃ ପିଆର୍‌ସନଙ୍କର ମତ ଏହିପରି ମତ । ସ୍ୱାର ଜର୍ଜ ନ୍ୟୁନସ ଏହି ଗୁଡ଼ିକ ସଂକ୍ଷେପ କରି ଗୋଟିଏ କଥାରେ ତାହାଙ୍କର ପରାମର୍ଶ ଲିପିବଦ୍ଧ କରିଅଛନ୍ତି । ସେ କହନ୍ତି "ଜଗତରେ କୌଣସି କାର୍ଯ୍ୟରେ ସଫଳତା ଲାଭ କରିବାକୁ ହେଲେ ଲୋକେ ନିଜର ଆମୋଦ ପ୍ରମୋଦ ସୁଖ ସ୍ୱଚ୍ଛନ୍ଦତା ବିଷୟରେ ଯେପରି ଯତ୍ନ ଓ ଆଗ୍ରହ ପ୍ରକାଶ କରି ଥାଆନ୍ତି ଏଥିରେ ମଧ୍ୟ ସେହିପରି ଯତ୍ନ ଓ ଆଗ୍ରହ ପ୍ରକାଶ କରିବ ।"

ମିଃ ପିଆର୍‌ସନ କହନ୍ତି, "ପିଲାମାନେ ଖେଳିବା ସମୟରେ ଯେପରି ସବୁ କାର୍ଯ୍ୟର ବ୍ୟବସ୍ଥା କରି ନିଅନ୍ତି, ପଢ଼ିବା ସମୟରେ ସେପରି କରନ୍ତି ନାହିଁ । କ୍ରିକେଟ ଖେଳିବା ସମୟରେ ସେମାନେ ଖେଳିବାର ଉପକରଣ ସାମଗ୍ରୀ ଗୁଡ଼ିକ ଯଥାଯଥ ବ୍ୟବସ୍ଥିତ କରି ରଖନ୍ତି । ବ୍ୟବସାୟ ସ୍ଥଳରେ ତୁମ୍ଭଙ୍କୁ ପିଲାମାନଙ୍କର ଏହି କ୍ରିକେଟ ଖେଳ ସ୍ମରଣ ରଖି ସମସ୍ତ କାର୍ଯ୍ୟର ସୁବ୍ୟବସ୍ଥା କରି ନେବାକୁ ହେବ । ଏପରି ଗୋଟିଏ ବ୍ୟବସାୟ ନିଜପାଇଁ ନିର୍ବାଚନ କରିନେବ ଯହିଁ ପାଇଁ କାର୍ଯ୍ୟ କରିବାକୁ ଶେଷରେ ତୁମ୍ଭର ବିରକ୍ତି ନ ହୁଏ । ଯେଉଁ ବ୍ୟବସାୟଟି ତୁମ୍ଭ ପକ୍ଷରେ ଉତ୍ତମ ଉପଯୋଗୀ ଭାବି ବୋଧ ହେବ ସେହିଟି ଅବଲମ୍ବନ କରି ଅଠାପରି ସେଥିରେ ଲାଗି ରହିବ ।" ... ତୁମ୍ଭର ନିଜସ୍ୱ ସ୍ୱଭାବ ତନ୍ମୟ କରିବ ଏବଂ ସେତେବେଳେ ସଫଳତା ଲାଭ କରିବାକୁ ଯାଇ କେତେବେଳେ ଗୋଟିଏ ଅବସର ଖୋଜିବ ନାହିଁ ।"

ଅଲ୍‌ଡାର ମ୍ୟାନ ଟ୍ରିଲୋର କହନ୍ତି "ତୁମ୍ଭର କାର୍ଯ୍ୟର ଅନ୍ତର୍ଗତ ସୂକ୍ଷ୍ମ ବିଷୟଗୁଡ଼ିକ ସର୍ବଦା ସ୍ମରଣ ରଖିବ । ସାର ଉଇଲ୍‌ଡ଼ି ଥାର୍ଡ଼ ନିଜଙ୍କ ସମ୍ବନ୍ଧରେ ଏହିପରି ପରାମର୍ଶ ... ଦେଇଅଛନ୍ତି । ସେ କହନ୍ତି ଯେ ତାଙ୍କର ବ୍ୟ... ଅନ୍ତର୍ଗତ ଅତି ସାମାନ୍ୟ ସାମାନ୍ୟ କାର୍ଯ୍ୟ ପ୍ରତି ତାଙ୍କର ସର୍ବଦା ମନୋଯୋଗ ଥିବା ଦ୍ୱାରା ସେ ... ଥିରେ ସଫଳତା ଲାଭ କରିଅଛନ୍ତି । ତାଙ୍କର କଥା ଏହି ଯେ, ତଳେ ଦେଖିବାକୁ ଅବଶ୍ୟକ ନ ହେବ ଏପରି କୌଣସି କଥା କାରବାର ମଧ୍ୟରେ ନ ଥାଇ ନାହିଁ । କୌଣସି କାର୍ଯ୍ୟ ଯେତେ ସାମାନ୍ୟ ହେଲେହେଁ, ତଳେ ତାହା ଦେଖିବା ଉଚିତ ।"

ମିଃ ଜେ ଏସ ପ୍ରାଇ କହନ୍ତି, "ଯେତେବେଳେ ଯେଉଁ କାର୍ଯ୍ୟଟି କରିବାକୁ ହେବ ସେତେବେଳେ ଅନ୍ୟ କୌଣସି କାର୍ଯ୍ୟରେ ମନ ନ ଦେଇ ସେହି କାର୍ଯ୍ୟରେ ସମ୍ପୂର୍ଣ୍ଣ ମନ ଦେବାକୁ ହେବ ସଫଳତା ପ୍ରଧାନତଃ ଏହି ମତ ଉପରେ ନିର୍ଭର କରେ ।"

Digitized by srujanika@gmail.com

ଏତଦ୍ଦ୍ୱାରା ଓଡ଼ିଶାର ସମସ୍ତ ଓଡ଼ିଆ ସ୍କୁଲ ଛାତ୍ରୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଅମୃତ ପରଲୋକ ଗତା ଶ୍ରୀମତୀ ମହାଦେବୀ ଦେଇଙ୍କ ନାମ ସ୍ମରଣ ରଖିବା ନିମନ୍ତେ ସ୍ମରଣାର୍ଥେ ଆମ୍ଭେ ଟ ୭୯ କାର "ମହାଦେବୀ ପୁରସ୍କାର" ଦେବାକୁ ଇଚ୍ଛୁକ ଅଛୁଁ । ଆଗାମୀ ଛାତ୍ରବୃତ୍ତି ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିବା ବାଳିକା ଏହି ପୁରସ୍କାର ପାଇବେ ।

୬।୭।୯୯ } ଶ୍ରୀ ମାଧବଚନ୍ଦ୍ର ମିଶ୍ର ସୁପରିଣ୍ଟେଣ୍ଡେଣ୍ଟ ଗଭର୍ଣ୍ଣମେଣ୍ଟ ହୋଷ୍ଟେଲ ଖୋର୍ଦ୍ଧା

## NOTICE

GRAND FOOT-BALL & CRICKET MATCH,
The White Rose, Vs. The Red Rose,
KHURDA H. E. SCHOOL.

Time for Cricket 7 to 11 A. M. of 6th August 1899

Time for Football 5-30 to 6-30 P. M. of Do.

Place—Government Hostel maidan.

The result will be published soon after the match is over.

The 5th July 1899 } M. C. Misra, Superintendent Government Hostel KHURDA.

## NOTICE

Cuttack District Board.

Tenders are hereby invited for the execution of the undermentioned works on the Hansuah Drainage at Adhang, Parganah Harihurpur.

Intending Tenderers can obtain all information from the District Engineer's Office. Tenders will be on Form No. 2 which will be supplied free of charge.

Tenders are to be submitted to the District Engineer before the 1st Augt. 1899 in sealed covers superscribed "Tender for Hansuah Bridge."

If the amount of Tender does not exceed Rs. 2000. the Tender must be accompanied by Rs. 50/- in currency notes as earnest money, if above that amount Rs. 100/- earnest money must be deposited.

The General specification of work, Orissa Circle will be in force.

The Chairman District Board does not bind himself to accept the lowest or any Tender.

| Approximate quantities | Description of works | Rate | Date of completion |
| --- | --- | --- | --- |
| 4,000 c. ft. | Earth work in Foundation, | | End of March 1900 |
| 1,700 " | Concrete in Do. | | |
| 8,700 " | 1st Class Brick Masonry, | | |
| 20,000 " | Earth work in diverting Nala. | | |
| 2,29,000 " | Earth work in Embankment across nala including preliminary dressing. | | |
| 2,450 " | Laterite Rubble, delivered at site. | | |
| 8,450 " ft. | Laterite Rubble, pitching only. | | 15th Augt 1900 |
| 26,500 s. ft. | Turfing and final dressing. | | |
| 108 c. ft. | Sal wood work. | | |
| 1760 s. ft. | Sand and lime plastering. | | |
| 90 Maunds | Iron—Carting from Jobra to site. | | |

Cuttack District Engineer's Office, The 4th July 1899. } Luis E. Desgratoulet, District Engineer Cuttack.

ବିଜ୍ଞାପନ ।

ଅନୁଗୋଳ ଜେଲ ଲାଗି ଜଣେ ଆସିଷ୍ଟାଣ୍ଟ ଜେଲର ଆବଶ୍ୟକ ।

ପ୍ରାର୍ଥୀଙ୍କର ନିମ୍ନଲିଖିତମତେ ଯୋଗ୍ୟତା ଥିବାର ଆବଶ୍ୟକ ।

( ୧ ) ସରକାରୀ କାର୍ଯ୍ୟପାଇଁ ଶାରୀରିକ ସ୍ୱାସ୍ଥ୍ୟ ଓ ସବଳତା ବିଷୟରେ ସିଭିଲସର୍ଜନଙ୍କର ସାର୍ଟିଫିକେଟ ।

( ୨ ) ବୟସ ୨୫ ବର୍ଷରୁ ଊର୍ଦ୍ଧ୍ୱ ହୋଇ ନାହିଁ ଏବଂ ଉଚ୍ଚତା ୫ ଫୁଟ ୬ ଇଞ୍ଚରୁ ନ୍ୟୁନ ହୋଇ ନାହିଁ ।

( ୩ ) କଲିକତା ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ଏବଂ ଇଂରାଜୀ ଓ ଓଡ଼ିଆ ଉଭୟ ଭାଷାରେ ଅଭିଜ୍ଞ, ଆବଶ୍ୟକ ।

ନିମ୍ନ ସ୍ୱାକ୍ଷରକାରୀଙ୍କଦ୍ୱାରା ଆବେଦନ ପତ୍ରମାନ ଆସନ୍ତା ଜୁଲାଇ ମାସ ଶେଷ ତାରିଖ ପର୍ଯ୍ୟନ୍ତ ଗୃହୀତ ହେବ ।

Angul Dy. Comr's office Angul the 28th June 1899 } E. Mc. L. Smith Deputy Commissioners

ବିଜ୍ଞାପନ ।

ବର୍ତ୍ତମାନ ମାଇନର ସ୍କୁଲ ନିମନ୍ତେ ମାସିକ ଟ ୧୦ ୯ ବେତନରେ ଏକ ଜଣ ହେଡ଼ପଣ୍ଡିତ ଆବଶ୍ୟକ । ପୋ : ଅ : ବଡ଼ଗୁଡ଼ ଠିକଣାରେ ସମ୍ପାଦକଙ୍କ ନିକଟକୁ ଆବେଦନପତ୍ର ପଠାଇବାକୁ ହେବ ।

ଆମ୍ଭର ଓଡ଼ିଆ ସ୍ମୃତି ଗତ ଜୁନ ମାସ ତା ୨୫ରିଖ ଗରେ ଶ୍ରୀଯୁକ୍ତ ବାବୁ ଗୋପାଳବଲ୍ଲଭ ଦାସ ଏମ୍, ଏ, ବାବୁ ଜନାର୍ଦ୍ଦନ ପାଲିତ ବି, ଏଲ୍, ଓ ମିଷ୍ଟର ଜେ, କେ, ରବିନ୍ସନ ସାହେବଙ୍କ ପରୀକ୍ଷାରେ ହୋଇଥିଲା ସେଥିରେ ନିମ୍ନଲିଖିତ ବ୍ୟକ୍ତିମାନଙ୍କ ନାମରେ ଉଠିଅଛି —

ପ୍ରଥମ ହିସାବ ନ ୪୭ ନମ୍ବର ଶ୍ରୀବାବୁ [illegible]ନାଥ କଣ୍ଟରଗୋଷ । ସା । ମଣିକଗୋଷ ବଜାର କଟକ । ଦ୍ୱିତୀୟ ହିସାବ ନ ୧୬୮ ନମ୍ବର ଜବଲ୍ ଉଲ୍ଲସ ସାହେବ ବି, ଏଲ୍ ରେଭେନ୍ସା ସହର । ତୃତୀୟ ହିସାବ ନ ୨୨୦ ନମ୍ବର ଶ୍ରୀ ବାବୁ ବଳଦେବ ମହାପାତ୍ର । ସା । ଯେଳବନ୍ଧାର କଟକ ।

ତୃତୀୟ ଓଡ଼ିଆ ପାଇଥିବା ବ୍ୟକ୍ତି ... ସାହେବ ଦ୍ୱିତୀୟମାନରେ ବାହାର ନ ହୋଇଥିବ ଉକ୍ତ ଗତ ଯୋଗନଜନ୍ମ ଦାସ ଙ୍କ [illegible]

Split by PDF Splitter



କାରଣ ତାଙ୍କ ଜମା ନେଇଥିବା ଓ ଗୋବିନ୍ଦ ଚନ୍ଦ୍ର ଦାସଙ୍କଦ୍ୱାରା ନ ୨୨୦ ମର ଡିକ୍ରି ବିକି ହୋଇଥିବାରୁ ସେ ଉକ୍ତ ଓ୍ୟାଚ ବାବୁ ହରିହର ମହାପାତ୍ରଙ୍କୁ ଦେଖାଇଣ ନେଇଅଛନ୍ତି ଅତଏବ ଆମ୍ଭେ ଅନୁରୋଧ କରୁଁ ଯେ ବାବୁ ହରିହର ମହାପାତ୍ର ତାଙ୍କଠାରୁ ବୁଝି ନେବେ।

ଶ୍ରୀ ସେଖ ଅବଦୁଲ ଅଜିଜ
ଚୌଧୁରୀ ବଜାର କଟକ

## ବିଜ୍ଞାପନ।

### ସୁଲଭ ନୂତନ ପୁସ୍ତକ।

ଏପରି ପୁସ୍ତକ ଓଡ଼ିଆରେ କେବେ ବାହାରି ନାହିଁ।

ସଟୀକ।

ଫୌଜଦାରୀ ମକଦ୍ଦମାର କାର୍ଯ୍ୟ ପ୍ରଣାଳୀ ବିଷୟକ ୧୮୯୮ ସାଲର ୫ ଆଇନ।

ସାର ମହାଶୟଙ୍କ ଠାରୁ ଆରମ୍ଭ କରି ଉଲେଜ ହେଡ଼ମ୍ୟାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଏ ବହି ଲୋଡ଼ା।

ଏଥିରେ ଶୁଦ୍ଧ ହାଇକୋର୍ଟଙ୍କର ନଜିରମାନ ପୋଲିସ ମ୍ୟାନୁଏଲର ନିୟମମାନ ଓ ଗବର୍ଣ୍ଣମେଣ୍ଟଙ୍କ ସର୍କ୍ୟୁଲର ଆଦି ଟୀକାସ୍ୱରୂପ ଓ କୋର୍ଟଫିସ ଆଇନର ଅବଶ୍ୟକୀୟ ଅଂଶମାନ ଓ ଗଡ଼ଜାତ ସମ୍ବନ୍ଧୀୟ ୧୮୭୧ ସାଲର ସମ୍ପୂର୍ଣ୍ଣ ୨୧ ଆଇନ ଦିଆ ଯାଇଅଛି।

ଆଇନ ସଙ୍ଗେ ହାଇକୋର୍ଟଙ୍କ ନଜିର ଓ ପୋଲିସ ମାନୁଏଲର ନିୟମମାନ ଏକତ୍ରରେ ଅଛି। କିନ୍ତୁ ଇଂରାଜୀ ବହିରେ ହିଁ ଏପରି ସୁବିଧା କ୍ୱଚିତ୍ ଦେଖାଯାଏ। ପୋଲିସ କର୍ମଚାରୀ ଓକୀଲ ମୁକ୍ତାର ଓ ସାଧାରଣ ଲୋକଙ୍କର ଏଥିରେ ବିଶେଷ ସୁବିଧା।

ସରକାରୀ ଛପା ବଙ୍ଗଳା ଆଇନର ମୂଲ୍ୟ ଟ ୪୷ ଓଡ଼ିଆ ବହିର ମୂଲ୍ୟ ଟ ୩୷ ସ୍ଥଳେ ସଟୀକ ବହିର ମୂଲ୍ୟ ଟ ୩୧ ଙ୍କା ମାତ୍ର ଡାକ ମାସୁଲ ଟ ୦ ୷୨।

ଦର୍ପଣ ପ୍ରେସର ମ୍ୟାନେଜର ପଣ୍ଡିତ ଶ୍ରୀକଣ୍ଠେଶ୍ୱର ମିଶ୍ର ପଣ୍ଡିତ ଶ୍ରୀ ସ୍ୱୟମ୍ଭୂସିନ୍ଧୁ ମୁଦୁର୍ଦ୍ଧାଙ୍କ ନିକଟରେ ଓ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଓ ଅନ୍ୟାନ୍ୟ ପୁସ୍ତକ ଦୋକାନରେ କିଣିବାକୁ ମିଳିବ।

କଟକ
ତା ୨୧ ଶ
ଅପ୍ରେଲ ୧୮୯୯

ଶ୍ରୀ ଗୋପାଳବଲ୍ଲଭ ଦାସ
ଓଡ଼ିଶାଇନସ୍ପେକ୍ଟରଙ୍କ
ପର୍ସୋନାଲ ଆସିଷ୍ଟାଣ୍ଟ

ହୋମିଓପାଥିକ ଔଷଧ ଡ୍ରାମ ଟ ୦/୫ ଟ ୦/୧୦ ପଇସା ଏନ୍ କେ ମଜୁମଦାର ଏଣ୍ଡ କୋଂ ନ ୨୫୭ ମଇ ଅପର ଚିତ୍ପୁର ରୋଡ କଲିକତା ଏହି ଔଷଧାଳୟ ଜଣେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ପରିଚାଳିତ। କେବଳ ଆମେରିକାରୁ ଔଷଧ ଆମଦାନୀ ହୁଏ ଚିଠି କର୍ଲେ ପୁସ୍ତକ ଓ ନାନାବିଧ ଦ୍ରବ୍ୟାଦିର ମୂଲ୍ୟ ମଧ୍ୟ ଅତି ସୁଲଭ। କଲେରା ବାକ୍ସ ପୁସ୍ତକ କ୍ୟାମ୍ଫର ଡ୍ରପାର ସହ ୧୨, ୨୪, ୩୦, ୪୮ ଶିଶି ୨, ୩, ୩୷, ୫ ଗୃହ ଚିକିତ୍ସାର ବାକ୍ସ ୧୨, ୨୪, ୩, ୪୮ ୬୦, ୭୨ ୧୪ ଶିଶି ୨.୩ ୩, ୫। ୬ ୭, ୧୧।

## ଆୟୁର୍ବେଦୀୟ ଔଷଧାଳୟ।

### ପ୍ରମେହସୁଧା ଗନୋରିଆର ଅବ୍ୟର୍ଥ ମହୌଷଧ।

ଏହି ଔଷଧ ଶୁକ୍ରମେହ, ପିତ୍ତଜନ୍ୟମେହ ସପୂଜମେହ (ଗନୋରିଆ) ଖଡ଼ିଜଳ ତୁଲ୍ୟ ପ୍ରସ୍ରାବ ଶୋଣିତସ୍ରାବ, ମୂତ୍ରନାଳୀର କ୍ଷତ, ପ୍ରସ୍ରାବର ପୋଡ଼ା ଜଳା ପ୍ରଭୃତି ପକ୍ଷରେ ଆଶୁଫଳଦାୟକ। ଯଥାବିଧି ବ୍ୟବହାର କଲେ ସର୍ବପ୍ରକାର ଦୁଃସାଧ୍ୟ ମେହ ଓ ତଜ୍ଜନିତ ଉପଦ୍ରବାଦି ସମ୍ପୂର୍ଣ୍ଣ ବିନଷ୍ଟ ହୁଏ।

ଏକଶିଶିର ମୂଲ୍ୟ ଟ ୨, ଭି, ପି, ଟ ୦୷, ପ୍ୟାକିଂ ଟ ୦ ୷, ଡାକମାସୁଲ ଟ ୦।

### ଅମୃତାଦିକଷାୟ ବା ଦେଶୀ ସାଲସା।

ଅମ୍ଭମାନଙ୍କର ଏହି ଅତ୍ୟାଶ୍ଚର୍ଯ୍ୟଗୁଣାନ୍ୱିତ ରକ୍ତଦୁଷ୍ଟିର ଅମୋଘ ଔଷଧ ଅମୃତାଦିକଷାୟ ବା ଦେଶୀୟ ସାଲସା ଦେଶଜ ନାନାବିଧ ଉତ୍କୃଷ୍ଟ ଶୋଣିତଶୋଧକ ଲତା ଓ ବୃକ୍ଷରୁ ପ୍ରସ୍ତୁତ ହୋଇ ଅଛି। ଏଥିରେ ଏପରି କେତେଗୁଡ଼ିଏ ସାରବାନ ଲତା ଓ ବୃକ୍ଷର ରସ ଅଛି ଯେ ସେବନ ମାତ୍ରକେ ମନ ପ୍ରାଣ ପ୍ରଫୁଲ୍ଲ ହୁଏ ଏବଂ କୋଷ୍ଠ ପରିଷ୍କାର ଓ କ୍ଷୁଧା ବୃଦ୍ଧି ହୁଏ। ଯେ କୌଣସି କାରଣରୁ ରକ୍ତ ଓ ପିତ୍ତଦୁଷ୍ଟି, ପାରଦଜନିତ କ୍ଷତ, ଉପଦଂଶଜନିତ କ୍ଷତ, କିମ୍ବା ଅନ୍ୟବିଧ ଦୂଷିତ କ୍ଷତ, ଗଳିତକୁଷ୍ଠ, ଆମବାତ, ବିସ୍ଫୋଟକ, ଖାଦ୍‌କଣ୍ଡୁ, କାଛୁ, କୁଣ୍ଡିଆ ପ୍ରଭୃତି ସର୍ବବିଧ ଚର୍ମରୋଗ ପକ୍ଷରେ, ଦୂଷିତ ରକ୍ତ ପରିଷ୍କାର କରିବାପାଇଁ ଶାରୀରିକ ଦୌର୍ବଲ୍ୟ, କୃଶତା, ଧାତୁକ୍ଷୀଣତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବ ପାଇଁ ଏହାହିଁ ଏକମାତ୍ର ଔଷଧ। ସହସ୍ର ସ୍ଥଳରେ ପରୀକ୍ଷାଦ୍ୱାରା ଜଣା ଯାଇଅଛି ବିଲାତି ସାଲସା ଅପେକ୍ଷା ଏହା ସର୍ବଗୁଣରେ ଉତ୍କୃଷ୍ଟ।

ଏକଶିଶିର ମୂଲ୍ୟ ଟ ୧।, ଏକଡଜନର ମୂଲ୍ୟ ଟ ୧୨, ଭି, ପି, ଟ ୦ ୷, ପ୍ୟାକିଂ ଟ ୦ ୷, ଡାକମାସୁଲ ଟ ୦ ୱ।

### ବହୁଦଶ୍ୟଗନ୍ଧାରସାୟନ।

ଏହି ଔଷଧ ଶୁକ୍ରବର୍ଦ୍ଧକ, ବଳକାରକ, ସର୍ବଧାତୁପୋଷକ, ଧାତୁଦୌର୍ବଲ୍ୟ, ଶୁକ୍ରମେହ, ଧ୍ୱଜଭଙ୍ଗ, ବାତବ୍ୟାଧି, ମୂର୍ଚ୍ଛା, ଉନ୍ମାଦ, ସ୍ୱପ୍ନଦୋଷ ପ୍ରଭୃତି ରୋଗରେ ଆଶୁଫଳପ୍ରଦ। ଏହା ସେବନ କଲେ କୋଷ୍ଠ ପରିଷ୍କାର ହୋଇ କ୍ଷୁଧା ବୃଦ୍ଧି ହୁଏ, ଶୁକ୍ରତାରଲ୍ୟ ଓ କ୍ଷୀଣଶୁକ୍ରତା ବିନଷ୍ଟ କରି ଶରୀର ହୃଷ୍ଟପୁଷ୍ଟ ବଳିଷ୍ଠ କରିବା ପକ୍ଷରେ ଏହା ଏକମାତ୍ର ଔଷଧ।

ଏକଶିଶିର ମୂଲ୍ୟ ଟ ୨୷, ଭି, ପି, ଟ ୦୷ ପ୍ୟାକିଂ ଟ ୦ ୷ ଡାକମାସୁଲ ଟ ୦ ୱ।

### ସ୍ୱପ୍ନସୁଧା

ସ୍ୱପ୍ନଦୋଷ ଯେ ଗୋଟିଏ ଭୟାନକ ରୋଗ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ; ଭୁକ୍ତଭୋଗୀ ମାତ୍ରକେ ଏହା ଅବଗତ ଅଛନ୍ତି। ଏହି ମହୌଷଧ ଯଥାବିଧି ସେବନ କଲେ ଅକାରଣ ସ୍ୱପ୍ନଦୋଷ, ଶୁକ୍ରତାରଲ୍ୟ ଓ ଉତ୍ତେଜନାବଶତଃ ପ୍ରସ୍ରାବ ପ୍ରଭୃତି ବିନଷ୍ଟ ହୋଇ କ୍ଷୁଧା ବୃଦ୍ଧି ହୁଏ ଏବଂ କୋଷ୍ଠ ପରିଷ୍କାର ହୁଏ।

ଏକଶିଶିର ମୂଲ୍ୟ ଟ ୧, ଭି, ପି, ଟ ୦ ୷, ପ୍ୟାକିଂ ଟ ୦ ୷, ଡାକମାସୁଲ ଟ ୦।।

ଏହା ଛଡ଼ା ଆୟୁର୍ବେଦୀୟ ସର୍ବପ୍ରକାର ତୈଳ ଘୃତ, ମୋଦକ, ଆସବ, ଅରିଷ୍ଟ, ଚୂର୍ଣ୍ଣ, ବଟିକା ପ୍ରଭୃତି ଏବଂ ଉତ୍କୃଷ୍ଟ ମକରଧ୍ୱଜ ମୃଗନାଭି ଓ ସ୍ୱର୍ଣ୍ଣ ରୂପା ଲୁହା ପ୍ରଭୃତିର ଭସ୍ମମାନ ବିକ୍ରୟାର୍ଥ ସର୍ବଦା ପ୍ରସ୍ତୁତ ଥାଏ। ମଫସଲର ରୋଗୀମାନେ ସ୍ୱ ସ୍ୱ ରୋଗର ଆନୁପୂର୍ବିକ ବୃତ୍ତାନ୍ତ ଲେଖିଲେ ବିନା ବ୍ୟୟରେ ବ୍ୟବସ୍ଥା ପଠାଯାଏ। ଔଷଧପାଇଁ ଲେଖିଲେ ଭି, ପି, ଡାକରେ ପଠାଯାଏ ପ୍ରତ୍ୟହ ପ୍ରାତଃ ଘ ୭ ଟାଠାରୁ ଘ ୮ ଟାପର୍ଯ୍ୟନ୍ତ ନିତାନ୍ତ ଗରିବ ଲୋକମାନଙ୍କୁ ବିନା ମୂଲ୍ୟରେ ଔଷଧ ବିତରଣ କରାହୁଏ।

ଚିଠିପତ୍ର ଓ ଟଙ୍କା ଅମ୍ଭ ନାମରେ ଉକ୍ତ ଠିକଣାକୁ ପଠାଇବାକୁ ହେବ।

କବିରାଜ ଶ୍ରୀ ସାରଦାପ୍ରସାଦ ଦାସ ଗୁପ୍ତ
କଳଭଣ୍ଡନ, ବାଲୁବଜାର କଟକ।

Digitized by srujanika@gmail.com

Split by PDF Splitter



ଦୁର୍ଗାଚରଣ ଓ୍ଵରଲାବାସଙ୍କ

## ମହାଭାରତ ।

### ସଚିତ୍ର ବନପର୍ବ ।

୫୭୬ ପୃଷ୍ଠାରେ ସଂପୂର୍ଣ୍ଣ ଏଥିରେ ଉତ୍ତମ ଚିତ୍ର ମାନ ଦଆହୋଇଅଛି । ଏ ପୁସ୍ତକ ବୃହତ୍ ହେଲେ ସୁଦ୍ଧା ଗ୍ରାହକମାନଙ୍କ ସୁବିଧା ସକାଶେ ମୂଲ୍ୟ ଟ ୨ ହୋଇଅଛି ।

| | | |
|---|---|---|
| ସଚିତ୍ର ବିରାଟପର୍ବ ମୂଲ୍ୟ | ଜ ୧ ୪ ଟ ୧ । | |
| ସଚିତ୍ର ଉଦ୍ୟୋଗ ପର୍ବ | ,, | ଟ ୧। |
| ସଚିତ୍ର ଦ୍ରୋଣପର୍ବ | ,, | ଟ ୧୯ |
| ଗୁଣ୍ଡିଚ୍ଚା—ସ୍ୱଅଙ୍ଗ | | ଟ ୦ ୵ |
| ଲକ୍ଷହୀରା ପାଣ୍ଡି ଦାସଙ୍କା | | ଟ ୦ ୵ |

ଗ୍ରାହକେ କଟକ ବରଗାବଜାରସ୍ଥ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଅଫିସରେ ତତ୍ତ୍ୱ କଲେ ପାଇପାରିବେ ।

## ବିଜ୍ଞାପନ ।

## ଅଧ୍ୟାତ୍ମ ରାମାୟଣ ।

ମୂଳ ସଂସ୍କୃତ ଗ୍ରନ୍ଥରୁ ତୁର୍ଯ୍ୟମଣି ଦ୍ୟାଉ ପଟ୍ଟନାୟକଙ୍କଦ୍ୱାରା ଅନୁବାଦିତ ଅଧ୍ୟାତ୍ମ ରାମାୟଣ ଏବେବଳେ ମୁଦ୍ରିତ ହେଲା । ଏହି ମହତ୍ ଗ୍ରନ୍ଥ ଯେ ପ୍ରତ୍ୟେକ ଗୃହର ନିତ୍ୟ ପାଠ୍ୟ ତାହା ବୋଲିବା ବାହୁଲ୍ୟ ମାତ୍ର ଏହାର ମୂଲ୍ୟ ଦୁଇ ଟ ୨୯ ଙ୍କା ଅଟେ । କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକ ଦୋକାନରେ, ବାଲୁବଜାରସ୍ଥ ଶ୍ରୀ ମଥୁରାଦାସ ଦତ୍ତଙ୍କ ପୁସ୍ତକ ଦୋକାନରେ ଓ ସ୍କୁଲ ବୁକ ଏଜେଣ୍ଟ ଶ୍ରୀ ରାମଚନ୍ଦ୍ରଙ୍କ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଓ ଆମ୍ଭଠାରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ଅନ୍ତଟଳା ଖଣ୍ଡ କହି ମୂଲ୍ୟ ଟ ୦।୵ ଗ୍ରାହକମାନଙ୍କର ଏହା ଅବଗତ ଏବଂ ଏହାର ଭାଷା, ସରଳ ମଧ୍ୟ କହି ସୁରୁଚିର ଅଛିତ ତାହା ଏ ପୁସ୍ତକ ଉପରୋକ୍ତ ସ୍ଥାନମାନଙ୍କରେ ମିଳେ

ଶ୍ରୀ ବର୍ଣ୍ଣନାରାୟଣ ଦାସ
। କ । ନୂଆଗଡ଼ ଗବର୍ଣ୍ଣମେଣ୍ଟ
ଏଜେଣ୍ଟ

## ବନାରସି ମାଲ

ବନାରସ ଚଉକସ୍ଥ ଅମ୍ଭର ଏହି ବାଣିଜ୍ୟ କୋଠିରେ ଉତ୍ତମ ମଲ୍ୟବାନ୍ କିଂଖାବ ବନା- ରସୀ ମାଲ ଭାରତର ନାନାସ୍ଥାନର ରାଜା, ଜମିଦାରମାନଙ୍କୁ ବହୁସଂଖ୍ୟାରେ କିଣୁଥାଇ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ସମ୍ବଲପୁର, ସରାଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଜୋଡ଼ି, ଟେଙ୍ଗା, କିଂଖାପ, କାପ୍ତା ସଙ୍ଗୀ ଦୋପଟ୍ଟା ନାଲ, ହୀରରେ କାମବାଲ ପେଟି, ରୁମାଲ, ଶାଲ ଏବଂ ନାନା ପ୍ରକାର ଚହାର ଖଚିତ ଅଙ୍ଗୁଷ୍ଠି ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ଫରମାଇସ ଅନୁସାରେ ତିଆର କରାଯାଉଅଛି । ବରାଦ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଳରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଉତ୍ତର ମାତ୍ର ଲଫାପା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ର ଭାବରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲୁମାଲ ଭେଲାନାଥ
କୁଞ୍ଜଗଳି ଫାଟକ ବନାରସ ସିଟି

## ନୂତନ ପୁସ୍ତକ ।

ଜ୍ୱରଚିକିତ୍ସା ୨ ୟ ସଂସ୍କରଣ—ଡବଲକ୍ରାଉନ ୪୫ ପୃଷ୍ଠା, ମୂଲ୍ୟ ତିନିଅଣା ମାତ୍ର । ଏ ପୁସ୍ତକରେ ନାଡ଼ୀ, ଜିହ୍ୱା, ମୂତ୍ର ପ୍ରଭୃତି ପରୀକ୍ଷାର ଉପଦେଶ, ସକଳବିଧ ଜ୍ୱରର ଲକ୍ଷଣ ଏବଂ ରୋଗନାଶକ ସହଜ ପ୍ରାପ୍ୟ ଔଷଧାବଳୀ, ଜ୍ୱରର ସକଳବିଧ ଉପଦ୍ରବର ପ୍ରତୀକାରୋପାୟ, ଜ୍ୱରରେ ଲୁଚକାଇଚ ଫଲୋପଧାନଶାଳୀ ପ୍ରଭୃତି ଏପରି ସରଳ ଭାବରେ ଲେଖିତ ହୋଇଅଛି ଯେ ଯେଉଁମାନଙ୍କର କଲିକ ଅଛି ସେମାନେ ଏହି ପୁସ୍ତକ ସାହାଯ୍ୟରେ ସକଳପ୍ରକାର ଜ୍ୱର ସହଜରେ ଛଡ଼ାଇ ପାରିବେ ।

ଗୋ ଚିକିତ୍ସା ୧ ମ ଭାଗ ୩ ୟ ସଂସ୍କରଣ— ଏଥିରେ ୫୧ ପ୍ରକାର ଗୋ ରୋଗର ଦେଶ ପ୍ରଚଳିତ ଅନେକପ୍ରକାର ଔଷଧ ଲାଗ ଲେଖା ଅଛି । ମୂଲ୍ୟ ଏକଅଣା ମାତ୍ର ।

ଗୋ ଚିକିତ୍ସା ୨ ୟ ଭାଗ ୨ ୟ ସଂସ୍କରଣ— ଏଥିରେ ୧୩ ଗୋଟି ଗୋରୋଗର ପ୍ରତ୍ୟକ୍ଷ ଫଳପ୍ରଦ ଔଷଧାବଳୀ ସନ୍ନିବେଶିତ ହୋଇଅଛି । କେବଳ ଗୋ-ବସନ୍ତରୋଗର ଉପଦ୍ରବ ବର୍ଣ୍ଣନରେ ୨୫ ପୃଷ୍ଠା ସ୍ଥାନ ବ୍ୟୟ ହୋଇଅଛି । ମୂଲ୍ୟ ଦୁଇଅଣା ମାତ୍ର ।

ବସନ୍ତରୋଗ ଚିକିତ୍ସା—ଏ ପୁସ୍ତକ ପାଖରେ ଥିଲେ ବସନ୍ତରୋଗରେ ମୃତ ବା ଯାତନା ଭୋଗ କମ୍ପା କରୁଥିବାଙ୍କ ହେବାର ଆଶଙ୍କା ଦୂର ହେବ । ମୂଲ୍ୟ ତିନିପଇସାମାତ୍ର ।

ବିସୂଚିକା ଚିକିତ୍ସା ୨ ୟ ସଂସ୍କରଣ— ଏହି ପୁସ୍ତକ ଲିଖିତ ଉପଦେଶ ପାଳନ, ଔଷଧ ବ୍ୟବହାର କରି ଅନେକ ଲୋକ ବହୁଟଙ୍କା । ରୋଗର କବଳ ବଳରୁ ରକ୍ଷା ପାଇଅଛନ୍ତି । ମୂଲ୍ୟ ଏକଅଣା ମାତ୍ର

ଉପରୋକ୍ତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନରେ ମିଳେ ।

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭରୁ | ଟ ୨୯ |
| ପୂର୍ଣ୍ଣ ଏକ ସ୍ତମ୍ଭରୁ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ସୁଦ୍ଧା ଶର୍ତ୍ତ ଟ ୦ ୵ ଠାରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମ ଥରର ଅର୍ଦ୍ଧା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ସହର କଟକ ଦରଗାବଜାରର ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

233

ଅତ୍ରଉକ୍ତ ଉତ୍କଳ ଦୀପିକା ତା ୧୫ ଋଖ ମାହେ ଜୁଲାଇ ସନ ୧୮୯୫ ମସିହା ।

### ପୁରୀ-ରଥଯାତ୍ରା ।

ଏବର୍ଷ ଶ୍ରୀ ଜଗନ୍ନାଥ ଦେବଙ୍କର ରଥଯାତ୍ରାରେ ବଙ୍ଗଦେଶୀୟ ଅଧିକାଂଶ ବିଧବା ସ୍ତ୍ରୀମାନଙ୍କର ସମାଗମ ହୋଇଅଛି । ଯାତ୍ରୀ ପ୍ରାୟ ଦେଢ଼ଲକ୍ଷ ଓ ଭଗବତୀ ଯୋଗମାୟାଙ୍କର ବିଶେଷ ପ୍ରକୋପ । ଜ ୩୦।୪୦ ଜଣରୁ ତା ୧୧ ଋଖ ଦିବା ଘ୮ଘା ସୁଦ୍ଧା ଜ ୧୦୬ ଣ ପର୍ଯ୍ୟନ୍ତ ଦୈନିକ ମୃତ୍ୟୁ ସଂଖ୍ୟା ବୃଦ୍ଧି ହୋଇଅଛି । ଏହା ଯେ କେତେଦୂର ଠିକ୍ ବୋଲିଯାଇ ନ ପାରେ । ଏତେ ଜନତାରେ ଯେ ମୃତ୍ୟୁର ସଂଖ୍ୟା ହେଉଅଛି ଏହା ବଡ ଉତ୍କଣ୍ଠ ।

ଶ୍ରୀ ଜଉଙ୍କର ନବ ଯୌବନ ଦର୍ଶନ ଉପଲକ୍ଷେ ସମାବେଶ ହୋଇଥିବା ସ୍ଥଳେ ମହାପ୍ରଭୁ [illegible]ଦେବାକୁ ଉଚିତ ହେଲେ କର୍ତ୍ତୃପକ୍ଷମା-[illegible] ପକ୍ଷପାତ ଓ ସାମାନ୍ୟ [illegible] ତ, ଧନମାନ ମଣ୍ଡଳୀବର୍ଗଙ୍କର ମନୋବାଞ୍ଛା ପୂର୍ଣ୍ଣ [illegible] ଅନାଥ ଦରିଦ୍ର ଉଦରରେ ଶଙ୍କାଶ୍ରି ହାହାକ [illegible] ହୋଇଥାନ୍ତା । ପୂର୍ଣ୍ଣ ହୋଇଥିଲା । ଅମାବାସ୍ୟା ପୂ[illegible]ର ରବରେ ଦ୍ୱାର ବନ୍ଦ ଥିଲା । ପାଠକବୃନ୍ଦ ଏଥିର [illegible] ରୁ ମନ୍ଦିର ଅବଧି ବୁଝିପାରିବେ । ଅମାବାସ୍ୟାର [illegible] ଦର୍ଶନର ଯୌବନ ଦର୍ଶନ ନ ହେବାର [illegible] ନ ନବ-[illegible] ଯାଇ ସାଢ଼େ ଦ୍ୱିପ୍ରହର ଉତ୍ତାରୁ [illegible] ଘୋଷଣା [illegible]ର୍ଶନ ହେବାର ପଛାରୁ ପ୍ରସ୍ତାବ ହେଲା । [illegible] [illegible]

ହିନ୍ଦୁ ହାକିମମାନେ ଜଜ ଓ ସ୍ଥାମାଗତ ମଣ୍ଡଳୀବର୍ଗଙ୍କ ସହିତ ସାଢ଼େ ଦ୍ୱିପ୍ରହର ଉତ୍ତାରୁ ସର୍ବସାଧାରଣଙ୍କ ସକାଶ ଦ୍ୱାର ଖୋଲା ନ ହେବା ପୂର୍ବରୁ ଆଗେ ପ୍ରବେଶ କରି ଯଥା ସମୟରେ ଦର୍ଶନ କଲେ । ସେ ପର୍ଯ୍ୟନ୍ତ ଦ୍ୱାର ଖୋଲି ଯାଇ ନ ଥିବାରୁ ଦର୍ଶନାକାଂକ୍ଷିମାନଙ୍କଦ୍ୱାରା ସିଂହ ଦ୍ୱାରରେ ବିଶେଷ ଜନତା ହୋଇଥିବାରୁ ପୁରୀମାନେ ଅପଣା ଯାତ୍ରୀମାନଙ୍କ ସକାଶେ ଅପେକ୍ଷା କରିବାହେତୁ ଉପସ୍ଥିତ ଥିବା ହାକିମମାନଙ୍କ ସହିତ ମନ୍ଦିର କର୍ମଚାରୀମାନଙ୍କର ବିବାଦ ସୃଷ୍ଟି ସର୍ବସାଧାରଣ ଦର୍ଶନ ବନ୍ଦ ହେଲା । ଯାତ୍ରା ଶେଷ ହେଲେ ଏଥିର ଫଳାଫଳ ଜଣାଯିବ ।

ତା ୮ ଋଖ ପ୍ରତିପଦ ଦିବସ ଆଶ୍ଚର୍ଯ୍ୟ ଅଧି ତିନି ରଥ ସିଂହଦ୍ୱାରସ୍ଥ ହେଲା । ପରଦିନ ତା ୯ ଋଖ ଶ୍ରୀଗୁଣ୍ଡିଚା ବିଜେ ପୂର୍ବାହ୍ଣରେ ତିନ୍ୟ ଏକ ରଥ ଲାଗିଲା । ଘଡି ପ୍ରାୟ ଘ ୮ ଘଟାରେ ପହଣ୍ଡି ବିଜେ ଆରମ୍ଭ ହୋଇ ଘ ୧୨ ଘା ମଧ୍ୟରେ ପ୍ରଭୁମାନେ ରଥାରୂଢ଼ ହେଲେ । ତା ୧୦ ଋଖ ପୂର୍ବାହ୍ଣରେ ବଳଦେବଜୀଉଙ୍କ ରଥ ବଳଗଣ୍ଡି ଠାରେ ଓ ଦେବୀ ରଥ ମାର୍କଣ୍ଡୀ ନିକଟରେ ସ୍ଥାପିତ ହେଲା । ତା ୧୧ ଋଖ ପୂର୍ବାହ୍ଣରେ ଦେବୀ ରଥ ବହୁଦୂର ଯାଇ ଶ୍ରୀ ଜଗନ୍ନାଥଦେବଙ୍କ ରଥ ଦେବୀରଥର ପଶ୍ଚାଦ୍‌ବର୍ତ୍ତୀ ହେଲା । ଅପରାହ୍ଣ ଘ ୪ ଘା ସମୟରୁ ବୃଷ୍ଟି ଆରମ୍ଭ ହେବାରୁ ରଥ ଟଣା ବନ୍ଦ ହେଲା ।

Digitized by srujanika@gmail.com

Split by PDF Splitter



ଓଲାଉଠାର ବିଶେଷ ପ୍ରାଦୁର୍ଭାବ । ବଉଦାଣ୍ଡ ଓ ଗଳିମାନଙ୍କରେ ମୃତ ଓ ରୋଗୀ ଦାଣ୍ଡରେ ମୃଡ଼ା ପଡ଼ି ରହୁଅଛନ୍ତି । ମେହେନ୍ତରମାନେ ତୋଳି ବହିବାରେ ଅଶକ୍ତ ହୋଇ ପଡ଼ିବାରୁ କଏଦୀଗାର୍ଡମାନଙ୍କଦ୍ୱାରା ୧୩୧୫ ଜୀବନ୍ତ ଓ ମୃତ ପକାଇ ନେଉଅଛନ୍ତି । ଖୋରଧା, ସତ୍ୟବାଦୀ ଇତ୍ୟାଦିରୁ ମେହେନ୍ତର ଆସି ନିଯୁକ୍ତ ହୋଇଥିଲେ ମୃଡ଼ା ବଉଦାଣ୍ଡରୁ ଲାଗି ସଫା ହୋଇ ପାରୁ ନାହିଁ । ଡାକ୍ତରମାନେ ଲଜିଂହାଉସରୁ କଲେରା ରୋଗୀ ବାହାରିଲେ ଯାତ୍ରୀ ବାହାର କରି ଗୃହ ପରିଷ୍କାର କରିବା ପ୍ରଥା ଚଳାଉଥିଲେ । କିନ୍ତୁ ଏଥିରେ ଘରବାଲାମାନଙ୍କର ବିଶେଷ କଷ୍ଟ ହୋଇଥିଲା । ବିଶେଷ ଭଡ଼ା ହୋଇ ନ ପାରିବାର ସମ୍ଭବ ଥିବା ସ୍ଥଳେ କଲେରା ହାସପିଟାଲକୁ ରୋଗୀ ନିଆ ଯିବାର ଦେଖା ଯାଉଅଛି ।

ଯାତ୍ରୀମାନେ ଆସିବା ଦିନରୁ ବର୍ଷା ହୋଇ ନ ଥିବାରୁ କଷ୍ଟ ଭୋଗ କରି ନ ଥିଲେ । ତା ୧୧ ରଖ ଅପରାହ୍ନରୁ ବର୍ଷା ହେବାର ଆରମ୍ଭ ହେବାରୁ କେହି୨ ରେଲ ଷ୍ଟେସନ କେହି୨ ଅବା ଜଗନ୍ନାଥ ରୋଡ କମ୍ପାଉଣ୍ଡ ନାଳ ନିକଟରେ ପଡ଼ି ବିଶେଷ କଷ୍ଟ ଭୋଗ କରୁଥିଲେ ।

ଟାଉନ ମଧ୍ୟରେ କଲେରାର ଅତ୍ୟନ୍ତ ପ୍ରାଦୁର୍ଭାବ ଦେଖି ଜିଲା ସ୍କୁଲ ହେଡମାଷ୍ଟର ଇନ୍ସପେକ୍ଟର ମହୋଦୟଙ୍କ ନିକଟକୁ ଟେଲିଗ୍ରାଫ କରି ଆପାତତଃ ଦ ୫ ଦ ସକାଶେ ସ୍କୁଲ ବନ୍ଦ କରିଅଛନ୍ତି । ଉଡ଼ିଶାର କେତେକ ଜିଲ୍ଲା ଉକ୍ତ ରୋଗଗ୍ରସ୍ତ ଥିବା ରିପୋର୍ଟ ହେବାରୁ ଏଥି ଦିନ ସକାଶେ ସେଠାରେ ବନ୍ଦ ହେବାର କଥା ଶୁଣା ଯାଉଅଛି । ଇତି ।

☞ ମୂଲପତ୍ର

Digitized by srujanika@gmail.com

Split by PDF Splitter

REGISTERED No. C. 81



# ଉତ୍କଳ ଦୀପିକା

## ସାପ୍ତାହିକ ସମାଚାରପତ୍ରିକା

ଭାଗ ୩୪ ଶ | ସଂ ୨୮ ସଂଖ୍ୟା

ତା ୧୪ ଦିନ ମାହେ ଜୁଲାଇ ସନ ୧୮୯୯ ମସିହା । ମୁ । ତା ୧ ୮ ଶ୍ରାବଣ ସନ ୧୩୦୭ ସାଲ ଶନିବାର ।

ଅଗ୍ରୀମ ଟ ୩ ୮ | ପଶ୍ଚାଦେୟ ଟ ୪ ୯

ଜାତୀୟ ମହା ସମିତିର ଆଗାମୀ ଅଧିବେଶନ ଲକ୍ଷ୍ନୌ ନଗରରେ ହେବ । ଏଥି ମଧ୍ୟରେ ସେ ଠାରେ ସମସ୍ତ ଉଦ୍ୟୋଗ ଆୟୋଜନ କରିବା କାରଣ ଗୋଟିଏ ସଭା ଗଠିତ ହୋଇଅଛି । ଏ ସଭାର ସଭ୍ୟ ନ ୨୪ ଣ ଏବଂ ବାବୁ ବଂଶୀଲାଲ ସିଂହ ସଭାପତି ନିଯୁକ୍ତ ହୋଇଅଛନ୍ତି । ମଣ୍ଡପର ସ୍ଥାନ ଅବଧି ସ୍ଥିର ହୋଇ ନାହିଁ ଏବଂ ଏ ଉପଲକ୍ଷରେ ଅର୍ଥ ସଂଗ୍ରହ ହେବ ତାହା ପ୍ରକାଶ ପାଇ ନାହିଁ ।

———

ଭିଜାଗାପଟନ ଜିଲ୍ଲାର ଉପଦ୍ରବ ନିବାରଣ ନିମନ୍ତେ ନ ୩୫୦ ଣ ଅତିରିକ୍ତ ପୁଲିସ ନିଯୁକ୍ତ କରିବାର ପ୍ରସ୍ତାବ ହୋଇଅଛି । ସେମାନଙ୍କର ବେତନ ବାସଗୃହ ଇତ୍ୟାଦିର ବାର୍ଷିକ ବ୍ୟୟ ଟ ୧,୯୦,୦୦୦ ଙ୍କା ଅଟେ । ସେହି ପୁଲିସ ହିନ୍ଦୁକାଶୀ, ଚେଡ଼କାଶୀ ଏବଂ ଅଷ୍ଟାଲଭାଗମ କର୍ମଚାରୀମାନଙ୍କରେ ରହିବେ ଏବଂ ସେହି ଜମିର ବାସୀଙ୍କଠାରୁ ସେ ଖରଚ ଆଦାୟ ହେବ । ଅବଶ୍ୟ ଭଲ ମନ ସମସ୍ତ ଲୋକ ଖରଚ ଦେବେ ଦଙ୍ଗା ଆରମ୍ଭ କଲେ ନ କଲି ପକ୍ଷେ ଏପରି ଦଣ୍ଡ ଅନେକଙ୍କୁ ବାଧିବାର କଥା ।

———

ପ୍ରଜାଙ୍କ ବାନ୍ଧୁ ଭ୍ରାତା ହିନ୍ଦୁଙ୍କ ନିମନ୍ତେ ଜନ ସାଧାରଣ ଯେତେ ନିବେଦନ କଲେହେଁ ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ସେମାନଙ୍କୁ ମୁକ୍ତି ଦେବାର ଚେଷ୍ଟିତ ଥାଇ ସେମାନଙ୍କପ୍ରତି ସାମାନ୍ୟ ଅନୁଗ୍ରହ ପ୍ରକାଶ କରିବାକୁ ପ୍ରସ୍ତୁତ ନାହାନ୍ତି । ସେମାନେ କେବଳ ଜେଲରୁ ଖଲାସ ପାଇଅଛନ୍ତି ମାତ୍ର ବେଲଗାଁରେ ଏମନ୍ତ ଦୃଢ଼ରୂପେ ଅଟକରେ ଅଛନ୍ତି ଯେ ଏକ-ଜଣ ବାନ୍ଧୁ ଆପଣାର କନ୍ୟାର ବିବାହ ଦେବା କାରଣ ଦୁଇଦିନ ସକାଶେ ସ୍ୱଗୃହ ପୁନା ନଗରକୁ ଯିବା ନିମନ୍ତେ ଅନୁମତି ପ୍ରାର୍ଥନା କରିଥିଲେ । ତାହା ମଧ୍ୟ ଅଗ୍ରାହ୍ୟ ହେଲା ! ଏମାନଙ୍କର ଦୁର୍ଦ୍ଦଶା ଏ ଜୀବନରେ ଶେଷ ହେବ ନାହିଁ ପରି !

———

ଅନ୍ତ ବା ମେଘନାଲର ବ୍ୟବସାୟ କେମନ୍ତ ବୃଦ୍ଧି ଓ ଲାଭଜନକ ହୋଇଅଛି ତହିଁର ଦୃଢ଼ ପ୍ରମାଣ ହଜାରୀ ବାଗର ମେଘନାଲ ଖଣି-ମାନଙ୍କର ନିଲାମର ଫଳରୁ ଜଣା ଯାଉଅଛି । ଗତମାସ ତା ୩ ରିଖରେ ସେଠା ଡେପୁଟୀ କମିଶନର ଅନେକ ଗୁଡ଼ିଏ ଖଣିର ପଟ୍ଟା ନିଲାମ କଲେ । ଅନେକ ଇଂରାଜ ଓ ଦେଶୀୟ ବ୍ୟବ-ସାୟୀ ତାହା ନେବାଇବାର ଅତ୍ୟନ୍ତ ଉତ୍ସୁକ ହୋଇଥିଲେ । ସମସ୍ତ ସ୍ଥଳରେ ଖଜଣା ବୃଦ୍ଧି ହେଲା । ମାତ୍ର ଏକ ୨ ସ୍ଥଳରେ ଅସାଧାରଣ ବୃଦ୍ଧି ଦେଖାଗଲା । ଯଥା—ଗୋଟିଏ ଖଣିର ବାର୍ଷିକ ଖଜଣା ଟ ୫୦୯ ଙ୍କା ଥିଲା । ଏଥର ବର୍ଷକ ନିମନ୍ତେ ଟ ୨୫୫୦ ଙ୍କା ଏବଂ ଆଉ ଏକ ଖଣିର ଖଜଣା ଟ ୧୬୯ ଙ୍କା ଥିଲା । ବର୍ତ୍ତମାନ ଟ ୧୦,୦୦୯ ଙ୍କା ଭାଡ଼ା ହେଲା । ଉଭୟସ୍ଥଳେ ଖଜଣା ଉପରେ ଶତକଡ଼ା ଟ ୨୫ ଙ୍କା ଲେଖାଏଁ ସେଲାମି ଦେବାକୁ ପଟ୍ଟାଦାରମାନେ ସମ୍ମତ ହୋଇଅଛନ୍ତି ।

———

ଇମ୍ପିରିୟାଲ ଗବର୍ଣ୍ଣମେଣ୍ଟ ଅଫିସର ଜଣେ ଦ୍ୱିତୀୟ ଶ୍ରେଣୀ କ୍ଲର୍କ ଏକ ମାସ ରହିଥିବା ନିଜର ଛୁଟି ନେଇ ଅଧିକା ଦ ୯ ଦିନ ଘରେ ରହି ଯିବାରୁ ସେକ୍ରେଟେରୀ ତାହା ଠାରୁ [illegible]ମୂହ ନେଇ ତାହାକୁ ବରଖାସ୍ତ କଲେ ବଗ୍ଲନ ବଡ଼ଲାଟଙ୍କଠାରେ ଅପିଲ କରନ୍ତେ ସେକ୍ରେଟାରୀଙ୍କ କୈଫିୟତ ତଲବ ହେଲା । ସେକ୍ରେ-ଟେରୀ ଉତ୍ତରରେ ଲେଖିଲେ ଯେ ବଗ୍ଲନ ଜ୍ୱରୀ ଭିତ୍ତିରୁ ଅଧିକା ଦ ୯ ଦିନ ଅନୁପସ୍ଥିତ ଥିଲା ଏବଂ ସେ ନିତାନ୍ତ ଅଯୋଗ୍ୟ ଅଟେ । ମହାମାନ୍ୟ ମହୋଦୟ ବଗ୍ଲନଙ୍କୁ ତାହା କାର୍ଯ୍ୟରେ ନିଯୁକ୍ତ ହେବାର ଆଦେଶ ଦେଇ ସେକ୍ରେଟେରୀଙ୍କ ଉତ୍ତର ଉପରେ ଏହି ମନ୍ତବ୍ୟ ଲେଖିଦେଲେ କି ଅନ୍ୟର ଅଯୋଗ୍ୟତା ନିର୍ଣ୍ଣୟ କରିବା କାରଣ ଯେଉଁ ବ୍ୟକ୍ତିର ବ ୨୩ ର୍ଷ କାଳ ସ୍ଥାନେ ତାହାଙ୍କ ତଳେ ଚାକିରି ସେହି ନିତାନ୍ତ ଅଯୋଗ୍ୟ ଅଟେ । ମହାମାନ୍ୟ ଲର୍ଡ କର୍ଜନଙ୍କର ଏହି ସୁବିଚାର ଯେମନ୍ତ ପ୍ରଶଂସନୀୟ ତାହାଙ୍କର ରସାତ୍ମକ ଉତ୍ତର ସେମନ୍ତ ପ୍ରୀତିକର ଅଟେ ।

———

Digitized by srujanika@gmail.com

Split by PDF Splitter



ଏକ ସମ୍ବାଦପତ୍ରରେ ପାଠ କଲୁଁ କି ମାନ୍ଦ୍ରା- ଜର ଲର୍ଡ଼ବିସପ୍ ମାନ୍ୟବର ଜୁଅଲଟ ହେଡ଼ଙ୍କ ମତରେ ବ ୨୦ ବର୍ଷ ପୂର୍ବେ ଭାରତ ହିନ୍ଦୁଙ୍କୁ ଖ୍ରୀଷ୍ଟିୟାନ କରିବା ଯେମନ୍ତ ସହଜ ବୋଧ ହେଉଥିଲା ବର୍ତ୍ତମାନ ତେମନ୍ତ ନାହିଁ । ଯେତେବେଳେ ପ୍ରାୟୁଣ୍ଡମାନଙ୍କର ଧାରଣା ଥିଲା ଯେ ଯେଉଁଠାରେ ଯେତେ ଗୁଡ଼ଏ ବଙ୍ଗାଳୀ ଯୁବ ଇଂରାଜୀ ଶିକ୍ଷା ଏବଂ ସଭ୍ୟତାଦ୍ୱାରା ସ୍ନାତ ହୋଇଅଛନ୍ତି ସେଠାରେ ଜଣେ ଖ୍ରୀଷ୍ଟଧର୍ମ ପ୍ରଚାରକ ଉପସ୍ଥିତ ହୋଇ ଚେଷ୍ଟା କଲେ ସେ- ମାନଙ୍କୁ ଅନାୟାସରେ ଖ୍ରୀଷ୍ଟିୟାନ କରିପାରିବ । ମାତ୍ର ବର୍ତ୍ତମାନ ଦେଖା ଯାଉଅଛି ଯେ ସେ କାର୍ଯ୍ୟ ତେତେ ସହଜ ନୁହେଁ । ଅବଶ୍ୟ ବୋଲି ବାକୁ ହେବ ଯେ ଏ ବିଷୟରେ ପାଦ୍ରି ମହୋଦ- ୟଙ୍କ ମତ ହେବୀୟ ମତସହିତ ଐକ୍ୟ ଅଟେ । ଇଂରାଜୀ ପଢ଼ିଲେ ଖ୍ରୀଷ୍ଟିୟାନ ହେବ ପୂର୍ବେ ଏହି ଧାରଣା ଥିବାରୁ ଲୋକମାନେ ଆପଣା ସନ୍ତାନଙ୍କୁ ସ୍କୁଲକୁ ପଠାଇବାକୁ ଭୟ କରୁଥିଲେ ଏବଂ 'ଇସ୍କୁଲ ନା ଓସ୍କୁଲ' ବୋଲି ଗୋଟିଏ ପ୍ରବାଦ ହୋଇଥିଲା । ମାତ୍ର ବର୍ତ୍ତମାନ ସେ ଭୟ ନାହିଁ ଇଂରାଜୀ ଶିକ୍ଷାର ଆଦର କ୍ରମଶଃ ବଢ଼ୁଅଛି ।

---

ବମ୍ବେର ଏକ ଡାକସମ୍ବାଦରୁ ଅବଗତ ହେଲୁଁ ଯେ ଜଣେ କଲିକତାବାସୀ ଏହି ଚି- କାନ୍ଦର୍ଥୀ କି ସେ ଦୟାନନ୍ଦ ସ୍ୱାମୀ ନାମ ପରିଚୟ ଦେଇ ଲକ୍ଷ୍ମୀଦାସ ଖେମଜୀ ନାମକ ଏକ ମହା- ଜନଠାରୁ ଟ ୧୦୦ ଙ୍କା ଠକାଇନେବା ଅଭି- ଯୋଗରେ ପଲିସଦ୍ୱାରା ଅଦାଲତର ବିଚାରା- ଧୀନରେ ଅଛିଅଛି । ସେ ବ୍ୟକ୍ତି ହିନ୍ଦୁ ଅନାଥାଶ୍ରମ ନିମନ୍ତେ ଚନ୍ଦା ସଂଗ୍ରହ କରି ବୁଲୁଥିବା ଏବଂ ଦୁଇଲକ୍ଷ ଟଙ୍କା ସଂଗ୍ରହ କରି ଜଣେ ଭଣ୍ଡାର ବଣିକ ନିକଟରେ ଜମା କରିବାର କହିବାରୁ ମହାଜନ ତାହାକୁ ଆପଣା ଘରେ ୭ । ୮ ଦିନ ରଖିଥିଲା । ଶେଷରେ ସେ ଶତ୍ରୁଏ ହଜାର ଟଙ୍କିଆ ନୋଟ ଭଙ୍ଗାଇବାକୁ ମହାଜନଙ୍କୁ କହିଲା ମାତ୍ର ମହାଜନ ନିକଟରେ ସେତେ ଟଙ୍କା ନ ଥି- ବାରୁ ସେ ନାସ୍ତି କରିବାରୁ ସେ ବ୍ୟକ୍ତି କହିଲା ସେତେବେଳେ ଏକଶତ ଟଙ୍କା ଦିଅନ୍ତୁ ମୁଁ ଶୀଘ୍ର ନୋଟ ଭଙ୍ଗାଇ ପରିଶୋଧ କରିବି । ମହାଜନ ବିଶ୍ୱାସ କରି ଋଣ ଦେଲା ଏବଂ ସେହି ଅବସରେ ସେ ବ୍ୟକ୍ତି ତାହାଘରୁ ପଳାଇଗଲା । ମହାଜନ ପୁଲିସରେ ସମ୍ବାଦ ଦେବାରୁ ସେ ଧରା ହୋଇ ବିଚାର କରଣ ହୋଇଅଛି । ଏ ବ୍ୟକ୍ତିର ସୁର ସାମାନ୍ୟ ନୁହେଁ । ସେ ଏଥିମଧ୍ୟରେ କଥିତ ଅନା- ଥାଶ୍ରମ ନିମନ୍ତେ ବଡ଼ୋଦାର ଗାଇକୁଆଡ଼ଙ୍କଠାରୁ ଟ ୨୦,୦୦୦ ଙ୍କା, ଜୁନାଗଡ଼ର ଦେବାନଙ୍କଠାରୁ ଟ ୨୦୦୦ ଙ୍କା, ପାଲନପୁରର ଦେବାନଙ୍କଠାରୁ ଟ ୨୦୦ ଙ୍କା ଏବଂ ଜୟପୁରର ମହାରାଜା ଏବଂ ଅନ୍ୟାନ୍ୟ କେତେକ ରାଜାଙ୍କଠାରୁ କେତେଟଙ୍କା ନେବା ଅଭିପ୍ରାୟ କରିଛି ଏସବୁ ଟଙ୍କା କି କରିଅଛି କ୍ରମେ ପ୍ରକାଶ ପାଇବ । ଭାରତର ରାଜାମାନଙ୍କ ବଦାନ୍ୟତାକୁ ଧନ୍ୟ ବୋଲିବାକୁ ହେବ ଯେ ଏମନ୍ତ ଠକର କଥାରେ ବିଶ୍ୱାସ କରି ଏତେ ଟଙ୍କା ଦେଇଅଛନ୍ତି ମାତ୍ର ଏ ଠକଟି ବଙ୍ଗାଳୀର କଳଙ୍କ ଅଟେ ଏବଂ ଏହାର ଉପଯୁକ୍ତ ଶାସ୍ତିରେ ସମସ୍ତେ ସନ୍ତୁଷ୍ଟ ହେବେ ।

---

ଗଞ୍ଜାମ ନିଉସରେ ପାଠ କଲୁଁ କି ଦେଶୀ ଲବଣ ପରିଷ୍କାର କରି ବିକ୍ରୟ କରିବା କାରଣ 'ଓରିଏଣ୍ଟାଲସାଲ୍ଟ କମ୍ପାନୀ' ନାମରେ ମାନ୍ଦ୍ରାଜ ପ୍ରଦେଶରେ ଗୋଟିଏ କମ୍ପାନୀ ପ୍ରତିଷ୍ଠିତ ହୋଇ କୃଷ୍ଣପଲି, ଭିମ୍ଲିପଟ୍ଟନ ଏବଂ ବେହାବସା ଏହି ତିନ ସ୍ଥାନରେ ଲୁଣ ପରିଷ୍କାର କରିବାର କଳ କାରଖାନାମାନ ବସିଅଛି । କମ୍ପାନୀର ଅଂଶୀ ଏବଂ ଶୁଲକମାନେ ଇଂରାଜ ଅଟନ୍ତି । ବର୍ତ୍ତମାନ ଦୁଇପ୍ରକାର ଲବଣ ପ୍ରସ୍ତୁତ ହେଉଅଛି । ଏକ- ପ୍ରକାର ଚିକ୍କଣ ଚୂର୍ଣ୍ଣ ଏବଂ ଅନ୍ୟପ୍ରକାର ଖଦଡ଼ିଆ ଅର୍ଥାତ୍ ସାଧାରଣ କରକଚ ଲୁଣପରି । ପ୍ରଥମ ପ୍ରକାର ସଉଦା ବଡ଼ଲୋକଙ୍କ ସକାଶେ ଏବଂ ୨ୟ ଏକା ସାଧାରଣ ଲୋକଙ୍କ ସକାଶେ ଅଟେ । ବହ୍ରମ୍ପୁର, ବାଲେଶ୍ୱର, ସୁନ୍ଦରବାଲି, କଟକ, ଗୋ- ଲଧା, କୃଷ୍ଣପୁର, ଚିକାକୋଲ ଏବଂ ରଜାନଗ- ରରେ ଏହି ଲବଣ ବିକ୍ରୟ ନିମନ୍ତେ ଗୋଦା- ମମାନ ସ୍ଥାପିତ ହୋଇଅଛି ଏବଂ ମୂଲ୍ୟ ମଧ୍ୟ ସୁଲଭ ହୋଇଅଛି । ଅର୍ଥାତ୍ ସାଧାରଣ ଲୁଣ ଅପେକ୍ଷା ପରିଷ୍କାର ଲୁଣ ମହାର୍ଘ ପ୍ରାୟ ଦୁଇ ଅଣା ଅଧିକ ଦର ହୋଇଅଛି । ଆମ୍ଭେମାନେ ଅବଶ୍ୟ ଏହି ଦୁଇପ୍ରକାର ପରିଷ୍କାର ଲୁଣ ଦେଖି ନାହୁଁ ଅଥବା ସେହି କମ୍ପାନୀର ବୋଲି ଚିହ୍ନି ନାହୁଁ । ମାତ୍ର ଶୁଣିଲେ ମାଟିଆ ଲୁଣ ପରିଷ୍କୃତ ହୋଇ ବିକ୍ରୟ ହେବାର ବନ୍ଦୋବସ୍ତ ହୋଇଅଛି ଅଥଚ ତାହାର ମୂଲ୍ୟ ଅଧିକ ହୋଇ ନାହିଁ ଏହା ଶୁଣି ବଡ଼ ଆନନ୍ଦିତ ହୋଇଅଛୁଁ । ଆମ୍ଭ- ମାନଙ୍କର ଏକାନ୍ତ ଆଶା ହେଉଅଛି ଯେ ଏହା- ଦ୍ୱାରା ଦେଶୀ ଲୁଣର କାରବାର ବୃଦ୍ଧି ହେବ ଏବଂ ବିଲାତୀ ଲବଣ ଯାହା କ୍ରମେ ଓଡ଼ିଶାକୁ ଅଧିକ ପରିମାଣରେ ଆସୁଅଛି ତାହିଁର କ- ବନ୍ଦ ହେବ । ଆମ୍ଭେମାନେ ଆନ୍ତରିକ ଆଶା କରୁଁ କି ଏହି କମ୍ପାନୀର ସଫଳତା ଦେଖି ଦେଶୀୟ ଲୋକମାନେ ଯୌଥ ବ୍ୟବସାୟ ପ୍ରଣାଳୀରେ ଲବଣ ପରିଷ୍କାରର କାରଖାନାମାନ ପ୍ରତିଷ୍ଠା କରିବାକୁ ଉତ୍ସାହିତ ହେବେ ଏବଂ ଦେଶୀୟ ଲବଣ ବ୍ୟବସାୟର ଉନ୍ନତି ହେବ ।

---

'ଗୁରଖାଭ' ନାମରେ ବମ୍ବେରେ ଗୋଟିଏ ଦୈନିକ ମରହଟ୍ଟି ସମ୍ବାଦପତ୍ର ପ୍ରକାଶିତ ହୁଅଇ । ଏହାର ଦୈନିକ ଗ୍ରାହକସଂଖ୍ୟା ଶ ୧୫୦୦୦ ରୁ ଅଟେ ଏବଂ ମୂଲ୍ୟ ସୁଲଭ । ତିଳକ ଜାଗପୁ... ଭଟ୍ଟ ଏହାର ଅଧିକାରୀ ଏବଂ ସମ୍ପାଦକ ଏବଂ ଯୋଷୀ ସହକାରୀ ସମ୍ପାଦକ । ଗତ ମାର୍ଚ୍ଚ ମାସର ତା ୨୬, ୩୦ ଓ ୩୧ ଋଖର ପତ୍ରିକାରେ ସର- ଅବଲମ୍ବି ସୂଚକ ପ୍ରବନ୍ଧମାନ, ଯାହାରିକା ଅପରା- ଧରେ ସମ୍ପାଦକ ଓ ସହକାରୀ ସମ୍ପାଦକ ଉଭୟେ ଅଭିଯୁକ୍ତ ହୋଇ ଦଉରାକୁ ସମର୍ପିତ ହୋଇଥିଲେ । ସହକାରୀ ସମ୍ପାଦକଙ୍କ ବିଚାର ଆଗେ ହେଲା । ସରକାରୀ କାଉନ୍ସିଲ କହିଲେ ଯେ ସେ ସବୁ ପ୍ରବନ୍ଧଦ୍ୱାରା ପ୍ରକୃତରେ ଫୌଜର ଅନିଷ୍ଟ ଘଟି ନ ଥିଲେହେଁ ସେ ସବୁରେ ସର- କାରଙ୍କର ଫୌଜି କାର୍ଯ୍ୟର ସମାଲୋଚନା କରା ହୋଇ କେବଳ ସରକାରୀ କର୍ମଚାରୀଙ୍କର ଅଯଥା ନିନ୍ଦା ପ୍ରକାଶ ହୋଇଥିବାରୁ ଲୋକଙ୍କର ମନ ବିଗିଡ଼ିଯିବାର ସମ୍ଭବ ଦେଖା ଯାଉଅଛି । ଆସାମୀ ଜବାବ ଦେଲା କି ସେ ଟ ୨୦୯ ଙ୍କା ବେତନ- ଭୋଗୀ ସାମାନ୍ୟ ନୌକର ଏବଂ ତାହାର ପ୍ରଭୁ ଭଟ୍ଟଙ୍କ ଆଦେଶ ମତେ ସେ ସବୁ ଲେଖିଥିଲା । ଜୁରିମାନେ ଆସାମୀ ଦୋଷୀ ଥିବାର ମତ ଦେଲେ ତାହାର ଅବସ୍ଥା ବିବେଚନାରେ କ୍ଷମା ନିମନ୍ତେ ଅନୁରୋଧ କଲେ ଏବଂ ବିଚାରପତି ଜୁରିଙ୍କ ମତ ଓ ଅନୁରୋଧ ଗ୍ରହଣ ପୂର୍ବକ ଆସାମୀ ବିରୁ ମା ୬ ମାସ କାରାଦଣ୍ଡ ବିଧାନ କରିଅଛନ୍ତି । ଘଟଣାରୁ ଜଣା ଯାଉଅଛି ଆସାମୀ ଯେତେ ଦୂର ସେତେ ଦୁଷ୍ଟ ନୁହେ ଏବଂ ଦୟାର ଅନୁରୋଧ ସ୍ଥଳେ ମା ୧ ମ ଦଣ୍ଡ ସଥେଷ୍ଟ ହୋଇଥାନ୍ତା । ସମ୍ପାଦକଙ୍କର ପକ୍ଷେ ହେଲା । ତାହାଙ୍କ ଅଦେ- ଶରେ ସେହି ପ୍ରବନ୍ଧମାନ ପ୍ରକାଶ ହୋଇଥିବାର ଏବଂ ଏଥି ପୂର୍ବେ ଏପରି ଲେଖା ନିମନ୍ତେ ତାହାଙ୍କୁ ସତର୍କ କରାଯାଇଥିବାର ପ୍ରମାଣ ହେବାରୁ ଅଧି- କାଂଶ ଜୁରିମାନେ ସେ ଦୋଷୀ ଥିବାର ମତ ଦେଲେ ଏବଂ ବିଚାରପତି ତାହା ଗ୍ରହଣ କରି

Digitized by srujanika@gmail.com

ତାହାଙ୍କୁ ବଡ଼ା ପରଗଣାମରେ ଏକ ବର୍ଷ କାରାବାସର ଦଣ୍ଡ ଦେଲେ । ସ୍ତ୍ରୀ ଅଭକ୍ତି ଘଟିତ ମୋକଦ୍ଦମା କମୁଅଛି ଖଣ୍ଡ ହେଉ ନାହିଁ ବଡ଼ ଦୁଃଖର ବିଷୟ ଅଟେ ।

---

ବାଲେଶ୍ୱର ଜିଲ୍ଲାଅନ୍ତର୍ଗତ ଧାମନଗର ଓଡ଼ିଶାର ଗୋଟିଏ ପ୍ରାଚୀନ ପ୍ରସିଦ୍ଧ ସ୍ଥାନ ଅଟେ । ସେଠାରେ ନିକଟରେ ଗୋଟିଏ ଯଜ୍ଞ ହୋଇଥିବାର ଜଣେ ପତ୍ରପ୍ରେରକ ଲେଖି ପଠାଇଅଛନ୍ତି । ସ୍ଥାନାଭାବରୁ ସମୁଦାୟ ପତ୍ର ପ୍ରକାଶ କରିବାକୁ ଅକ୍ଷମ ହୋଇ ତହିଁର ସଂକ୍ଷେପ ବିବରଣ ପାଠକମାନଙ୍କୁ ଜଣାଇଲୁଁ । ଯଥା —

ଧାମନଗର ଗ୍ରାମନିବାସୀ ଶ୍ରୀ ଗୌରଶ୍ୟାମ ମହାନ୍ତିନାମକ ଜଣେ କରଣ ଦୁଇବର୍ଷହେଲା ବୈଷ୍ଣବଦୀକ୍ଷା ଗ୍ରହଣପୂର୍ବକ ନୈଥିସ୍ୱଦ ତୀର୍ଥ ଭ୍ରମଣ କରି ଆସି ସେହି ଗ୍ରାମରେ ଅବସ୍ଥାନ କରୁଅଛନ୍ତି । ସେ ଗୋଟିଏ ଯାଗ କରିବାର ଇଚ୍ଛା ପ୍ରକାଶ କରନ୍ତେ କଶିଗ୍ରାମ ନିବାସୀ ଜନହିତୈଷୀ ବାବୁ ଜଗବନ୍ଧୁ ବୃନ୍ଦାବନଚନ୍ଦ୍ର ହରିଚନ୍ଦନ ସ୍ୱୟଂ ମହାପାତ୍ର ଓ ୧ ଜଣ ଭଣ୍ଡାରୀ ଓ ସମସ୍ତ କାଷ୍ଠ ଓ ବଂଶୀପାଉର ଜମିଦାର ଶ୍ରୀଯୁକ୍ତ ଘନଶ୍ୟାମ ଦାସ ଅନ୍ୟାନ୍ୟ ପ୍ରୟୋଜନୀୟ ସାହାଯ୍ୟ କଲେ । ଗତ ଜ୍ୟୈଷ୍ଠ ଏକାଦଶୀଦିନ ଯଜ୍ଞ ଆରମ୍ଭ ହେଲା ଓ ସେଦିନ ମ ୧ ମଣ ଘୃତ ହୋମ ଏବଂ ପ୍ରାୟ ୩୦୦୦ ଜଣ ନରନାରୀ ଭୋଜନ ହୋଇଥିଲା । ଯଜ୍ଞର ସମ୍ବାଦ ଶୁଣି ଚତୁର୍ଦ୍ଦିଗରୁ ଲୋକମାନେ ଘୃତ, ନୈବେଦ୍ୟସାମଗ୍ରୀ, ନଗଦ ଟଙ୍କା ପଇସା ଇତ୍ୟାଦି ଆଣି ଜମାହେଲେ । ଦିନକୁଦିନ ଯଜ୍ଞର ସମାରୋହ ଏମନ୍ତ ବୃଦ୍ଧି ହେଲା ଯେ ସପ୍ତମଦିବସରେ ଶେଷ ହେଲାଦିନ ମ ୫ ମଣ ଘୃତ ଯଜ୍ଞକୁଣ୍ଡରେ ଅର୍ପିତ ହେଲା ଓ ପ୍ରାୟ ୫ ହଜାର ଲୋକ ଭୋଜନ କଲେ । ନାନାଗ୍ରାମରୁ ଆବାଳ ବୃଦ୍ଧ ବନିତା ଏତେଲୋକ ସମବେତ ହୋଇଥିଲେ ଯେ ତିଳଏ ସ୍ଥାନ ମିଳିବା ଦୁଷ୍କର ଥିଲା । ଭଗ୍ୟରୁ ବୃଷ୍ଟିହେବାରୁ ଲୋକେ ଶୀଘ୍ର ବର୍ଷଣ ହେଉ ବାହାର ଯାଉଥିଲେ ନଚେତ୍ ଏମନ୍ତ ଭିଡ଼ରେ ଦୁର୍ଘଟଣା ଘଟିବାର ଆଶ୍ଚର୍ଯ୍ୟ ନ ଥିଲା ସ୍ଥାନୀୟ ବ୍ରାହ୍ମଣମାନଙ୍କ ସହିତ କେନ୍ଦ୍ରାପଡ଼ା ଓ ଯାଜପୁରରୁ ଅନ୍ତତ କେତେଜଣ ବୈଦିକ ପଣ୍ଡିତ ଯଜ୍ଞାନୁଷ୍ଠିତ ହୋଇଥିଲେ । ଏହି ବ୍ୟାପାରରୁ ଜଣାଯାଏ ଯେ ଯଜ୍ଞାଦିରେ ଏ ଦେଶୀୟ ଲୋକଙ୍କର ଭକ୍ତି ଭକ୍ତି । ତ୍ୟାଗ ହୋଇଅଛି ଶୁଣିଲେ ଅମ୍ଭ ହୋଇଯାଉନ୍ତି ନାହିଁ । ଯେ ଯାହାର ସାଧ୍ୟମତେ ସାହାଯ୍ୟ କରନ୍ତି ଏବଂ ଦର୍ଶନ କରି କୃତାର୍ଥ ହୁଅନ୍ତି । ମାତ୍ର ସେପରିମାଣ ଧର୍ମନିଷ୍ଠା ଦେଖାଯାଉନ୍ତି ତ ତାହିଁ ଛାଡ଼ିପାରି ନାହୁଁ ।

---

ପୁସ୍ତକ ପ୍ରାପ୍ତି ସ୍ୱୀକାର ।

ସଙ୍ଗୀତଦୀପିକା ପ୍ରଥମଖଣ୍ଡ—ଶ୍ରୀ ବାବୁ ଜଗମୋହନ ବାସଲ୍ଲ୍ୟଦାସ ପ୍ରକାଶିତ, ଶ୍ରୀ ବାବୁ ଗୋପାଳବଲ୍ଲଭ ଦାସ ଏମ, ଏ, ଙ୍କ ନାମରେ ଉତ୍ସର୍ଗିତ ଏବଂ କଟକ ସାମ୍ୟପ୍ରେସରେ ମୁଦ୍ରିତ । ପୁସ୍ତକର କଲେବର ପୃ ୧୭୫ ଖ୍ରୀ ଏବଂ ମୂଲ୍ୟ ଟ ୦ ୫ । ଉତ୍କଳରେ ସଙ୍ଗୀତର ଚର୍ଚ୍ଚା ଅତି ପ୍ରାଚୀନ କାଳରୁ ହୋଇ ଆସୁଅଛି ନାନା ସ୍ୱର ବର୍ଣ୍ଣ ଓ ତାଳସଂଯୁକ୍ତ ଛନ୍ଦ ଚୌପଦୀ ଇତ୍ୟାଦିରୁ ତାହା ସ୍ପଷ୍ଟରୂପେ ପ୍ରକାଶ । ସେ ସବୁର ସଂଖ୍ୟା ଏତେ ଯେ ପ୍ରାୟ ଦ ୩୫ ର୍ଷ ହେଲା ଛପା ହେବାର ଆରମ୍ଭ ହୋଇ ଏପର୍ଯ୍ୟନ୍ତ ଶେଷ ହୋଇ ପାରି ନାହିଁ । ସେ ସବୁର କବିମାନେ ଯେ ସୂକ୍ଷ୍ମ ସଙ୍ଗୀତ ଶାସ୍ତ୍ରରେ ନିପୁଣ ନ ଥିଲେ ଓ ସ୍ୱର ତାଳାଦିର ପ୍ରୟୋଗରେ ଗୀତ ରଚନା କରିବାର ସମ୍ଭବ ନୁହେ । ଦୁଃଖର ବିଷୟ ଯେ ସେମାନେ ଅନେକାନେକ ଶାସ୍ତ୍ରର ଅନୁବାଦ ବା ବ୍ୟାଖ୍ୟା ଉତ୍କଳଭାଷାରେ କରିଯାଇଥିବା ପ୍ରତ୍ୟକ୍ଷେ ସଙ୍ଗୀତ ତତ୍ତ୍ୱ ଜ୍ଞାପକ କୌଣସି ଗ୍ରନ୍ଥ ଲେଖି ନାହାନ୍ତି ଅଥବା ଲେଖି ରଖିଥିଲେ ଅଦ୍ୟାପି ପ୍ରଚାରିତ ହୋଇ ନାହିଁ । ବର୍ତ୍ତମାନ୍ ଦାକ୍ଷିଣାତ୍ୟ ଉତ୍କଳୀୟଙ୍କ ମଧ୍ୟରେ କେହି୨ ସଙ୍ଗୀତଜ୍ଞ ବ୍ୟକ୍ତି ଥିବାର ଶୁଣିଅଛୁଁ ମାତ୍ର କେହି କୌଣସି ପୁସ୍ତକ ପ୍ରଣୟନଦ୍ୱାରା ଲୋକ ଶିକ୍ଷାର ଯତ୍ନ କରି ନାହାନ୍ତି । ତେବେ ଓଡ଼ିଶାର କଥା କ କହିବୁ ? ଏଠାରେ ସଙ୍ଗୀତଚର୍ଚ୍ଚା ଯଥେଷ୍ଟ ଥିଲେହେଁ ଲୋକମାନେ ଏମନ୍ତ ଅଭ୍ୟସ୍ତ ହୋଇଅଛନ୍ତି ଯେ ସ୍ୱର ଯାହାହେଉ ପଛକେ ଗୀତର ରଚନା ଓ ଭାବ ଭଲ ହେଲେ ମହାନନ୍ଦ ଲାଭ ହେଲା । ବାସ୍ତବରେ ଏଠା ଲୋକଙ୍କର ସ୍ୱର ରାଗିଣୀର ଜ୍ଞାନ କେବଳ ଶୁଣା କଥା ଉପରେ ନିର୍ଭର । ଏହି ନ୍ୟୂନତା ଦୂର କରିବା ଆଶାରେ ଜଗମୋହନ ବାବୁ ସମାଲୋଚିତ ଗ୍ରନ୍ଥ ପ୍ରକାଶ କରି ଅମ୍ଭମାନଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଉର୍ଦ୍ଦୁ ଓ ବଙ୍ଗଳା ଭାଷାରେ ସଙ୍ଗୀତତତ୍ତ୍ୱ ଓ ସାଧନ ଗ୍ରନ୍ଥମାନ ବହୁକାଳରୁ ପ୍ରକାଶିତ ହୋଇଅଛି । ମାତ୍ର ଉତ୍କଳରେ ଏହି ସଙ୍ଗୀତ ଶିକ୍ଷା ପ୍ରଥମ ଗ୍ରନ୍ଥ ଅଟେ । ଅବଶ୍ୟ ଅନେକାନେକ ଗ୍ରନ୍ଥରୁ ଏହା ସଙ୍କଳିତ ହୋଇଅଛି ଏବଂ ଜ୍ଞାତବ୍ୟ ବିଷୟମାନ ପ୍ରକାଶ କରିବାରେ ଯତ୍ନର ତ୍ରୁଟି ହୋଇ ନାହିଁ । ଏହାକୁ ମନୋଯୋଗ ପୂର୍ବକ ପଢ଼ିବା ନିମନ୍ତେ ଅମ୍ଭେମାନେ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ । ଏହା ପାଠ କଲେ ସହଜରେ ସଙ୍ଗୀତ ଶିକ୍ଷା ଲାଭ ହେବ ଏମନ୍ତ ଆଶା କରି ନ ପାରୁଁ ମାତ୍ର ସ୍ୱର ରାଗ ତାଳାଦି ପଦାର୍ଥ ଓ କି ପ୍ରକାରେ ସେମାନେ ଚଳାଯିବେ ଏବଂ କେମନ୍ତ ସାଧନରେ ଅଭ୍ୟସ୍ତ ହେବେ ସେ ସମସ୍ତ ପାଠକମାନେ ଜାଣି ପାରିବେ ଏବଂ ଯାହାର ଶ୍ରଦ୍ଧା ହେବ ସେ ତହିଁରେ ଶ୍ରମ କରିବାକୁ ପ୍ରବୃତ୍ତ ହେବ । ସଙ୍ଗୀତବିଦ୍ୟା ଅତ୍ୟନ୍ତ କଠିନ ବିଦ୍ୟା ସୁନିପୁଣ ସଙ୍ଗୀତଜ୍ଞର ସହବାସ ଓ ଉପଦେଶ ବିନା ଶିକ୍ଷା ଏବଂ ଦୀର୍ଘକାଳ ସାଧନ ବିନା ତହିଁରେ ଅଧିକାର ଲାଭ ହେବା ଅସମ୍ଭବ । ଏ ପୁସ୍ତକରେ ଜ୍ଞାତବ୍ୟ ବିଷୟର ଆଭାସ ମାତ୍ର ଯାହା ଦିଆଯାଇଅଛି ତହିଁରୁ ପାଠକମାନେ ଏହାର କଠିନତା ବୁଝି ପାରିବେ । ଓଡ଼ିଶାରେ ଦକ୍ଷିଣୀ ଏବଂ ହିନ୍ଦୋସ୍ଥାନୀ ଏହି ଦୁଇ ମତର ସଙ୍ଗୀତ ପ୍ରଚଳିତ ଅଛି ଏବଂ ସେ ସବୁ ଏକ ମୂଳରୁ ଉଦ୍ଭବ ହୋଇଥିଲେହେଁ ସ୍ୱର ତାଳାଦିର ନାମ ଓ ସାଧନ ପ୍ରଣାଳୀରେ ଅନେକ ପ୍ରଭେଦ ଘଟୁଅଛି । ଗ୍ରନ୍ଥକାର ଓଡ଼ିଶା ସକାଶେ ଏ ପୁସ୍ତକ ପ୍ରକାଶ କରିଥିବା ସ୍ଥଳେ ଏ ପ୍ରଦେଶରେ ବହୁତର ସ୍ଥାନରେ ପ୍ରଚଳିତ ଥିବା ଦକ୍ଷିଣୀ ସଙ୍ଗୀତର ଅଧିକ ପରିଚୟ ହୋଇଥିଲେ ଭଲ ହୋଇଥାନ୍ତା । ଗ୍ରନ୍ଥର ଶେଷ ଅଧ୍ୟାୟରେ ନାନା ରାଗ ଓ ତାଳର କେତେଗୁଡ଼ିଏ ଓଡ଼ିଆ ଗୀତ ପ୍ରକାଶିତ ହୋଇଅଛି । ମାତ୍ର ଏକ୨ ଗୀତକୁ ଗୋଟିକ ଭିନ୍ନ୨ ସ୍ୱର ଓ ତାଳରେ ଗାଉଥିବା ସ୍ଥଳେ ତାହାର ଗାଇବା ଠିକ ହେଲା ତାହା ବୁଝିବାର କୌଣସି ଉପାୟ ନାହିଁ । ପ୍ରକୃତରେ ଅନେକ ଲୋକ ସ୍ୱର ବିଶେଷର କଣ୍ଠସ୍ଥ ପରିଚୟ ହୃଦୟଙ୍ଗମ କରି ନ ପାରି ଏକପ୍ରକାର ଗାନ୍ତି ଏବଂ ଏକପ୍ରକାର ନାମ କହନ୍ତି । ଏହି ଭ୍ରମ ନିବାରଣର ଚେଷ୍ଟା କରିବା ଆବଶ୍ୟକ । ଭରସା କରୁଁ ଗ୍ରନ୍ଥକାର ଯେତେକେତେଲେ ଏ ବିଷୟରେ ଏତେ ଶ୍ରମ ସ୍ୱୀକାର କରିଅଛନ୍ତି ଏବଂ ଅନ୍ୟ ଖଣ୍ଡ ପ୍ରକାଶ କରିବାକୁ ପ୍ରସ୍ତୁତ ହୋଇଅଛନ୍ତି କେତେକେତେ ସେ ତହିଁରୁ ବିରତ ହେବେ ନାହିଁ । ସର୍ବସାଧାରଣଙ୍କଠାରେ ବିଶେଷ ଅନୁରୋଧ ତାହାଙ୍କୁ ଯଥୋଚିତ ଉତ୍ସାହ ପ୍ରଦାନ କରିବେ । ତହିଁରେ ତ୍ରୁଟି ହେଲେ ତାହାଙ୍କର ଦୋଷ ହେବ ନାହିଁ ।

---

Split by PDF Splitter
Digitized by srujanika@gmail.com

Split by PDF Splitter



## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଲାଲ ୀ ଜ । ଡମପଡ଼ା | | ଟ ୭ |
| ବାବୁ ଗୋବିନ୍ଦ ମିଶ୍ର | ଭାଗ୍ନୋଡରପୁର ସ୍କୁଲ | ଟ ୧ |
| ,, ଗୌରଙ୍ଗ ମହାପାତ୍ର | କଟକ | ଟ ୧ |
| ,, ଗଙ୍ଗାଧର ପ୍ରବୃତି | କୁଦୋଳ | ଟ ୩ |
| ,, ପଣ୍ଡା | ତେଲୁଙ୍ଗ | ଟ ୩ |
| ,, ବାଞ୍ଛାନିଧି ମହାନ୍ତି | ଖଳଗୁଡ | ଟ ୩୪ |
| ,, ମଦନମୋହନ ପଟ୍ଟନାୟକ | ଉଦାଳା | ଟ ୩ |
| ,, ଗୋପୀମୋହନ ଦାସ | ମାହାଙ୍ଗା | ଟ ୩ |
| ,, ଜଗନ୍ନାଥ ଘୋଷ | କଟକ | ଟ ୧ |
| ,, ବୈକୁଣ୍ଠନାଥ ଦାସ | ,, | ଟ ୧ |
| ,, ଗୋବିନ୍ଦଚନ୍ଦ୍ର ମହାପାତ୍ର | ମୟୂରଭଞ୍ଜ | ଟ ୩ |
| ,, ଗୋବିନ୍ଦଚନ୍ଦ୍ର ମିଶ୍ର | ଅନନ୍ତପୁର ଭେଦୁଙ୍ଗା | ଟ ୧ |
| ,, ରାମଚରଣ ମିଶ୍ର | କଟକ | ଟ ୧ |
| ଶ୍ରୀମତୀ ଗୋପମ ରତ୍ନପତାକୀ | ଖାଜନବର | ଟ ୩ |

# ବିଜ୍ଞାପନ ।

## NOTICE.

"Wanted a compounder for Sri Rajah's Charitable Dispensary Surangi Salary Rs. 10 per mensem. Preference will be given to experienced Hindu applicants. Applications will be received up to 20th instant by the undersigned". Address—
Sri Chandra Chudamani Raja Harichandan Jagadeva Esquire.
Raja of Surangi.

ଅତି ସୁଲଭ ! ଛଣି ରଥ ! ! ଆଉ ବିଳମ୍ବ ନାହିଁ
ହିନ୍ଦୁମାନଙ୍କର ପରମାଦରଣୀୟ ଧର୍ମ ସତର୍ଥ

## ଶ୍ରୀ ଚୈତନ୍ୟଚରିତାମୃତ ।

ଓଡ଼ିଆ ଅକ୍ଷରରେ
ଛପା ସମ୍ପୂର୍ଣ୍ଣ ହେଲା ।

ଏଥିରେ ସଂସ୍କୃତ ଶ୍ଳୋକ, ଭାଷା ଓ ପଦ୍ୟ ଟୀକା ହୋଇଅଛି । ଏ ପୁସ୍ତକ ପୃ ୬୪୫ ଖଣ୍ଡରେ ସମ୍ପୂର୍ଣ୍ଣ ।

ଏ ପୁସ୍ତକ ସମ୍ବନ୍ଧରେ ଅମ୍ଭେମାନେ ପୂର୍ବରୁ ବିଜ୍ଞାପନ ଦେଇଥିବାରୁ ଗ୍ରାହକମାନଙ୍କର ଯେପରି ଆଗ୍ରହ ଦେଖୁଅଛୁଁ ପ୍ରାୟ ଅଳ୍ପଦିନ ମଧ୍ୟରେ ବହି ଶେଷ ହେବାର ସମ୍ଭବ ଅଛି ବହି ଶେଷ ହେଲେ ମିଳିବା ଦୁଷ୍ପ୍ରାପ୍ୟ ଏଣୁକରି ଗ୍ରାହକମାନଙ୍କୁ ବିଶେଷରୂପେ ଅନୁରୋଧ କରୁଅଛୁଁ ଯେ ଯେଉଁମାନଙ୍କର ଚୈତନ୍ୟ ମହାପ୍ରଭୁଙ୍କଠାରେ ଭକ୍ତି ଓ ଶ୍ରଦ୍ଧା ଅଛି ସେମାନେ ଏ ସୁବିଧା ଛାଡ଼ିବେ ନାହିଁ

ଗ୍ରାହକମାନଙ୍କ ସୁବିଧାପାଇଁ ଏ ପୁସ୍ତକର ମୂଲ୍ୟ ଆଗାମୀ ଦୁର୍ଗାପୂଜା ପର୍ଯ୍ୟନ୍ତ ଟ ୪ ସ୍ଥଳେ ଟ ୨ ଙ୍କା କରାଗଲା ।

ପ୍ରିଣ୍ଟିଂକମ୍ପାନୀଙ୍କ ସେକ୍ରେଟାରୀଙ୍କ ନିକଟକୁ ପତ୍ର ଲେଖିଲେ ପୁସ୍ତକ ଭେଲ୍ୟୁ ପେବଲ ପାର୍ଶଲରେ ପଠାଯିବ ।

# S. BASACK & Co.

No. 200 Harrison road Bara Bazar
CALCUTTA
THE UNIVERSAL AGENY"

ସର୍ବସାଧାରଣଙ୍କର ସୁବିଧା ନିମନ୍ତେ ସମସ୍ତପ୍ରକାର ମନୋହରୀ ଦ୍ରବ୍ୟ—ଅତର, ଗୋଲାପ, ଏସେନ୍ସ କାମିନୀମାନଙ୍କର ବସ୍ତୁପ୍ରିୟ କେଶବର୍ଦ୍ଧନକାରୀ କୁସୁମସୁରଭି ତୈଲ, କେଶ ଫହାରକତୈଲ ଓ ସାବାନ, ସୁବାସିତ ବାଳର କଲ୍, କ୍ଲକଘଣ୍ଟା, ପକେଟଘଣ୍ଟା, ଟାଇମପୀସ, ବସ୍ତୁବଧ ସୁନ୍ଦର ଜଞ୍ଜିର, ଫଣ୍ଟ ଅଙ୍ଗୁଷ୍ଠି, ସିଲମୋହର, ରବରଷ୍ଟାମ୍ପ ମ୍ୟାଜିକ ପକେଟ ଲେମ୍ପ, ବରଫ ଜମାଇବାର କଲ, ଦେଶୀ ସୋଡ଼ା ଓ ଲେମନେଡ଼୍‌କଲ ବାଲକୁଷ୍ଠାଇବାର କଲ ଦାଢ଼ୀ ଛିର କରିବାର କଲ, ପକେଟ ଛୁରୀ, ଷୋଳପଦର କୁସ୍ତି, ଅର୍ଥାତ୍ କୁସ୍ତ କରୁଣି, ଉଦା, କଣ୍ଠା ଇତ୍ୟାଦି ) ନାନାପ୍ରକାରର ପସନ୍ଦଯୋଗ୍ୟ ଦେଶୀ ଓ ବିଲାତି ଟ୍ୟାଲ; ଶାଢ଼ୀ, ମଲମଲ ଚଦର, ମୋଜା, ଗଞ୍ଜିଫରାକ, ଅଙ୍ଗରଖା, କୋଟ, ରେସମୀବମ୍ବେଇ ଓ ପାରସୀ ଶାଢ଼ୀ, ସୁନ୍ଦର ବେଣ୍ଡଲଗା ରେସମୀ ଛତା ଇତ୍ୟାଦି । ହିନ୍ଦୁଦେବ ଦେବୀ ମୂର୍ତ୍ତି ଓ ବିଲାତି ଛବି, ସରିଆ—ମେଜ, ଚୌକି, ଅଲମାରି—ସକେଲ ଭଙ୍ଗ, ଦୁଧପଙ୍ଖାଯନ୍ତ୍ର, ଦୁଃସାଧ୍ୟ କଠିନ କଠିନ ରୋଗର ଅବ୍ୟର୍ଥ ମହୌଷଧ ପ୍ରଭୃତି ସବୁବେଳେ ଅମ୍ଭମାନଙ୍କ ନିକଟରେ ପ୍ରସ୍ତୁତ । ଏତଦ୍‌ଥାରେ ଯେଉଁ ଜିନିଷର ଫରମାସ କରିବ ତାହା ଶୀଘ୍ର ସୁବିଧାଦରରେ ପଠାଇ ଦେଉଁ ।

ଅମ୍ଭେମାନେ ସହର ଓ ମୋଫସଲ ନିବାସୀ ସମସ୍ତ ବନ୍ଧୁବର୍ଗଙ୍କୁ ଅମ୍ଭମାନଙ୍କ ସହିତ କାରବାର କରିବାକୁ ଅନୁରୋଧ କରୁଁ ପ୍ରାୟ ସମସ୍ତ ଜିନିସ ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନ, ଆମେରିକା ପ୍ରଭୃତି ରାଜ୍ୟରୁ ଅଣାଇ ସୁବିଧାଦରରେ ବିକ୍ରୟ କରୁଥାଉଁ ବ୍ୟବସାୟ ନିମନ୍ତେ ଏକଥରକେ ଅନେକପରିମାଣ ଦ୍ରବ୍ୟାଦି ଖରିଦ କଲେ ଉଚିତ ବଜାରଦର ଉପରେ ଶତକଡ଼ା ଦୁଇଟଙ୍କା କମିଶନ ନେଇ ଶୀଘ୍ର ମାଲ ପଠାଇ ଦେଉଁ ।

କାର୍ଯ୍ୟ ସମ୍ବନ୍ଧୀୟ ଚିଠିପତ୍ର ଅମ୍ଭମାନଙ୍କର ମାନେଜରଙ୍କ ନାମରେ ଲେଖିବାକୁ ହେବ । ମୋଫସଲବାସିମାନେ ଫରମାସ ସଙ୍ଗରେ ଅଗ୍ରୀମ ଟଙ୍କା ପଠାଇବେ । ତାହା ନ ହେଲେ ସେମାନଙ୍କ ନାମରେ ଭେଲ୍ୟୁପେବଲ ଡାକରେ ମାଲ ପଠାଯିବ କୌଣସି ଦ୍ରବ୍ୟ ପସନ୍ଦ ନ ହେଲେ ଫେରନେବାକୁ ସ୍ୱୀକୃତ ଅଛୁଁ ।

## ଏସ, ବସାକ କୋମ୍ପାନୀ

ଜେନ୍ୟୁରଲ ମରଚ୍ଚେଣ୍ଟ ଓ କମିଶନ ଏଜେଣ୍ଟ ।
ନ ୨୦୦ ମୂର ହରିସନ ରୋଡ଼ ବଡ଼ବଜାର
କଲିକତା

## ADVERTISEMENT.

The 2nd Mastership of the Mourbhanj High English School with a salary of Rs. 50 ( Fifty ) a month is vacant. None need apply who is not a graduate.

Local graduates strong in mathematics will have preference. The candidate appointed will have to give a guarantee that he will stick to the post for 3 years. Mourbhanj is within easy reach of the Balasore railwaystation and is a healthy place.

Applications will be received till the 15th instant.

Mourbhanj Supdt. P. I's. office 5—7—99.

*Ram Das Chakrabarty.*
*Supdt. of P. Instruction*
*In charge*
Mourbhanj.

## ଫଟୋଗ୍ରାଫ ।

( ମନୁଷ୍ୟାଦି ନାନାଜୀବ ଓ ଦୃଶ୍ୟାଦିର ଛବି ବା ଛାପ ) ସୁଲଭ ମୂଲ୍ୟରେ ଅଙ୍କିତ ହେଉଅଛି । ଯାହାଙ୍କର ନିଜର ପତ୍ନୀ ଅବା ପ୍ରିୟ ବନ୍ଧୁ ପୁତ୍ର ଓ ବୃଦ୍ଧ ପିତା ଆଦି ଗୁରୁଜନମାନଙ୍କର ଛବି ପ୍ରସ୍ତୁତ କରାଇ ସ୍ମରଣ ନିମନ୍ତେ ଗୃହରେ ରଖିବାର ବାସନା ଥାଏ ସେମାନେ ଏଠାରେ ଉପସ୍ଥିତ ହୋଇ ଜଣାଇଲେ ଶୀଘ୍ର କାର୍ଯ୍ୟ ପାଇପାରିବେ ।

ପ୍ରତ୍ୟହ ଦିପହରଠାରୁ ସ ୪ ଘ ଯାଏ ଉପରୁ ଏ କାର୍ଯ୍ୟ ହେବାର ଧାର୍ଯ୍ୟ ହୋଇଅଛି । ଏହା ଛଡ଼ା ଯାହାଙ୍କର ପିତା ମାତା ଭ୍ରାତା ଭଗିନୀ ପୁତ୍ର କନ୍ୟାଦି ସମସ୍ତ ପରିବାରଙ୍କର ଛବି ନିଜ ନିଜ ଗୃହରେ ପ୍ରସ୍ତୁତ କରାଇବାର ଆବଶ୍ୟକ ହେବ ସେମାନେ ତାହାଁର ସ୍ୱତନ୍ତ୍ର ବନ୍ଦୋବସ୍ତ କଲେ ସଫଳ କାମ ହୋଇ ପାରିବେ । ଏତାଦୃଶ ଅନ୍ୟ କାର୍ଯ୍ୟ କରିବା ସ୍ଥାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଅଥବା ଆଲମଚାନ୍ଦ ବଜାର ଅମ୍ଭ ଘରଠାରେ ଅମ୍ଭଠାରୁ ବୁଝିବେ ।

ଶ୍ରୀ ଭାଗୀରଥୀ ପଟ୍ଟନାୟକ ।

Digitized by srujanika@gmail.com

## NOTICE.

Tenders are invited in P. W. D. Form No. K. 2 for colllection of metals on the Athgur portion of Cuttack-Angul Road from Nayapatna to Dhenkanal boundary at Jharan to be executed during 1899—1900. The undersigned is not bound to accept the lowest or any tenders. All the tenders will be opened at 3 P. M. on the 25th July 1899. before the tenderers who may be present at the time. Contractors will be required to furnish security deposit @ 5 per cent of the estimated amount otherwise 10 per cent of their due will be withheld from their bills till the completion of the work.

| Description of metals. | Quantity. |
|---|---|
| Soling broken into 4" cubes | 100000 c. ft. |
| Metal broken into 1½" cubes | 100000 c. ft. |
| Gravel | 36000 c. ft. |

Angul District Engineer's office Dhenkanal 4—7—1899. } B. C. Majumdar, *District Engineer,* ANGUL.

## ବିଜ୍ଞାପନ ।

ଏତଦ୍ୱାରା ଓଡ଼ିଶାର ସମସ୍ତ ଓଡ଼ିଆ ହିନ୍ଦୁ ସନ୍ତାନମାନଙ୍କୁ ଜଣାଇ ଦଆଯାଉ ଯେ ଆମ୍ଭର ପରଲୋକ ପ୍ରାପ୍ତ ଶ୍ରୀଦେବୀ କଲନୀ ଶ୍ରୀମତୀ ମହାଦେବୀ କେଉଁଙ୍କ ନାମ ପ୍ରତି ବାତ୍ସଲ୍ୟ ସ୍ନେହ ସ୍ମରଣାର୍ଥେ ଆମ୍ଭେ ୫ ୨୯ ଟଙ୍କାର "ମହାଦେବୀ ପୁରସ୍କାର" ଦେବାକୁ ଇଚ୍ଛୁକ ଅଛୁ । ଆଗାମୀ ଛାତ୍ରବୃତ୍ତି ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିବା ବାଳକ ଏହି ପୁରସ୍କାର ପାଇବେ ।

୫।୭।୯୯ } ଶ୍ରୀ ମାଧବଚନ୍ଦ୍ର ମିଶ୍ର ସୁପରିଣ୍ଟେଣ୍ଡେଣ୍ଟ ଗବର୍ଣ୍ଣମେଣ୍ଟ ହୋଷ୍ଟେଲ ଖୋର୍ଦ୍ଧା ।

## NOTICE

GRAND FOOT-BALL & CRICKET MATCH.

The White Rose. Vs. The Red Rose.

KHURDA H. E. SCHOOL.

Time for Cricket 7 to 11 A. M. of 6th August 1899

Time for Football 5-30 to 6-30 P. M. of Do.

Place—Government Hostel maidan

The result will be published soon after the match is over.

The 5th July 1899 } M. C. Misra. Superintendent Government Hostel KHURDA.

## NOTICE

Cuttack District Board.

Tenders are hereby invited for the execution of the undermentioned works on the Hansuah Drainage at Adhang, Parganah Harihurpur.

Intending Tenderers can obtain all information from the District Engineer's Office. Tenders will be on Form No. 2 which will be supplied free of charge.

Tenders are to be submitted to the District Engineer before the 1st Augt. 1899 in sealed covers superscribed "Tender for Hansuah Bridge."

If the amount of Tender does not exceed Rs. 2000 the Tender must be accompanied by Rs. 50/- in currency notes as earnest money, if above that amount Rs. 100/- earnest money must be deposited.

The General specification of work, Orissa Circle will be in force.

The Chairman District Board does not bind himself to accept the lowest or any Tender.

| Approximate quantities | Description of works | Rate | Date of completion |
|---|---|---|---|
| 4,000 c. ft. | Earth work in Foundation. | | End of March 1900 |
| 1,700 ,, | Concrete in Do. | | |
| 3,700 ,, | 1st Class Brick Masonry. | | |
| 20,000 ,, | Earth work in diverting Nala. | | |
| 2,99,000 ,, | Earth work in Embankment across nala including preliminary dressing | | |
| 2,450 ,, | Laterite Rubble, delivered at site. | | |
| 2,450 ,, ft. | Laterite Rubble, pitching only. | | 15th Augt 1900 |
| 26,500 s. ft. | Turfing and final dressing. | | |
| 168 c. ft. | Sal wood work. | | |
| 1760 s. ft. | Sand and lime plastering. | | |
| 90 Maunds | Iron—Carting from Jobra to site. | | |

Cuttack District Engineer's Office, The 4th July 1899. } Luis E. Desgrstoulet, District Engineer Cuttack.

## NOTICE.

Wanted a Head Clerk and Sherestadar for the office of the manager of Dhenkanal on a salary of Rs. 45 a month. Apply to the undersigned with copies of testimonials, stating age, academical attainments a length of official experience.

Dhenkanal, Manager's office 6—7—99. } Jagan Mohan Ghose, *Manager.*

## NOTICE.

Akhoyapada Jajpur Division

GOVERNMENT TRANSPORT SERVICE.

In Supersession of previous notice dated 8 instant the S. L. *Aurora* will leave Cuttack (Jobra Ghat) and the S. L. *Pioneer* will leave Bhadrak at 8 A. M. on Mondays, Thursdays and Saturdays, returning to Cuttack and Bhadrak respectively at about 6 A. M. on Tuesdays, Fridays and Sundays.

Akhoyapada D/24th June 1899 } *Sd.* J. C. Hewitt Ex: Engineer Akhoy: Jaj: Division.

## ବିଜ୍ଞାପନ ।

ଅନୁଗୋଳ ଜେଲ କମିଶ୍ର ଭଳେ ଏକ ଅଧିଷ୍ଠାତା ଜେଲର ଅବଶ୍ୟକ ।

ପ୍ରାର୍ଥୀଙ୍କର ନିମ୍ନଲିଖିତମତେ ଯୋଗ୍ୟତା ଥିବାର ବାଞ୍ଛନୀୟ ।

( ୧ ) ସରକାରୀ କାର୍ଯ୍ୟୋପଯୁକ୍ତ ଶାରୀରିକ ସ୍ୱାସ୍ଥ୍ୟ ଓ ସବଳତା ବିଷୟରେ ସିଭିଲସର୍ଜନଙ୍କ ସାର୍ଟିଫିକେଟ ।

( ୨ ) ବୟସ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ନାହିଁ ଏବଂ ଉଚ୍ଚତା ୫ ଫୁଟ ୬ ଇଞ୍ଚରୁ ନ୍ୟୁନ ହେବ ନାହିଁ ।

( ୩ ) କଲିକତା ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ଏବଂ ଇଂରାଜୀ ବଙ୍ଗଳା ଓ ଓଡ଼ିଆ ଭାଷାରେ ଉତ୍ତମ ଅଭିଜ୍ଞ ।

ଉକ୍ତ ସ୍ୱାକ୍ଷରକାରୀଙ୍କ ନିକଟରେ ଆବେଦନ ପତ୍ର ଆସନ୍ତା ଜୁଲାଇ ମାସ ଶେଷ ତାରିଖ ପର୍ଯ୍ୟନ୍ତ ଗୃହୀତ ହେବ ।

Angul Dy. Comr's office Angul the 28th June 1899 } E. Mc. L. Smith Deputy Commissioner.

Split by PDF Splitter

Digitized by srujanika@gmail.com